
ଅଭିଶପ୍ତ
ଘୁଙ୍ଗୁର

# ଅଭିଶପ୍ତ ଘୁଙ୍ଗୁର

— ନାଟକ —

ଶ୍ରୀ ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ

ଦ୍ୱିତୀୟ ସସ୍କରଣ : ୧୯୭୭

କେତନ ଆର୍ଟ ପ୍ରିଣ୍ଟର୍ସ
କଟକ-୧

ତିନି ଟଙ୍କା ମାତ୍ର

ପରିବେଷଣ—

"ପ୍ରଶାନ୍ତ କଳାମନ୍ଦିର" ପୁରୀ

ଅଭିନୟ ରଜନୀ—ନଭେମ୍ବର ୧, ୨ ଓ ୩ ତାରିଖ, ୧୯୭୦
ସ୍ଥାନ—ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ

ଉଦ୍‌ଘାଟନ କରିଥିଲେ—

ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି
ମାନ୍ୟବର ଶ୍ରୀଯୁକ୍ତ ରାଜକିଶୋର ଦାସ

❋❋

ଭୂମିକାରେ—

ଗାୟତ୍ରୀ—ପୂର୍ଣ୍ଣିମା
କାବେରୀ—ସନ୍ଧ୍ୟାରାଣୀ
ମନୀଷା—ରେବତୀ
ଇନ୍ଦ୍ରଜିତ—ରାଧାକୃଷ୍ଣ
ନିର୍ମଳେନ୍ଦୁ—ଧୋଇ ( ଦୁର୍ଗାଚରଣ )
ମି: ସାମନ୍ତ—କ୍ଷେତ୍ରପାଳ ମିଶ୍ର
ଦେବାଶିଷ—ରାମଚନ୍ଦ୍ର
ବିଜନ—ନିରଞ୍ଜନ
ଷ୍ଟେନୋ—କୁଶିଆ ( କୃଷ୍ଣଚନ୍ଦ୍ର )
ମୋହରର—କେଦାର
ସରକାରୀ ଓକିଲ—ଲକ୍ଷ୍ମୀଧର ମହାପାତ୍ର
ମୁନ୍ନା—ଶିଶୁଶିଳ୍ପୀ କୁମାରୀ ଭୁମ
ପୋଲିସ S. I.—ବିଦ୍ୟାଧର
ତାଜ୍ ମହମ୍ମଦ—ବିଜୟ ଦାସ

ଅନ୍ତରାଳରେ—

ଆଲୋକ—ମଦନ

ମଞ୍ଚସଜ୍ଜା—ଅନ୍ନପୂର୍ଣ୍ଣା ଚଫାଲୟ

ବେଶବିନ୍ୟାସ—ପ୍ରକାଶ

ସ୍ମାରକ—ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ

ମଞ୍ଚ ପରିଚାଳନା—ଗଙ୍ଗା, ବୁଲୁ ଓ ରାଜୁ

ନୃତ୍ୟ ପରିଚାଳନା—ବିଜୟ

ଯନ୍ତ୍ରୀ—ହରିହର, ବୈଦ୍ୟନାଥ

ଗୀତକାର—ନିଜେ ନାଟ୍ୟକାର

ସଙ୍ଗୀତ ପରିଚାଳନା—ଅରୁଣ ସେଠ୍ ଓ ମହମ୍ମଦ ହାଫିଜ୍

ନାଟ୍ୟକାର—ଶ୍ରୀ ପୂର୍ଣ୍ଣଚନ୍ଦ୍ର କାନୁନଗୋ

ନିର୍ଦ୍ଦେଶନା—ଶ୍ରୀ ବିଜୟ ଦାସ

ଅନୁଷ୍ଠାନର ସେକ୍ରେଟାରୀ—ଶ୍ରୀ ରବୀନ୍ଦ୍ରକୁମାର ଦାସ, ଆଡ୍‌ଭୋକେଟ୍

ପ୍ରେସିଡେଣ୍ଟ—ଶ୍ରୀ ସଚ୍ଚିଦାନନ୍ଦ ନାୟକ, ଏମ୍. ଏ., ବି. ଏଲ୍.

Retd Joint Secy. Govt. of Orissa,

.............

ମୋ ସାଧନାର ନିର୍ଜ୍ଜନ ପ୍ରହରରେ—
କ୍ଳାନ୍ତ ଲେଖନୀ ମୋର ଯେତେବେଳେ
ଅବଶ ହୋଇପଡ଼େ,
ଠିକ୍ ସେତିକବେଳେ,
ପ୍ରତୀକ୍ଷାର ଅସରନ୍ତି ବେଳାଭୂମି ଉପରେ
ଠିଆହୋଇ···

ତମେ ଦେଇଛ ପ୍ରେରଣା···
ଦେଇଛ ଉତ୍ସାହ···
ତେଣୁ ତମରି ହାତରେ···

'କୃଷ୍ଣଚୂଡ଼ା' ପୁରୀ
ତା ୨୩।୨।୭୨

—ନାଟ୍ୟକାର

## ଏଇ ନାଟ୍ୟକାରଙ୍କର କେତୋଟି ସଫଳସୃଷ୍ଟି

| | |
|---|---|
| ❖ ମରୁ ଝରଣା | ଏକାଙ୍କିକା |
| ❖ ନଷ୍ଟନୀଡ଼ର ପକ୍ଷୀ | ଏକାଙ୍କିକା |
| ❖ ଜୀବନ ସଂଗ୍ରାମ | ନାଟକ |
| ❖ ମୁଁ ସୈତାନ କହୁଛି | ନାଟକ |
| ❖ ଅନ୍ଧ ଯମୁନା | ନାଟକ |
| ❖ କୃଷ୍ଣଚୂଡ଼ାର ହସ | ନାଟକ |
| ❖ ପଲାଶ କନ୍ୟା | ନାଟକ |
| ❖ ଅଭିଶପ୍ତ ଘୁଙ୍ଗୁର | ନାଟକ |
| ଓ | |
| ❖ ରାମ ଦାସ, ତୁମେ ହାରିଗଲ········· | ନାଟକ |

# ପ୍ରଥମ ଅଙ୍କ

## ପ୍ରଥମ ଦୃଶ୍ୟ

[ଜଣେ ଉଚ୍ଚପଦସ୍ଥ ସରକାରୀ ଅଫିସର Mr. Samantaଙ୍କର ଅତ୍ୟାଧୁନିକ ଅଟ୍ଟାଳିକାର ଗୋଟିଏ କକ୍ଷର ଅଭ୍ୟନ୍ତର । ସମୟ ସନ୍ଧ୍ୟା । ବାହାରେ ମେଘମୁକ୍ତ ଆକାଶରେ ଅଷ୍ଟମୀ ଚନ୍ଦ୍ରର ଅସ୍ପଷ୍ଟ ଜ୍ୟୋତ୍ସ୍ନାଲୋକର ପ୍ଲାବନ । କକ୍ଷ ମଧ୍ୟରେ କଥକ ନୃତ୍ୟର ତାଳେ ତାଳେ ନାଚୁଥିଲେ କୁମାରୀ 'କାବେରୀ । ତାଙ୍କ ସହିତ ତବଲା ସଙ୍ଗତ କରୁଥିଲେ ବିଖ୍ୟାତ ଆଡ୍‌ଭୋକେଟ୍ ନିର୍ମଳେନ୍ଦୁ ଚୌଧୁରୀ । ନିର୍ମଳେନ୍ଦୁ ସୁଠାମ ଯୁବକ, ଅଉ କାବେରୀ ସୁଶ୍ରୀ ତନ୍ୱୀ । ଲୋଭନୀୟ ତନୁଲତାରେ କୃଷ୍ଣଚୂଡାର ହସ । ଟିକିଏ ଦୂରରେ ବସିଥିଲେ ମିସେସ୍ ସାମନ୍ତ । ବୟସ ପ୍ରୌଳଣ । ଏବେ ବି ଦେହରେ ଭରିରହିଥିଲା ଅଟୁଟ ଯୌବନ । Mrs. ସାମନ୍ତ ଅବଶ୍ୟ ନିର୍ମଳେନ୍ଦୁଙ୍କ ଉପସ୍ଥିତିକୁ ପସନ୍ଦ କରୁ ନ ଥିଲେ ।

କିନ୍ତୁ ମୁହଁ ଖୋଲି କିଛି କହି ବି ପାରୁ ନଥିଲେ । ବିରକ୍ତିର ଭାବ ଫୁଟିଉଠୁଥିଲା ମୁହଁରେ । ନୃତ୍ୟ ସରିବାକୁ ହୁଏତ ଅଳ୍ପ ସମୟ ବାକି ଅଛି । ଭିତରକୁ ପଶିଆସିଲେ ଇନ୍ଦ୍ରଜିତ୍ । ବୟସ ଅଡ଼ତ୍ରିଶ । ନୁଖୁରା ବାଳଗୁଡ଼ାକ ଅଯତ୍ନଭାବେ ବିକ୍ଷିପ୍ତ । ଆଖି ଦୁଇଟାରେ ଶାଣିତ ଚାହାଣି । ଚେହେରାରେ ଭରି ରହିଥିଲା ରୁକ୍ଷତା । ମନେ ହେଉଥିଲା, ଜୀବନ ସଂଗ୍ରାମରେ ଠୋକ୍‌କର ଖାଇ ଖାଇ ଲୋକଟା ପଥର ହୋଇଯାଇଛି । ଘର ଭିତରକୁ ପଶିଆସିବା ସଙ୍ଗେ ସଙ୍ଗେ ତାଙ୍କର ଦୃଷ୍ଟି ପଡ଼ୁଛି, କାବେରୀ ପିନ୍ଧିଥିବା ସୁଦୃଶ୍ୟ ଘୁଙ୍ଗୁର ହଳକ ଉପରେ । ହଠାତ୍ ଯେପରି ସକ୍ ପାଇଲେ । ହଜିଲା ଅତୀତର ଛବି ସତେ ଯେପରି ନାଚିଉଠିଲା ତାଙ୍କ ଆଖି ଆଗରେ । ତା ପରେ ଜୋର୍‌ରେ ଚିତ୍କାର କରି ଉଠିଲେ—]

ଇନ୍ଦ୍ରଜିତ—ଏ ନାଚ ବନ୍ଦ କର, ବନ୍ଦ କର ଏ ନାଚ !

(ସବୁ ଶାନ୍ତ । ନାଚ ବନ୍ଦ ହୋଇଗଲା)

ଗାୟତ୍ରୀ—(ଇନ୍ଦ୍ରଜିତ୍‌ଙ୍କୁ ଦେଖି ଚମକିଉଠି ଅସ୍ପଷ୍ଟ ଭାବେ) ତମେ···!

ନିର୍ମଳେନ୍ଦୁ—ତମେ···ତମେ କିଏ ?

ଇନ୍ଦ୍ରଜିତ—(ନିର୍ମଳେନ୍ଦୁଙ୍କୁ ତୀକ୍ଷ୍ଣ ଦୃଷ୍ଟିରେ କିଛି ସମୟ ଚାହିଁ) ମୁଁ···ତମେ କିଏ ?

କାବେରୀ—ମନେହୁଏ ଲୋକଟା ପାଗଳ ।

ନିର୍ମଳେନ୍ଦୁ—ନା, କାବେରୀ ! ଦେଖୁନା, ତା ଆଖିରୁ କିପରି ନିଆଁ ବାହାରୁଛି ! ସେ ହୁଏତ ଗୋଟାଏ ମାରାତ୍ମକ ଖୁନୀ କିମ୍ବା ଡକାୟତ ।

ଇନ୍ଦ୍ରଜିତ—ତମେ ଠିକ୍ କହୁଛ young man, ମୁଁ ଗୋଟାଏ ମାଗୁଣିକ ଖୁନୀ। କିନ୍ତୁ କହିପାରିବ, ମୁଁ କାହା ପାଇଁ ଖୁନ୍ କଲି ? (ଗାୟତ୍ରୀଙ୍କୁ ଗ୍ଟହିଁ) କାହା ପାଇଁ ହସି ହସି ବରଣ କଲି କଳଙ୍କର ଏ ନିର୍ମମ ଜୟମାଳୀ।

ଗାୟତ୍ରୀ—(ବିବ୍ରତ ହୋଇ) ଦେଖ ବାବା, ନିର୍ମଳେନ୍ଦୁ ! ତମେ ଆଉ କାବେରୀ ଭିତରକୁ ଯାଅ। ମୋର ମନେହୁଏ, ତାଙ୍କର ମାନସିକ ବିକୃତି ଘଟିଛି। (ଶେଷ ଆଡ଼କୁ ସ୍ୱର ଥରୁଥିଛି)

ଇନ୍ଦ୍ରଜିତ— ଶେଷରେ ତମେ ବି ମନେ ପାଗଳ ବୋଲି କହିପାରିଲ ?

ନିର୍ମଳେନ୍ଦୁ— ଏ ଲୋକଟା କ'ଣ ଆପଣଙ୍କୁ ଚିହ୍ନେ ? ଆପଣ ତାକୁ ଜାଣନ୍ତି ?

ଗାୟତ୍ରୀ—ନା ନା, ନିର୍ମଳେନ୍ଦୁ ! ମୁଁ ତାଙ୍କୁ ଆଦୌ ଚିହ୍ନେନା। କେବେ କେଉଁଠି ଦେଖିଲି ପରି ବି ମନେ ହେଉନି।

ଇନ୍ଦ୍ରଜିତ—ମତେ ଚିହ୍ନନି ! ଜାଣନି ! (ସ୍ୱର ଆସ୍ତେ ଆସ୍ତେ ରୁକ୍ଷ ହୋଇଯାଉଛି) ପୁଣି ଛଳନା, ପୁଣି ଅଭିନୟ ! କାହିଁକି ? କାହିଁକି ସାଇତି ରଖିଛ ସେ ଅଭିଶପ୍ତ ଘୁଙ୍ଗୁର ଦୁଇଟା ? ସେ ଅଭିଶପ୍ତ ଘୁଙ୍ଗୁରର ସଙ୍ଗୀତ କ'ଣ ଏବେ ବି ଭୁଲିପାରିନା ?

କାବେରୀ —(ବିରକ୍ତିରେ) ଲୋକଟାକୁ ଧକ୍କା ଦେଇ ବାହାର ନ କଲେଯାଏ, ସେ ସହଜରେ ଯିବାପରି ମନେ ହେଉନି। ଏ ଲୋକଟା ପୁଣି ଏଠାକୁ କିମିତି ଆସିଲା !

ଇନ୍ଦ୍ରଜିତ—ଏ ଘୁଙ୍ଗୁର ଦୁଇଟା ତତେ ବି ନର୍କ ଭିତରକୁ ଟାଣିନବ। ସେ ଅଭିଶପ୍ତ ଘୁଙ୍ଗୁରର ସ୍ପର୍ଶ ଯେ ଥରେ ପାଇଛି, ସେ ଜଳିଛି, ମା ! ଲୁହ ଢାଳିଛି, ରକ୍ତ କାନ୍ଦିଛି। ତଥାପି…

ନିର୍ମଳେନ୍ଦୁ— ପାଗଳ…ଚାଲ, କାବେରୀ, le. us go. ସେ ପାଗଳଟା ଯେମିତି ଆସିଛି ସେମିତି ଆପେ ଆପେ ଚାଲିଯିବ । He talks all non-sense. ଚାଲ। (ଦୁହେଁ ଭିତରକୁ ଚାଲିଗଲେ। ତା ପରେ ଗାୟତ୍ରୀ ଚାରିଆଡ଼େ ସତର୍କ ଦୃଷ୍ଟି ବୁଲାଇ)

ଗାୟତ୍ରୀ—ତମେ ଏଠାକୁ କପରି ଆସିଲ ?

ଇନ୍ଦ୍ରଜିତ—ଆଉ ମୁଁ ଯଦି ତୁମକୁ ଠିକ୍ ସେଇ ପ୍ରଶ୍ନ ପଚାରେ ?

ଗାୟତ୍ରୀ—ତମେ···ବର୍ତ୍ତମାନ ଚାଲିଯାଅ ।

ଇନ୍ଦ୍ରଜିତ—ଚାଲିଯିବି ! ଦୀର୍ଘ କୋଡ଼ିଏ ବର୍ଷର ଜେଲ୍ ଜୀବନ ପରେ, ମୁଁ ସାତ ଦିନ ତଳେ ଜେଲ୍‌ରୁ ଖଲାସ ହେଲି, ଗାୟତ୍ରୀ ! ଆଉ ତୁମକୁ ଖୋଜି ଖୋଜି···

ଗାୟତ୍ରୀ—ବୁଝିବାକୁ ଚେଷ୍ଟା କର, ଇନ୍ଦ୍ରଜିତ । ଏଇ ଦୀର୍ଘ କୋଡ଼ିଏ ବର୍ଷର ବ୍ୟବଧାନ ଭିତରେ ଏ ଦୁନିଆଟା ଅନେକ ବଦଳିଯାଇଛି । ଆଉ ତମର ସେ ଗାୟତ୍ରୀ ବି ବଦଳିଯିବା କିଛି ଅସମ୍ଭବ ନୁହେଁ । ତମେ ବର୍ତ୍ତମାନ ଚାଲିଯାଅ । ନଚେତ୍···

ଇନ୍ଦ୍ରଜିତ—(ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ) କିଛି ବଦଳିଯାଇନି, ଗାୟତ୍ରୀ ! ସେଇ ଜଳନ୍ତି ଘୁଙ୍ଗୁରର ଅସ୍ପଷ୍ଟ ମୂର୍ଚ୍ଛନା, ସେଇ ବାଇଁଆ ତବଲାର ବେସୁରା ଆୱାଜ, ଆଉ ଉଦ୍ଧତ ଯୌବନର ବେସରମ ଇଙ୍ଗିତ—ସବୁ ଯେମିତି ଥିଲା, ଆଜି ବି ଠିକ୍ ସେମିତି ଅଛି । ଖାଲି ଘୁଙ୍ଗୁର ହଲଚ ପୁରୁଣା ମାଲିକାଣୀକି ଛାଡ଼ି ଏକ ନୂତନ ରୂପସୀର ପଦ ଚୁମ୍ବନ କରୁଛି ।

ଗାୟତ୍ରୀ—ବନ୍ଦ କର, ବନ୍ଦ କର ଏ ପ୍ରଳାପ, ଇନ୍ଦ୍ରଜିତ ! ତମେ ଚାଲିଯାଅ । ଆମର ପରିଚୟ ସବୁଦିନ ପାଇଁ ଅସ୍ପଷ୍ଟ ରହିଯାଉ । ତମର ସେ ଗାୟତ୍ରୀ ଅନେକ ଦିନ ତଳେ ମରିଯାଇଛି ।

ଇନ୍ଦ୍ରଜିତ—ନା, ଗାୟତ୍ରୀ, କେବେ ମରିପାରେ ନା । ସେ ହୁଏତ କାବେରୀ ଭିତରେ ନବଜନ୍ମ ନେଇଛି । ସମାଜ ଆଖିରେ ଭେଲିକି ଲଗାଇ ତମେ କ'ଣ ସବୁଦିନେ ଏମିତି ଅନ୍ଧାରରେ ରହିପାରିବ ?

ଗାୟତ୍ରୀ—ଇନ୍ଦ୍ରଜିତ ! ତମେ ଦୟା କର, ଇନ୍ଦ୍ରଜିତ ! କାବେରୀ ପାଇଁ ମୁଁ ଆଜି ତମ ପାଖରେ ହାତପତାଇ ଭିକ୍ଷା ମାଗୁଛି । ସେ ଯେପରି ମୋର ଅତୀତ ଜାଣିବାକୁ ନ ପାଏ । ତାହାହେଲେ ଏ ସମାଜରେ ତା'ର ପ୍ରତିଷ୍ଠା, ସମ୍ମାନ, ସବୁ ଧୂଳିସାତ୍ ହୋଇ ମାଟିରେ ମିଶିଯିବ ।

ଇନ୍ଦ୍ରଜିତ—(କଣ୍ଠ ରୁଦ୍ଧସ୍ବର) ପ୍ରତିଷ୍ଠା ! ସମାଜ ! ସାରା ଜୀବନ ଧରି ଯେ ବିଷ ପିଇ ଆସିଛି, ସେ କ'ଣ ବୁଝିପାରିବ ଅମୃତର ସ୍ୱାଦ ? ମୁଁ ପଚାରୁଛି, କାବେରୀ କିଏ ?

ଗାୟତ୍ରୀ—ସେ···ସେ···ସେ ମୋର ଝିଅ ।

ଇନ୍ଦ୍ରଜିତ—(ଉତ୍କଣ୍ଠିତ ହୋଇ) ଗାୟତ୍ରୀ ! ତାର ବାପ କିଏ ? ଗାୟତ୍ରୀ ! ଚୁପ୍ ରହିଲ କାହିଁକି ? କୁହ, ତାର ବାପ କିଏ ?

ଗାୟତ୍ରୀ—(ଭାଙ୍ଗି ପଡ଼ୁଥିଲେ) ତମେ ସିନା ମତେ ସେ ତମିର ଗର୍ଭରୁ ଉଦ୍ଧାର କରିଥିଲ । ହେଲେ ମୁଁ ପାରିଲିନି, ଇନ୍ଦ୍ରଜିତ୍ ! ଏ ଦେହର ଦାହ ଯେତେବେଳେ ମୋ ସହିତ ଦାଉ ସାଧିଲା, ସେତେବେଳେ ସଂଯମର ଲକ୍ଷ୍ମଣଗଣ୍ଡିକୁଳରେ ମୁଁ ନିଜକୁ ବାନ୍ଧି ରଖି ପାରିଲିନି । ଫଳରେ···

ଇନ୍ଦ୍ରଜିତ—ପରପୁରୁଷର କାମନା ବହ୍ନିରେ ଜାଣି ଜାଣି ଝାସ ଦେଲ । ଆଉ ତା'ର ପ୍ରତୀକରୂପେ ଏକ ଜାରଜ ସନ୍ତାନର ଆଖ୍ୟା ନେଇ ଜନ୍ମ ନେଲା କାବେରୀ । (ଘୃଣା ଆଉ ରାଗରେ ଇନ୍ଦ୍ରଜିତଙ୍କ ସ୍ୱର କମ୍ପିଉଠୁଥିଲା)

ଗାୟତ୍ରୀ—ନା ନା, ଇନ୍ଦ୍ରଜିତ୍ ! ମୁଁ ତୁମକୁ ସବୁ କହିବି । କିନ୍ତୁ ଶପଥ କର, ଆମ ପିଲାଙ୍କର ପରିଚୟ ସବୁଦିନ ପାଇଁ ଯେପରି କେହି ଜାଣିପାରିବେନି ।

ଇନ୍ଦ୍ରଜିତ—(ମ୍ଳାନ ହସି) ଜେଲ୍‌ର ସେ ପଥରଘେରା ପାଚେରି ପଛପଟେ ଘଣ୍ଟା ପେଲି ପେଲି ମୋ ଜୀବନର ଯୌବନର ସବୁତକ ଜୀବନ ମରିଯାଇଛି, ଗାୟତ୍ରୀ ! ତଥାପି ସେଇ ଅସରନ୍ତି ଦୁଃଖ ଭିତରେ ଗୋଟାଏ ଦିନ ବି ମୁଁ ତୁମକୁ ଭୁଲିପାରିନି । ଆଉ ମୋର ସେଇ ଅଫୁରନ୍ତ ମମତାର ପ୍ରତିଦାନରେ, ତମେ ମତେ ଏଇ ଉପହାର ଦେଲ ?

ଗାୟତ୍ରୀ—ମତେ କ୍ଷମା କରନ୍ତୁ, ଇନ୍ଦ୍ରଜିତ୍ ! ତୁମ ଭଲପାଇବାର ପ୍ରତିଦାନ ମୁଁ ତୁମକୁ ଦେଇପାରିନି । ନିଜକୁ ତୁମର ଉପଯୁକ୍ତା କରିପାରିନି । ମତେ କଣ ତୁମେ କ୍ଷମା କରିବନି ?

ଇନ୍ଦ୍ରଜିତ—କ୍ଷମା ! ତମ ପାଇଁ କାନ୍ଦ କାନ୍ଦ ମୋ ଆଖିର ସବୁତକ ଲୁହ ଶୁଖିଗଲ୍ଣି ସିନା, ହେଲେ ତମ ଓଠରେ ତ ହସର ଜୁଆର କମିଯାଇନି !

ଗାୟତ୍ରୀ—ଇନ୍ଦ୍ରଜିତ୍ ! !

ଇନ୍ଦ୍ରଜିତ—ହଁ, ଗାୟତ୍ରୀ ! ତମ ଯୌବନର ଏ ଅସ୍ତଲଗ୍ନରେ ବେଶଭୂଷାର ଏ ସଯତ୍ନ ପରିପାଟୀ ଦେଖିଲେ, ମନେହୁଏ, ତ ମ ଏବେ ବି ନାଚି ପାରିବ, ଗାଇ ପାରିବ; ଆଉ ତମର ସେ ବିଶାକ୍ତ ଆଖି ଦୁଇଟାରେ କାମନାର ମଦିରା ଭରିଦେଇ ମନଇଚ୍ଛା ଶିକାର ବି କରିପାରିବ ।

ଗାୟତ୍ରୀ—ତୁମେ ଚୁପ୍ କର, ଇନ୍ଦ୍ରଜିତ୍ ! ମୁଁ ଜଣେ ଉଚ୍ଚପଦସ୍ଥ ସରକାରୀ ଅଫିସରଙ୍କର ସ୍ତ୍ରୀ । ସମାଜରେ ମୋର ସମ୍ମାନ, ଅଛି, ଇଜ୍ଜତ୍ ଅଛି !

ଇନ୍ଦ୍ରଜିତ—ତମେ ଜଣେ ଉଚ୍ଚପଦସ୍ଥ ସରକାରୀ ଅଫିସରଙ୍କର ସ୍ତ୍ରୀ ! ( ଖୁବ୍ ଜୋର୍‌ରେ ହସିଉଠିଲେ ) ବେଶ୍ ଠକିପାରିଲ ଏ ବୋକା ଦୁନିଆଟାକୁ । Congnatulations. ମୁଁ ଆଜି ବୁଝୁଛି, ଗାୟତ୍ରୀ, କାହିଁକି ମୋର ଗୋଟିଏ ଚିଠିର ବି ଉତ୍ତର ମୁଁ ପାଏନି, କାହିଁକି ତମେ କଲିକତା ଛାଡ଼ି ଓଡ଼ିଶା ଚାଲିଆସିଲ ।

ଗାୟତ୍ରୀ—(ଖୁବ୍ ବିବ୍ରତ ହେଇ, ଘଣ୍ଟା ଦେଖିଲେ) ଓଃ...ତମେ ଚାଲିଯାଅ ! Please, ଇନ୍ଦ୍ରଜିତ ! ତାଙ୍କ ଆସିବାର ବେଳ ହେଇଗଲାଣି ।

ଇନ୍ଦ୍ରଜିତ—କ୍ଷତି କଣ ? ପରିଚୟ ତ ହେଇଯିବ ।

ଗାୟତ୍ରୀ—ନା ନା, ତମେ ଚାଲିଯାଅ ! ତମ ପାଦ ଧରୁଚି, ତମେ ଚାଲିଯାଅ ।

ଇନ୍ଦ୍ରଜିତ—ଏ ଝୁଟା ଇଜ୍ଜତ୍ ମାଟିରେ ମିଶିଯିବ ବୋଲି ଭୟ କରୁଚ, ନା ? ମୁଁ କିନ୍ତୁ ଆଉ ଥରେ ଜେଲ ଯିବ ଗାୟତ୍ରୀ ! କାହିଁକି, ଜାଣିଚ ? ଯେଉଁଦିନ ତମରି ପାଇଁ ଜଣଙ୍କୁ ଖୁନ୍ କରି କୋଡ଼ିଏ ବର୍ଷ ଜେଲ୍ ଭୋଗିଲି । ଆଉ ଆଜି ତମକୁ ଖୁନ୍ କରି ଜୀବନର ବାକି କେଇଟା ବର୍ଷ ସେଇ ଜେଲ୍ ଭିତରେ କଟେଇଦେବି । ଏ ସହରୀ ସଭ୍ୟତାର ଆଲୋକ ଅପେକ୍ଷା, ଜେଲ୍‌ର ସେ ଜମାଟବନ୍ଧା ଅନ୍ଧକାର ଯଥେଷ୍ଟ ଭଲ ।

ଗାୟତ୍ରୀ—ଇନ୍ଦ୍ରଜିତ୍ ! ତମେ ଦୟାକରି ଅନ୍ୟ କେତେବେଳେ ଆସ । ମୋର ତମକୁ ଅନେକ କଥା କହିବାର ଅଛି ।

ଇନ୍ଦ୍ରଜିତ—ଆଉ କାହିଁକି ଆସିବି ? ଯାହା ତ ଦେଖିବାର ଥିଲି ସବୁ ଦେଖିଗଲି । ଆଉ ଯାହା ପାଇବାର ଥିଲି, ସବୁ ତ ପାଇଗଲି । ଆଉ କାହିଁକି ଆସିବି ? ଏବେ ବି କଣ ତମର ସେ ଦାମୀ ଦେହଟାର ଦାବି ମେଣ୍ଟିନି ? ଆଜି ଏଇଠି ଆମର ହିସାବ ନିକାଶ ହୋଇଯିବ ।

ଗାୟତ୍ରୀ—(ଇନ୍ଦ୍ରଜିତ୍ଙ୍କ ରୁକ୍ଷତା ଦେଖି ଡରିଯାଇ ) ଇନ୍ଦ୍ରଜିତ !

ଇନ୍ଦ୍ରଜିତ—ମୁନ୍ନା କାହିଁ ? (ଗାୟତ୍ରୀ ସକ୍ ପାଇଲା ଭଳି ଚମକିଉଠିଲେ । ନୀରବ) ଗାୟତ୍ରୀ ! ମୁଁ ପଚାରୁଚି, ମୁନ୍ନା କାହିଁ ?

ଗାୟତ୍ରୀ—ସେ · ସେ···ସେ ମରିଯାଇଛି ।

ଇନ୍ଦ୍ରଜିତ—ଗାୟତ୍ରୀ !! (ଚିତ୍କାର କରିଉଠିଲେ । ନିଜକୁ ସମ୍ଭାଳିନେଇ) ନା ନା, ଗାୟତ୍ରୀ ! ମୁନ୍ନା ମୋର ମରିପାରେନା । ତାକୁ ତମେ ମାରିଦେଇଚ । ବେଶ୍ ଭଲ କରିଚ, ଗାୟତ୍ରୀ ! ବଞ୍ଚିଥିଲେ କେଉଁ ନିଲଜ୍ଜ ମୁହଁ ନେଇ ତମକୁ ସେ ତା'ର ମା ବୋଲି ପରିଚୟ ଦେଇଥା'ନ୍ତା ?

ଗାୟତ୍ରୀ—ଇନ୍ଦ୍ରଜିତ୍ ! ତମେ ଚାଲିଯାଅ ।

ଇନ୍ଦ୍ରଜିତ—ନା, ତା ହୋଇପାରେ ନା । ଯେ ନିଜର ସାମାନ୍ୟତମ ସ୍ୱାର୍ଥ ପାଇଁ ଛଳନା ଆଉ ଅଭିନୟର ଟେରେଲିନ୍ ପୋଷାକ ପିନ୍ଧି, ପତନର ଚମସାଚ୍ଛନ୍ନ ପ୍ରାନ୍ତରକୁ ଯାଇପାରିଲା, ସେଭଳି ଗୋଟାଏ କୁହୁକିନୀକୁ ଏ ବୋକା ସମାଜ ଆଗରେ expose ନ କରି ଏତେ ସହଜରେ ଫେରିଯିବିନି ।

ଗାୟତ୍ରୀ—ଇନ୍ଦ୍ରଜିତ୍ !

ଇନ୍ଦ୍ରଜିତ— ମୁନ୍ନା ମରିଗଲା, ଅଥଚ ତମେ ବଞ୍ଚିରହିପାରିଲ ! ମା'ର ମମତା ତମର ଏତେ ଟିକେ ବି ବାହୁନି ଉଠିଲାନି ? ଟିକେ ବିଷ ଯୋଗାଡ଼ି କରିପାରିଲନି ? ମା'ର ସ୍ୱର୍ଗୀୟ ମମତାଠାରୁ ଏ ଦେହର ଦାବି କ'ଣ ଅଧିକ ଶାନ୍ତି ଦେଉଛି ?

ଗାୟତ୍ରୀ—(ରଗିଉଠିଲେ) ତୁମେ ଚାଲିଯାଅ, ଇନ୍ଦ୍ରଜିତ୍ ! ନଚେତ୍...

ଇନ୍ଦ୍ରଜିତ—(ହସିଲେ) ମୋ ଜୀବନର ଧୂସରିତ ଅପରାହ୍ଣରେ, ତମେ କଣ ଭାବୁଛ, ମୁଁ କୌଣସି ପରିଣତିକୁ ଭୟ କରେ ବୋଲି ?

ଗାୟତ୍ରୀ—(ଉତ୍ତ୍ୟକ୍ତ ହୋଇ, ଦରଓ୍ୱାନ୍‌ମାନଙ୍କ ଉଦ୍ଦେଶ୍ୟରେ) ବାହାଦୂର୍ !

ଇନ୍ଦ୍ରଜିତ—ତମର ନିମକ୍‌ହଲା ଦରଓ୍ୱାନ୍‌ମାନେ ମତେ ଧକ୍କା ମାରି ବାହାର କରିଦେବା ପୂର୍ବରୁ, ତମର ଏ ଦାମୀ ଦେହଟାର ତଟକା ରକ୍ତ ନେଇ ପେଷରେ ମୋର ତୃଷାର୍ତ୍ତ ଅମ୍ଳା 'ତା'ର ଶୋଷ ମେଣ୍ଟାଇସାରିଥିବ, ଗାୟତ୍ରୀ ! (ଜଲ୍ଦି ଗାୟତ୍ରୀଙ୍କ ଆଡ଼କୁ ଆଗେଇଯାଇ ଦୁଇ ହାତରେ ତାଙ୍କର ଗଳା ଧରି ଚପିଦେବା ସମୟରେ, ଗାୟତ୍ରୀ ଚିତ୍କାର କରିଉଠିଲେ । ଆଉ ଠିକ୍ ସେତିକିବେଳେ ପ୍ରବେଶ କଲେ Mr. Samanta, ଗାୟତ୍ରୀଙ୍କର ସ୍ୱାମୀ - ଜଣେ ଉଚ୍ଚପଦସ୍ଥ ସରକାରୀ ଅଫିସର୍)

ସାମନ୍ତ—କିଏ ? କିଏ ତୁମେ ?

(ଗୋଟାଏ ତୀକ୍ଷ୍ଣ ଦୃଷ୍ଟିରେ Mr. Samantaଙ୍କୁ ଚାହିଁଲେ ଇନ୍ଦ୍ରଜିତ । ପ୍ରତିଶୋଧ ନବାର ଇଙ୍ଗିତ ଫୁଟିଉଠୁଥିଲା ଚାହାଁଣିରେ )

ଗାୟତ୍ରୀ—(କଣ କରିବେ କିଛି ଠିକ୍ କରି ନ ପାରି) ମନେହୁଏ, ଲୋକଟା ଗୋଟାଏ ବଦ୍ଧ ପାଗଳ)

ସାମନ୍ତ—କିଏ ତୁମେ ?

ଇନ୍ଦ୍ରଜିତ—ମୁଁ ? ମୁଁ ଗୋଟାଏ ପାଗଳ, ସାହେବ ! ଗୋଟାଏ ବଦ୍ଧ ପାଗଳ । (କିଛି ପରେ) ଆଉ ମୋର ମନେହୁଏ, ଏ ଦୁନିଆଟା ଗୋଟାଏ ମସ୍ତବଡ଼ ପାଗଲଖାନା, ଆଉ ଆମେ ସମସ୍ତେ ଜଣେ ଜଣେ ବଦ୍ଧପାଗଳ ।

(ହସିଲେ

ସାମନ୍ତ—(ବିରକ୍ତ ହୋଇ) Go out ! ବାହାରିଯାଅ !

ଇନ୍ଦ୍ରଜିତ—ମୁଁ ବି ଇଂରାଜୀ ଜାଣେ, ସାହେବ ! ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ମୁଁ M. A. ପାସ୍ କରିଛି । ମୋ ଇଂରାଜୀ ଶୁଣିବେ, ସାହେବ ? (ପୁଣି ହସିଲେ)

ସାମନ୍ତ—You are correct, Darlion ! The fellow has gone mad ହୋଇଛି; ଏଭଳି ଲୋକଙ୍କୁ ପୋଲିସ୍‌ରେ hand over କରିଦେବ ।

ଇନ୍ଦ୍ରଜିତ—Nice idea ! ମୁଁ ସିନା ପାଗଳ ବୋଲି ମତେ ପୋଲିସ୍‌କୁ hand over କରିଦେବେ ! ଆଉ ଏ ପାଗଳୀଟାକୁ ? (ଗାୟତ୍ରୀଙ୍କୁ ଦେଖାଇ) I mean, ଆପଣଙ୍କର ଏ ଦାମୀ darlingକୁ କାହାକୁ hand over କରିଦେବେ, ସାହେବ ? (ହସିଲେ ବଦ୍ରୁପର ହସ)

ସାମନ୍ତ—Idiot !

ଇନ୍ଦ୍ରଜିତ—ଧନ୍ୟବାଦ ! ମଣିଷ ପ୍ରତି ମଣିଷର ଏ ବ୍ୟବହାର ଦେଖିଲେ ମନେହୁଏ, ଏ ସଭ୍ୟତାର ଅନେକରେ ଅମର ମାନବିକତା ଜଳିପୋଡ଼ି ଅଙ୍ଗାର ହୋଇଯାଇଛି । ମୁଁ ଆସୁଛି, ସାହେବ ! ଧକ୍କା ଦେଇ ବାହାର କରିବା ଦରକାର ନାହିଁ, କି ପୋଲିସ୍‌କୁ hand over କରିବାର ଆବଶ୍ୟକତା ନାହିଁ । କାରଣ ମୁଁ ପାଗଳ ନୁହେଁ । ମୋର ବି ଆତ୍ମସମ୍ମାନ ଅଛି, ମୋର ବି ପରିଚୟ ଅଛି ।

ସାମନ୍ତ– Stop, I say !

ଇନ୍ଦ୍ରଜିତ—(ହସିଦେଲେ) ଅମର ପୁଣି ଦେଖାହେବ, ସାହେବ ! ଆଉ ସେ ମିଳନର ଅମୃତ ଲଗ୍ନ ପାଖେଇ ଆସୁଛି । Night···

(କହି ଦ୍ରୁତପଦରେ ବାହାରି ଚାଲିଗଲେ ।
ନର୍ବାକ୍ ଗାୟତ୍ରୀ, ଇନ୍ଦ୍ରଜିତଙ୍କ ଚାଲିପଥକୁ ଚାହିଁ ରହିଥିଲେ । ଆଉ Mr. Samantaଙ୍କ ପାଟିରୁ ଆପେ ଆପେ ବାହାରିଆସିଲା )

ସାମନ୍ତ—ଲୋକଟା କଣ ସତରେ ପାଗଳ ?

(ମଞ୍ଚର ଆଲୋକ ଲିଭିଗଲା)

## ଦ୍ୱିତୀୟ ଦୃଶ୍ୟ

[ ସ୍ତବ୍ଧ ଆକାଶବକ୍ଷରେ ମଧ୍ୟରାତ୍ରିର ମ୍ଳାନ ତାରକା । ଅନେକ ଦିନର ଗୋଟିଏ ପରିତ୍ୟକ୍ତ ଭଙ୍ଗା କୋଠାର ଅଭ୍ୟନ୍ତର । ବୁଢ଼ିଆଣୀ ଜାଲର ଗୁନ୍ହୁଆ ତଳେ ଆବଡ଼ା ଖାବଡ଼ା ହୋଇ ପଡ଼ିଛି କେଇଖଣ୍ଡ ଭଙ୍ଗା ଇଟା । ସେଇ ନିର୍ଜନ ପରିବେଶ, ମନରେ ସୃଷ୍ଟିକରୁଥିଲା ଏକ ଆତଙ୍କ, ଏକ ନିର୍ମ୍ମମ ଶିହରଣ । କ୍ଳାନ୍ତ ପାଦ ଆଉ ଅବଶ ମନ ନେଇ ଆସିଲେ ଇନ୍ଦ୍ରଜିତ୍ । ପକେଟ ଅଣ୍ଟାଳି ଦିଆସିଲି କାଢ଼ିଲେ । ସେଇ ଆଲୋକରେ ସେ ହଠାତ୍, ଚମକିଉଠିଲେ । ଘୋଟାଏ କଳା ବିଲେଇ ତାଙ୍କ ଆଗ ଦେଇ ଚାଲିଗଲା । ଟିକିଏ ହସିଲେ ସେ । ପକେଟରୁ ଦରପୋଡ଼ା ବିଡ଼ି କାଢ଼ି, ସେଥିରେ ନିଆଁ ଧରାଇଲେ । ଆପେ ଆପେ ପାଟିରୁ ବାହାରିଗଲା— ]

ଇନ୍ଦ୍ରଜିତ—ବିଡ଼ିଟା ବି ଦରପୋଡ଼ା ! ତଥାପି ଚଳିଯିବ ।

( ବିଡ଼ିଟାକୁ ବେଶ୍ ଦ'ଦମ୍ ଟାଣିନେଇ ସେ ଖୁବ ଚାଲିଥିଲେ । ହଠାତ୍ ବାହାରୁ ଗୋଟିଏ ଶିଶୁକଣ୍ଠର ଆର୍ତ୍ତଚିତ୍କାର ଭାସିଆସିଲା—)

Voice—ମତେ ଛାଡ଼ିଦିଅ—ମତେ ଛାଡ଼ିଦିଅ—ମତେ ମାରନା—ବାପା··· ବୋଉ···

( ଇନ୍ଦ୍ରଜିତ୍ କାଳବିଳମ୍ବ ନ କରି ବାହାରକୁ ଦୌଡ଼ି ଚାଲିଗଲେ । କିଛି ସମୟ ପାଇଁ ବାହାରେ ଧସ୍ତାଧସ୍ତିର ଶବ୍ଦ ପରେ ଇନ୍ଦ୍ରଜିତ୍ ନିଜେ ରକ୍ତାକ୍ତ ଅବସ୍ଥାରେ ଗୋଟିଏ ଗ୍ରେଟ ପିଲାକୁ କାନ୍ଧରେ ଧରି ଫେରିଆସିଲେ । ପିଲାର ଶରୀରରେ କୌଣସି ଆଘାତ ନ ଥିଲା । କିନ୍ତୁ ଇନ୍ଦ୍ରଜିତ୍ଙ୍କ ହାତରେ ଗୋଟାଏ ଛୁରୀ ସେତେବେଳେ ଚକ୍ ଚକ୍ କରୁଥିଲା । ପିଲାଟିକୁ ଗୋଟାଏ ଭଙ୍ଗା ଇଟା ଉପରେ ବସେଇଦେଇ··· )

ଇନ୍ଦ୍ରଜିତ—(ବଡ଼ କଷ୍ଟ ହେଉଥିଲା ତାଙ୍କୁ । ତଥାପି ··) ବସ୍, ବସ୍ ବାପା ! ଆଉ ଭୟ କରନା । ତୋର ଆଉ କେହି କିଛି କରିପାରିବେନି । ଆରେ, ମୁଁ ପରା ତୋ ପାଖରେ ଅଛି !

ମୁନ୍ନା—(ଭୟରେ) ସେମାନେ··· ?

ଇନ୍ଦ୍ରଜିତ—(ଆଉଁସିଦେଇ ସ୍ନେହରେ) ସେମାନେ ସବୁ ଚାଲିଗଲେଣି ।

ମୁନ୍ନା—ସେମାନେ ସବୁ ତମକୁ ଖୁବ୍ ମାରିଲେ, ନା ?

ଇନ୍ଦ୍ରଜିତ—(କଷ୍ଟକୁ ଚାପି ହସିଦେଲେ) କାହିଁ, ନାହିଁ ତ !

ମୁନ୍ନା—(ଇନ୍ଦ୍ରଜିତ୍ଙ୍କ ପିଠିରେ ରକ୍ତ ଦେଖି) ଆଲୋ, ବୋଉ ଲୋ !

ଇନ୍ଦ୍ରଜିତ—କଣ ହେଲା ? ଏମିତି ପାଟିକରୁଛୁ କାହିଁକି ?

ମୁନ୍ନା—ତମ ପିଠିସାକ କେତେ ରକ୍ତ ! ସେମାନେ କଣ ତମକୁ ଛୁରୀରେ ଭୂଷିଦେଲେ ?

ଇନ୍ଦ୍ରଜିତ—ତୁ ଚିନ୍ତା କରନା. ବାପା ! ସେ ସବୁ ଭଲ ହେଇଯିବ । ଅଚ୍ଛା, ବାପା ! ତୋ ନାଁ କଣ, କହିଲୁ !

ମୁନ୍ନା—ମୋ ନାଁ ମୁନ୍ନା ।

ଇନ୍ଦ୍ରଜିତ –(ଆନନ୍ଦରେ ମୁନ୍ନା ! ତୋ ନାଁ ମୁନ୍ନା ? (ସ୍ନେହାବେଗରେ ମୁନ୍ନାକୁ ଛାତିରେ ଚାପିଧରି ମୁହଁରେ ଚୋକ ଦେଲେ)

ଇନ୍ଦ୍ରଜିତ—(ଅନ୍ୟମନସ୍କ ଭାବେ) ଏ ! ଆଚ୍ଛା, ବାପା ! ତୋ ବାପାଙ୍କ ନାଁ କଣ ? ସେ କ'ଣ କରନ୍ତି ?

ମୁନ୍ନା – ତମେ ମୋ ବାପାଙ୍କୁ ଜାଣିନା ? ତାଙ୍କ ନାଁ ଦେବବାବୁ । ସେ ଜଜ୍‌ସାହେବ ।

ଇନ୍ଦ୍ରଜିତ—ହଜିଲା ଅତୀତ ମନେପଡ଼ିଲା । ଆଉ ଦୁଃଖରେ ତୋ ବାପା ଜଜ୍-ସାହେବ ? ନା'ରେ ମୁନ୍ନା ! ଜଜ୍‌ଙ୍କ ପୁଅ ମୁନ୍ନା ଆଉ ମୋ···

ମୁନ୍ନା—ଆଚ୍ଛା, ତମର ପୁଅ ଅଛି ?

ଇନ୍ଦ୍ରଜିତ—ଏଁ, ମୋ ପୁଅ ? ହଁ, ମୁନ୍ନା ! ମୋର ପୁଅ ଅଛି । ଆଉ ତୁ ତ ମୋର ପୁଅ । ମତେ ବାପା ବୋଲି ଡାକିବୁ ନାଁ ?

ମୁନ୍ନା—ଉଁ, ମୁଁ କିଆଁ ତମକୁ ବାପା ବୋଲି ଡାକିବି ? ମୋର କଣ ବାପା ନାହାନ୍ତି କି ?

ଇନ୍ଦ୍ରଜିତ - ହଁ, ମୁନ୍ନା ! ତୁ ଠିକ୍ କହୁଛୁ । ତୁ ମତେ କାହିଁକି ବାପା ବୋଲି ଡାକିବୁ ! ( ଦୁଃଖରେ ଗଳା ଭାରି ହୋଇଆସିଲା । ଆଉ ମାଡ଼ ଆଘାତ ଓ ଯନ୍ତ୍ରଣାରେ ମୁଣ୍ଡ ଘୂରେଇଦେଲା )

(ଏହି ଇନ୍ଦ୍ରଜିତ୍ ବେହୋସ୍ ହୋଇ ତଳେ ପଡ଼ିଗଲେ । ତା'ର କିଛି ସମୟ ପରେ, ପୋଲିସ୍‌ର ଘନଘନ ହୁଇସିଲ୍‌ର ଶବ୍ଦ । ମୁନ୍ନା ଏଭଳି ପରିସ୍ଥିତିରେ ନର୍ଭାସ୍ ହୋଇଗଲା । ଏହି ସମୟରେ ଅନ୍ତରାଳରୁ ପୋଲିସ ଇନ୍‌ସପେକ୍ଟରଙ୍କ ସ୍ୱର ଶୁଭିଲା).

ପୋ: ଇ:—ସାର୍, ଏଆଡ଼େ ଆସନ୍ତୁ, ସାର୍ ! ଏ ଭଙ୍ଗା କୋଠା ଭିତରଟା ଥରେ ଭଲକରି ଦେଖିନେବା । (କହୁ କହୁ ଭିତରକୁ ପଶିଆସିଲେ ପୋ: ଇ: ଓ ଜିଲ୍ଲା ଜଜ୍ ଦେବାଶିଷବାବୁ । ମୁନ୍ନାକୁ ଦେଖି ଆନନ୍ଦାତିଶଯ୍ୟରେ)

ଦେବାଶିଷ - ମୁନ୍ନା !

ମୁନ୍ନା— ବାପା ! (ଦୌଡ଼ିଯାଇ କୁଣ୍ଢାଇପକାଇଲା)

(ତା ପରେ ବେହୋସ୍ ଇନ୍ଦ୍ରଜିତଙ୍କୁ ଦେଖାଇ) ବାପା । ଏ ଲୋକ ନଥିଲେ ଚୋରମାନେ ଆଜି ମତେ ଛୁରୀରେ ମାରଦେଇଥା'ନ୍ତେ । ତାଙ୍କର ଦେହ କ'ଣ ହେଇଯାଉଛି । ଚୋରମାନେ ତାଙ୍କୁ ବହୁତ ମାରିଛନ୍ତି । ଦେଖିଲ, ତାଙ୍କ ପିଠିରୁ କେମିତି ରକ୍ତ ବାହାରୁଛି !

ଇନ୍ଦ୍ରଜିତ—(ଅସ୍ପଷ୍ଟଭାବେ) ପାଣି···ପାଣି···

ଦେବାଶିଷ—ମନେହୁଏ, ତାଙ୍କୁ ଖୁବ୍ ଆଘାତ ଲାଗିଛି । ତାଙ୍କୁ ଶୀଘ୍ର ପାଣି ପିଇବାକୁ ଦଅନ୍ତୁ । Inspector ! Be quick. ମୋ ଗାଡ଼ିରେ water bottle ଅଛି । (Inspector ଦୌଡ଼ି ବାହାରକୁ ଚାଲିଗଲେ )

ଇନ୍ଦ୍ରଜିତ—ମୁନ୍ନା·· ମୁନ୍ନା···ପାଣି···

(Inspector ପାଣି ନେଇ ଆସିଲେ ଓ ତାଙ୍କ ପାଟିରେ ପାଣି ଦେବା ସମୟରେ ଅର୍ଦ୍ଧଚେତନ ଅବସ୍ଥାରେ ଇନ୍ଦ୍ରଜିତଙ୍କର ଯନ୍ତ୍ରଣାକାତର ସ୍ୱର । କିନ୍ତୁ ପୋ: ଇ: ତାଙ୍କୁ ଦେଖି ଚମକିଉଠିଲେ)

ଦେବାଶିଷ— କ'ଣ ହେଲା, Inspector ?

ପୋ: ଇ:—ଏ ଲୋକଟା ଗୋଟାଏ ଖତମ ଆସାମୀ ସାର .! ଏଇମାତ୍ର ଅଠଦିନ ତଳେ କଲିକତା ଜେଲରୁ release ହେଇ ଆସିଛି ।

ଦେବାଶିଷ - ତା ଭିତରେ ବି ମାନବିକତା ଅଛି, Inspector ! ସେ ମୋ ମୁନ୍ନାର ରକ୍ଷାକର୍ତ୍ତା । ତାଙ୍କ ପାଖରେ ମୁଁ ସବୁଦିନ ପାଇଁ ଋଣୀ ରହିଯିବି ।

ଇନ୍ଦ୍ରଜିତ—(ହଠାତ୍ ଅର୍ଦ୍ଧଚେତନ ଅବସ୍ଥାରେ ଉଠି ଠିଆ ହୋଇଗଲେ । ଆଉ ହାତରେ ଥିବା ଛୁରୀଟା ଦେଖାଇ) କିଏ ? କିଏ ତମେମାନେ ? ଚାଲିଯାଅ ! I say, be off ! ମୁଁ ବଞ୍ଚି ଥାଉ ଥାଉ ମୁନ୍ନାକୁ ମୋ'ଠାରୁ ତମେମାନେ ଛଡ଼ାଇ ନେଇପାରିବନି । No, never ! (ସମ୍ପୂର୍ଣ୍ଣ ଚେତନା ଫେରି ଆସିଛି । ପୋ: ଇ: ଓ ଦେବବାବୁଙ୍କୁ ଦେଖି ଶାନ୍ତଭାବେ' ଆପଣମାନେ ?

ଦେବାଶିଷ—ମୁଁ ମୁନ୍ନାର ବାପା ।

ଇନ୍ଦ୍ରଜିତ—ଓ, ଆପଣ ମୁନ୍ନାର ବାପା ! ବେଶ୍, ତାକୁ ନେଇଯା'ନ୍ତୁ, ତାକୁ ନେଇଯା'ନ୍ତୁ । ଯା, ମୁନ୍ନା ! ମତେ ମନେରଖିବୁ ନା ? ଏଇ ଗୋଟିଏ ମୁହୂର୍ତ୍ତର ଅସମ୍ପୂର୍ଣ୍ଣ ପରିଚୟ ଭିତରେ ତୁ ମତେ କିନ୍ତୁ ଦେଇଗଲୁ ଅମୃତର ସ୍ୱାଦ । ତୁ ମୋର ସବୁଦିନେ ମନେରହିବୁ, ମୁନ୍ନା ! ଯା । (ଗୁଳିଡାକ୍ତରୁ ଉଠିଆସିଛି ଗୋଟାଏ ଅବ୍ୟକ୍ତ କୋହ । ଆଖିରେ ଭରିଯାଇଛି କେଇ ଟୋପା ଲୁହ)

ଦେବାଶିଷ—ତମେ ଆଜି ମୋର ଯୋଉ ଉପକାର କରିଛ, ତା ମୁଁ ଜୀବନସାରା ଭୁଲି ପାରିବନି । ଏଇ ନିଅ—

'(ପକେଟରୁ କିଛି ଟଙ୍କା କାଢ଼ି ଦେଲେ,

ଇନ୍ଦ୍ରଜିତ—(ଏତେ ଦୁଃଖରେ ବି ଟିକେ ହସିଲେ) ଟଙ୍କା ! ଟଙ୍କା ମୋର କଣ ହବ, ହଜୁର ! ମୁନ୍ନା କଣ ମୋର ପୁଅ ନୁହେଁ ? ପୁରସ୍କାର ପାଇବା ଆଶାରେ ମୁଁ କଣ ମୋ ଜୀବନକୁ ବିପନ୍ନ କରି ଡକାୟତ ଦଳ ହାତରୁ ମୁନ୍ନାକୁ ଉଦ୍ଧାର କରିଥିଲି ? ନା, ହଜୁର୍ ! ଗୋଟାଏ ବାପର ମମତା ନେଇ ମୁଁ ଜୀବନକୁ ପାଣି ଛଡ଼େଇଦେଇଥିଲି । ବାସ୍, ଅପଣ ଆସନ୍ତୁ ।

ମୁନ୍ନା– ତମେ ଆମ ସାଥିରେ ଚାଲୁନା ! ବାପା, ତାଙ୍କୁ ଆମ ଘରକୁ ନେଇଯିବା ।

ଦେବାଶିଷ—ହଁ, ମୁନ୍ନା ! ତୋର ଯାହା ଇଚ୍ଛା, ସେଇଆ ହବ । ଆଚ୍ଛା, ତୁମ ପରିଚୟ ତ କହିଲନି !

ଇନ୍ଦ୍ରଜିତ—ଗୋଟାଏ ସାମାଜିକ ସ୍ୱୀକୃତିହୀନର ପରିଚୟପତ୍ର ନେଇ ଅପଣ କ'ଣ ପାଇବେ, ହଜୁର୍ !

ଦେବାଶିଷ—ତଥାପି…

ଇନ୍ଦ୍ରଜିତ—ମୁଁ ଗୋଟାଏ ଜେଲ୍‌ଫେରନ୍ତା ଖୁନୀ ଆସାମୀ । ସେଇ ମୋର ଏକମାତ୍ର ପରିଚୟ ।

ପୋ: ଇ:—ମୁଁ କହୁ ନ ଥିଲି, ସାର୍ !

ଦେବାଶିଷ—ତୁମକୁ ଦେଖିଲା ପରେ, ମନେହେଉଛି, ଆଘାତ ଉପରେ ଆଘାତ ଖାଇ ଖାଇ, ତମେ ଖୁବ୍ ଭାଙ୍ଗି ପଡ଼ିଛ । ତମେ ଯେ କେବେ ଖୁନ୍ କରିଥିଲ ଏ କଥା ମୁଁ ବିଶ୍ୱାସ କରିପାରୁନି ।

ଇନ୍ଦ୍ରଜିତ—ସବୁ ଆଖିରେ ସବୁ ଜିନିଷ କ'ଣ ଏକାଭଳି ଦେଖାଯାଏ ?

ଦେବାଶିଷ—ଆଚ୍ଛା, ତମେ ଚାଲ । ତମ ପିଠିସାରା ଆଘାତ ଲାଗିଛି । ତମର dressing ଦରକାର ।

ଇନ୍ଦ୍ରଜିତ—(ହସି) ମୁନ୍ନା ପାଇଁ ଏ ଦେହର ସବୁତକ ରକ୍ତ ଯେବେ ଝରିଯିବ, ତେବେ ମୋର ଦୁଃଖ ନାହିଁ, ହଜୁର୍ ! ସହି ସହି ତ ଏ ଦେହଟା ପଥର ହୋଇଯାଇଛି । ଏ ଘା' ତ ସବୁ ଆପେ ଆପେ ଶୁଖିଯିବ । କିନ୍ତୁ…। ତୁ ଯା, ମୁନ୍ନା ! ଭଗବାନ ତୋର ମଙ୍ଗଳ କରନ୍ତୁ । ତୁ ଦୀର୍ଘଜୀବୀ ହୋ ।

ମୁନ୍ନା—ତମେ ଆମ ସାଙ୍ଗରେ ନ ଗଲେ, ମୁଁ କମ୍ମା ଯିବନି । ଚାଲ !

(ହାତ ଧରି ଟାଣିଲା)

ପୋ: ଇ:—କିନ୍ତୁ ସାର୍, ଏଭଳି ଗୋଟାଏ ଖୁନୀ ଆସାମୀକୁ ଆପଣ ସାଙ୍ଗରେ ନବାଟା ଠିକ୍ ହବନି । ତା ଛଡ଼ା…

ଦେବାଶିଷ—ମୁଁ ବୁଝିଛି, Inspector ! ତମ ଆଶଙ୍କାରେ ଯଥାର୍ଥତା ଥାଇପାରେ । କିନ୍ତୁ ଏବେ ବି କଣ ତାଙ୍କ ଭିତରେ ତମେ ଜଣେ ନିଚ୍ଛକ ମଣିଷର ସନ୍ଧାନ ପାଇନ ? ପର ପିଲା ପାଇଁ ଯେ ନିଜର ରକ୍ତ ଢାଳିଦେଇ ପାରିଲା, ତାକୁ ଭୟ କରିବାର କିଛି ନାହିଁ ।

ମୁନ୍ନା—ଇନ୍ଦ୍ରଜିତ୍‌ଙ୍କୁ ଚାହିଁ) ତମେ ଆମ ସାଙ୍ଗରେ ଯିବନି ?

ଇନ୍ଦ୍ରଜିତ  ଯିବ ମୁନ୍ନା, ନିଶ୍ଚୟ ଯିବ । ରୁ ଡାକୁଛୁ, ଆଜ ମୁଁ ଯିବନି !

(ହଠାତ୍ ନିଜ ଗୁପ୍ତ ପକେଟରେ ହାତମାରି କିଛି ଆଣିଲା ଭଳି ହେଲେ)

ଦେବାଶିଷ—କ'ଣ ହେଲା ? କିଛି ହଜିଗଲା, ନା କଣ ?

ଇନ୍ଦ୍ରଜିତ—ମୋ ଫଟୋ ।

ଦେବାଶିଷ—ଫଟୋ ! (ଦୂରରେ ପଡ଼ିଥିବା ଗୋଟିଏ ଫଟୋ ଉଠାଇ) ଏଇ ଫଟୋଟା ଖୋଜୁଥିଲ, ନା ?

ଇନ୍ଦ୍ରଜିତ– (ଅତି ଆନନ୍ଦରେ) ହଁ ହଜୁର୍ ! ସବୁ ଚାଲିଯାଇଛି, ଖାଲି ରହିଯାଇଛି ଏଇ ଫଟୋଖଣ୍ଡିକ ।

ଦେବାଶିଷ—କାହା ଫଟୋ ସେ ? ଖୁବ୍ ସୁନ୍ଦର ହୋଇଚ । କିନ୍ତୁ···

ଇନ୍ଦ୍ରଜିତ—ସବୁ ସୌନ୍ଦର୍ଯ୍ୟ କିନ୍ତୁ ଅଭିଶାପରେ ଜଳିଗଲା ।

ଦେବାଶିଷ—ସେ କାହାର ଫଟୋ, କିଛି କହିଲନି ତ ?

ଇନ୍ଦ୍ରଜିତ—ଆଉ ଦିନେ କହିବି, ହଜୁର ! ଚାଲ ମୁନ୍ନା, ଯିବା ପରା ! ଆ, ମୁଁ ତତେ କାଖ କରି ନେଇଯିବି ।

ମୁନ୍ନା—ନା ନା, ତୁମକୁ କଷ୍ଟ ହେବନି ।

ଇନ୍ଦ୍ରଜିତ– (ହସି) ଆରେ, ପୁଅ କ'ଣ କେବେ ବାପକୁ କଷ୍ଟ ଦିଏ ? ତା ଉପରେ ବୋଝ ହୁଏ ? ଆ ! (କହି ମୁନ୍ନାକୁ କାଖ କରି ଧୀରେ ଧୀରେ ଚାଲିଲେ । ପଛେ ପଛେ Inspector ଓ ଦେବବାବୁ)

(ମଞ୍ଚ ଅନ୍ଧକାର ହୋଇଆସିଲା)

## ଦ୍ୱିତୀୟ ଦୃଶ୍ୟ

[ Mr. Samantaଙ୍କ ଅଟ୍ଟାଳିକାର ଗୋଟିଏ କକ୍ଷ । ମୋଜାଇକ୍ ଫ୍ଲୋର୍ ଉପରେ କୁସନ ଦିଆ ବିଦେଶୀ ଚୌକି କେତୋଟି । ମଝିରେ ଟି'ପୟ ଉପରେ ଫୁଲଦାନୀରେ ପୁଷ୍ପଗୁଚ୍ଛର ସମ୍ଭାର । ରାତ୍ର ପ୍ରାୟ ବାରଟା ହେବ । ଏକା ବସିଥିଲେ ଗାୟତ୍ରୀ । ମୁହଁରେ ବିରକ୍ତି ତଥା ଉତ୍କଣ୍ଠାର ଭାବ ସୁସ୍ପଷ୍ଟ । ବାହାରୁ ଆସିଲେ Mr. Samanta ]

ସାମନ୍ତ—ହ୍ୟାଲୋ, darling ! ଏଯାଏ ଶୋଇନାହଁ ଯେ ? ଆଜି କିନ୍ତୁ ball danceଟା ଜମିଲା । ମିସେସ୍ ତାଲୁକଦାରଙ୍କର ଯୋଉ speed ନା, ମୁଁ ତ ତାଙ୍କ ସହିତ ପାଦ ମିଳାଇ ନାଚିପାରିଲି ନାହିଁ । ମନେ ହେଉଥିଲା, ସତେ ଯେପରି ଗୋଟାଏ ବନହରିଣୀର ଚଞ୍ଚଳତା ନେଇ ସେ ନାଚି ଚାଲିଥିଲେ ।

ଗାୟତ୍ରୀ—ଆଉ ! ଏ ବୟସରେ ମିସେସ୍ ତାଲୁକଦାରଙ୍କୁ ଧରି ball dance କରିବାର ନିର୍ଲଜ୍ଜ ପ୍ରବୃତ୍ତି ମୁଁ ପସନ୍ଦ କରେ ନା । କଣ ପାଅ ସେ ନାଚରୁ ?

ସାମନ୍ତ—ସ୍ତ୍ରୀ ମାନେଇ ଈର୍ଷାପରାୟଣା ଆଉ ସନ୍ଦେହୀ । ତମେ ବା ତାର ବ୍ୟତିକ୍ରମ ହେବ କିପରି ? ଗାୟତ୍ରୀ ! ମୋ ଜୀବନପଦ୍ମରେ ଗୋଟି ଗୋଟି ହୋଇ ଅଠରୁ ଲକ୍ଷଟି ପାଖୁଡ଼ା ଫୁଟିଯାଇଛି । ଆଉ ପ୍ରତିଟି ପାଖୁଡ଼ାରେ ଭରିରହିଛି ବର୍ଣ୍ଣବୈଚିତ୍ର୍ୟ । ଏକ ନୂତନତାର ସ୍ୱାଦ । ଉପଭୋଗମୟ ଜୀବନପଥରେ ମୁଁ ବନ୍ଧନ ଚାହେଁନା, କି ଶୃଙ୍ଖଳା ପସନ୍ଦ କରେନା ।

ଗାୟତ୍ରୀ—ମୁଁ କଣ କେବେ ସେଥିରେ ତମକୁ ବାଧା ଦେଇଛି ? କିନ୍ତୁ ନିଜ ଘର ବିଷୟରେ କେବେ କିଛି ଚିନ୍ତା କରିଛ ? Night club ରୁ ଫେରୁ ଫେରୁ ତ ରାତି ଦୁଇଟା ବାଜୁଛି ।

ସାମନ୍ତ—ତଥାପି ମୁଁ କଣ ତମକୁ ସ୍ତ୍ରୀର ସମ୍ମାନ ଦେଇନି ? Let us compromise, darling ! ଗୋଲାପ କଳିକାରେ ଏ ରକ୍ତରାଗର ଆଭା ଦେଖି ମନେହୁଏ, ଅଭିମାନିନୀର ଅଭିମାନ ଆଜି ଉଚ୍ଛୁଳି ଉଠିଛି । ଖୁବ୍ ରାଗିଛ ମୋ ଉପରେ, ନା ? (ରସିକତା କରି) ପ୍ରତୀକ୍ଷାରେ ଯୋଉ ଆନନ୍ଦ, ତା କେବଳ ଅଭିସାରିକା ହିଁ ଜାଣେ ! ଚାଲ, ଭିତରକୁ ଚାଲ ।

ଗାୟତ୍ରୀ– ନା ।

ସାମନ୍ତ—କ'ଣ ହେଇଛି, ଗାୟତ୍ରୀ ?

ଗାୟତ୍ରୀ—କାବେରୀ ଏଯାଏ ଫେରିନି ।

ସାମନ୍ତ—I see ! କାବେରୀ ଉପରେ ରାଗତକ ମୋ ପାଖରେ ଶୁଝାଇଦେଲ, ନା ! (ହସି) କିନ୍ତୁ ତା ପାଇଁ ଏତେ ଚିନ୍ତା ନ କଲେ ବି ଚଳିବ । ସେ ତ ହଜିଯିବାର ଭୟ ନାହିଁ । ହୁଏତ ଫେରୁଥିବ ।

ଗାୟତ୍ରୀ—ମୁଁ କିନ୍ତୁ ଏସବୁ ପସନ୍ଦ କରେନା ।

ସାମନ୍ତ—(ହସି) ତମେ ତ ଅନେକ ଜିନିଷ ପସନ୍ଦ କରନା, darling ! ତଥାପି ତମର ପସନ୍ଦ ଉପରେ ଏ ଯୁଗଟା ଆଗେଇ ଚାଲିନି କି ଚାଲିବନି । କାରଣ, ତା'ର ବି ଗୋଟାଏ ଗତି ଅଛି । ଆଉ ସେଇ ଗତିର ଚଳମାନ ସ୍ରୋତମୁଖରେ, କାବେରୀ ଦେଖି ଆଗ୍ରହରେ ସନ୍ତରଣ କରି ଚାଲିଛି । ଆଉ ସେଥିପାଇଁ ତ ମୁଁ ତା'କୁ like କରେ ।

ଗାୟତ୍ରୀ—ଆଉ ସେ ଯଦି ସେଇ ପ୍ରଖର ସ୍ରୋତର ଆବର୍ତ୍ତ ଭିତରେ ପତନର ମଦିରା ପିଇ, ଏ ବଂଶରେ କଳଙ୍କର କଳା କାଳି ବୋଳିଦିଏ ?

ସାମନ୍ତ—ସେ ଭୟ କରନା, ଗାୟତ୍ରୀ ! କାବେରୀ ଉଚ୍ଚ ଶିକ୍ଷିତା । ନିଜ ବିଷୟରେ ତାର ଦାୟିତ୍ୱଜ୍ଞାନର ଅଭାବ ନାହିଁ । ତା ଛଡ଼ା ତମର ଝିଅ ହୋଇ ସେ କଣ ତମ ଆଦର୍ଶରେ ଅନୁପ୍ରାଣିତ ହବନି ? (ଗାୟତ୍ରୀ କିଛିଟା ସନ୍ତୁ ପାଇଛନ୍ତି)

ଗାୟତ୍ରୀ—ତଥାପି ଏତେ ସ୍ୱଚ୍ଛନ୍ଦରେ ପୁରୁଷବନ୍ଧୁମାନଙ୍କ ସହିତ ତାର ମିଳାମିଶାଟାକୁ ତୁମେ କଣ ପସନ୍ଦ କରୁଛ ?

ସାମନ୍ତ—(ହସି) ଭଲପାଇବାଟା ପାପ ନୁହେଁ, ଗାୟତ୍ରୀ ! ଆମେ ତ ଫେର୍ ପରସ୍ପରକୁ ଭଲପାଇଥିଲେ ! ଆଉ ସେଇ ଭଲପାଇବାର ମିଳନମଣ୍ଡପ ଉପରେ ଆମ ବିବାହିତ ଜୀବନର ପୂର୍ଣ୍ଣତା ଆସିପାରିଲା !

ଗାୟତ୍ରୀ—କିନ୍ତୁ କାବେରୀର ଏ ଲଗାମଛଡ଼ା ଜୀବନକୁ କଣ୍ଟ୍ରୋଲ କରିବାକୁ ପଡ଼ିବ । ଆଉ ସେଥିପାଇଁ ଦରକାର ଶାସନ ।

ସାମନ୍ତ—ମୁଁ ସବୁ ବୁଝୁଛି, ଗାୟତ୍ରୀ ! ତଥାପି ନିର୍ମଳେନ୍ଦୁ ଉପରେ ମୋର ବିଶ୍ୱାସ ଅଛି । ସେ ଉଚ୍ଚଶିକ୍ଷିତ, ଭଦ୍ର ।

ଗାୟତ୍ରୀ—ମୁଁ କିନ୍ତୁ ତାକୁ ଘୃଣା କରେ । ଏଇ ନିଭୃତ ମିଳନର ସୁଯୋଗ ନେଇ, ଭଦ୍ରତାର ଖୋଳ ଫଟାଇ, କାମନାର ଜାନୁଆରଟା ଯଦି କେବେ ପଦାକୁ ବାହାରିଆସେ, ତାହାହେଲେ ପରିଣତି କ'ଣ ହେବ ଚିନ୍ତା କରିପାରୁଛ ?

ସାମନ୍ତ—ତମେ ଆଜି କଣ କହୁଛ, ଗାୟତ୍ରୀ ?

ଗାୟତ୍ରୀ—ବୁଝିବାକୁ ଚେଷ୍ଟା କର । କାବେରୀର ସେ ଉଜ୍ଜ୍ୱଳ ଭବିଷ୍ୟତ ଗୋଟାଏ ମୁହୂର୍ତ୍ତରେ ହୁଏତ ଧୂଳିସାତ୍ ହୋଇଯିବ । ଆଉ ସାରାଜୀବନ ଧରି ତମ ଅଦରର ଝିଅ ତମରି ଆଗରେ ଲୁହ ଢାଳିବ ।

ସାମନ୍ତ—କାବେରୀ ତା ଜୀବନର ସାଥୀ ବାଛିନେଇଛି, ଗାୟତ୍ରୀ ! ମୁଁ ତାର ବିବାହ ନିର୍ମଳେନ୍ଦୁ ସାଙ୍ଗରେ କରିବି ।

ଗାୟତ୍ରୀ—(ଚମକି ଉଠିଲେ । ସତେ ବା ତାଙ୍କୁ କିଏ ଛୁରୀକରେ ମାରିଲା) ନା ନା, ତା ହୋଇପାରେ ନା ! By no means ମୁଁ ତା ବିବାହ ସ୍ଥିର କରିସାରିଛି ।

ସାମନ୍ତ—କାହା ସହିତ ?

ଗାୟତ୍ରୀ—ବିଜନ ସାଙ୍ଗରେ ।

ସାମନ୍ତ— ଗାୟତ୍ରୀ ! ଗୋଟାଏ ଲୋଫର୍ ହାତରେ ତୁମେ ଟେକିଦେବ ତମ ଆଦରର କାବେରୀଙ୍କୁ ! କୋଉ ଗୁଣରେ ସେ ନିର୍ମଳଠାରୁ ଭଲ କହିପାରିବ ? ମୁଁ କଥା ଦେଇସାରିଛି, ନିର୍ମଳ ଛଡ଼ା କାବେରୀ ଅନ୍ୟ କାହାରିକୁ ବିବାହ କରିପାରେନା ।

ଗାୟତ୍ରୀ—ମୁଁ ବଞ୍ଚି ଥାଉଁ ଥାଉଁ ତା କେବେହେଲେ ସମ୍ଭବ ନୁହେଁ । ହେଇପାରେନା ।

ସାମନ୍ତ—କାହିଁକି ?

ଗାୟତ୍ରୀ— ମୁଁ ଚାହେଁ ନା । ବାସ୍ ।

ସାମନ୍ତ—କାବେରୀର ମତାମତ ନେଇଛ ?

ଗାୟତ୍ରୀ— ଦରକାର ନାହିଁ । ସେ ମୋ କଥାରେ ଅବାଧ ହେବାର ଦୁଃସାହସ କେବେହେଲେ କରିବନି ।

ସାମନ୍ତ— ଆଉ ଯଦି ତୁମ ପ୍ରସ୍ତାବରେ ସେ ରାଜି ନ ହୁଏ ?

ଗାୟତ୍ରୀ—ଗୋଟାଏ ଅବାଧ ଝିଅକୁ କିଭଳି ଶାସନ କରିବାକୁ ହୁଏ, ତା ମୁଁ ତୁମକୁ ଦେଖାଇଦେବି ।

ସାମନ୍ତ— ଏ ଜିଦ୍‌ର ପରିଣତି କିଛି ଭଲ ହେବନି, ଗାୟତ୍ରୀ ! କାବେରୀ ହୁଏତ ତମ ନିଷ୍ଠୁର ନିଷ୍ପତ୍ତିର ପ୍ରତିବାଦ କରି ନ ପାରେ; କିନ୍ତୁ ଗୋଟାଏ ଭଙ୍ଗା ମନ ନେଇ ସେ ଯଦି ଆତ୍ମହତ୍ୟା କରେ ?

ଗାୟତ୍ରୀ—ତଥାପି ନିର୍ମଳେନ୍ଦୁ ସହିତ ତା'ର ବିବାହ ସମ୍ଭବ ନୁହେଁ ।

ସାମନ୍ତ—ମା ହେଇ ତମେ ଏ କଥା କହିପାରିଲ ?

ଗାୟତ୍ରୀ—ହଁ, ମୁଁ ତାର ମା ବୋଲି ଏ କଥା କହିପାରିଲି । କୋଉ ମା କଣ ତା ଝିଅର ଅମଙ୍ଗଳ କାମନା କରିପାରେ ?

(କଣ୍ଠ ବାଷ୍ପାକୁଳ ହେଇଗଲା)

ସାମନ୍ତ—(ଗମ୍ଭୀର ଭାବରେ) ତମର କ'ଣ ହେଇଛି, ଗାୟତ୍ରୀ ?

ଗାୟତ୍ରୀ—କିଛି ନାହିଁ । ତମେ ଭିତରକୁ ଯାଅ । କାବେରୀ ଫେରିବାଯାଏ ମୁଁ ଏଇଠି ଅପେକ୍ଷା କରିବି ।

ସାମନ୍ତ—ତମେ କଣ ଭାବୁଛ, ମୁଁ ତୁମର ପରିବର୍ତ୍ତନ ଲକ୍ଷ୍ୟ କରି ପାରିନ ବୋଲି ?

ଗାୟତ୍ରୀ—ତମେ କଣ କହିବାକୁ ଚାହଁ ?

ସାମନ୍ତ—ସେଦିନ ଯୋଉ ପାଗଳଟା ଏଠାକୁ ଆସିଥିଲା, ତାକୁ ଚିହ୍ନିଛ ?

ଗାୟତ୍ରୀ—ନା ।

ସାମନ୍ତ—ମୋର କିନ୍ତୁ ମନେହୁଏ, ସେ ତମକୁ ଚିହ୍ନିଛି !

ଗାୟତ୍ରୀ—ଅରେ କହିଲି, ମୁଁ ତାକୁ ଜାଣେନା ବୋଲି !

ସାମନ୍ତ—ମୁଁ କିନ୍ତୁ ତାର ଇତିହାସ ଚାହେଁ ! କାରଣ, ସେ ଆସିବା ପରଠାରୁ ତମ ଜୀବନରେ ଦେଖାଦେଇଛି, ଏକ ଅପୂର୍ବ ବିଷଣ୍ଣତା, ଗୋଟାଏ ଖାପଛଡ଼ା ମନୋଭାବ ।

ଗାୟତ୍ରୀ—ମିଛକଥା । ମୁଁ ଯାହା ଥିଲି ଆଜି ବି ସେଇଆ ଅଛି । ଗୋଟାଏ ପରିଚୟହୀନ ପାଗଳ ସହିତ ମୋର ବା କି ସମ୍ପର୍କ ଥାଇପାରେ !

ସାମନ୍ତ—ତଥାପି ଅଶାନ୍ତର କବରତଳୁ ସେ ପାଗଳର ଇତିହାସ ମୁଁ ଦିନେ ନା ଦିନେ ଖୋଳି ବାହାର କରିବି ।

(କହି ଭିତରକୁ ଚାଲିଗଲେ । ଗାୟତ୍ରୀ କିନ୍ତୁ ହୋଇପଡ଼ିଲେ ବିବ୍ରତ, ଆଉ ଚିନ୍ତିତ । ଏହି-ସମୟରେ ହସି ପଶିଆସିଲେ ନିର୍ମଳ ଓ କାବେରୀ

ନିର୍ମଳ—Wish you a happy night. ମୁଁ ଆସୁଛି, କାବେରୀ ।

ଗାୟତ୍ରୀ—କାବେରୀ ! ମୁଁ ତୋ ପାଖରେ ଏ ଧରଣର ଉଚ୍ଛୃଙ୍ଖଳତା ଆଶା କରି ନ ଥିଲି । (ନିର୍ମଳ ଫେରି ଯାଉ ଯାଉ ରହିଗଲେ) ତୁ କ'ଣ ଚାହୁଁ, ଏ ବଂଶର ବୁନିଆଦି ଉପରେ କଳଙ୍କର ଜୟପତାକା ଉଡ଼ିବ ? ଏ ଘରର ଇଜ୍ଜତ୍ ମାଟିରେ ମିଶିଯିବ ?

ନିର୍ମଳ—ଦେଖନ୍ତୁ, ମାଉସୀ ! ଆମେ ଦୁହେଁ...

ଗାୟତ୍ରୀ—ତମେ ଚୁପ୍ କର, ନିର୍ମଳ ! ମୋ ଝିଅକୁ ଶାସନ କରିବାର ଅଧିକାର ମୋର ନିଶ୍ଚୟ ଅଛି ।

ନିର୍ମଳ—ତା ବୋଲି କିଛି ନ ବୁଝି ନ ସୁଝି ଏପରି ଆକ୍ଷେପ କରିବାଟା ଉଚିତ ନୁହେଁ, ମାଉସୀ ! କାବେରୀଙ୍କୁ ଶାସନ କରିବା ଛଳରେ ଆପଣ କଣ ମତେ ଅପମାନିତ କରୁନାହାନ୍ତି ?

ଗାୟତ୍ରୀ—ଅପମାନ ! ସେ ବିଷୟରେ ଯଦି ସାମାନ୍ୟତମ ଧାରଣା ଥାଏ, ତେବେ ଏଇ ମୁହୂର୍ତ୍ତରେ ଏଠା ଛାଡ଼ି ଚାଲିଯାଅ ।

ନିର୍ମଳ—ମାଉସୀ !!

ଗାୟତ୍ରୀ—ମୁଁ କାହାର ସଫେଇ ଚାହେଁ ନା । ମୁଁ କହିରଖୁଛି, ନିର୍ମଳ, ତମେ ଯଦି ଆଉ ଥରେ ଏଠାକୁ ଆସ କିମ୍ବା କାବେରୀ ସହିତ ମିଳାମିଶା କର, ତେବେ ପରିଣାମ ନିଶ୍ଚିତ ବିଷମୟ ହୋଇଉଠିବ । ଏଇଟା ଜଣେ ଭଦ୍ରଲୋକର ଘର, ଏଇକଥା ଯେପରି ତମର ମନେ ରହେ !

କାବେରୀ—ମୋର ବନ୍ଧୁଙ୍କୁ ତୁ ଏଭଳିଭାବେ ଅପମାନିତ କଲେ ମୁଁ କେବେହେଲେ ବରଦାସ୍ତ କରିପାରିବିନି, ବୋଉ ! ତାଙ୍କୁ ବାହାର କରିଦେବାର ଅଧିକାର ତୋର ନାହିଁ ।

ଗାୟତ୍ରୀ—(ଶାସନ କଣ୍ଠରେ) କାବେରୀ !!

କାବେରୀ—ତୋ ଧମକରେ ଡରିଯିବାର ଝିଅ ମୁଁ ନୁହେଁ । ମୋର ନିଜତ୍ୱ ବୋଲି କିଛି ଅଛି ।

ନିର୍ମଳ—ମୋ ଯୋଗୁଁ ତମ ଘରେ ଗୋଟାଏ ଝଗଡ଼ା ଉଠୁ ଏହା ମୁଁ ଚାହେଁନା, କାବେରୀ । ମୁଁ ଆସୁଛି ।

(କହି ଝଡ଼ଭଳି ବାହାରି ଚାଲିଗଲେ)

କାବେରୀ—ନିର୍ମଳ, ଶୁଣିଯାଅ ! ନିର୍ମଳ ··

ଗାୟତ୍ରୀ—ସେ ଆଉ ଫେରିବନି, କାବେରୀ ! ଏ ଘରର ଦରଜା ମୁଁ ସବୁଦିନ ପାଇଁ ତା ଲାଗି ବନ୍ଦ କରିଦେଇଛି ।

କାବେରୀ—ତୁ କଣ ଭାବୁଛୁ ବୋଉ, ତୋର ଏ ମନମୁଖୀ ଶାସନକୁ ମୁଁ ହସି ହସି ସ୍ୱାଗତ କରିବି ? It is impossible ! ନିର୍ମଳ ଏଠିକି ଆସିବ ।

ଆଉ ତୁ ଯଦି ତାର ପ୍ରତିରୋଧ କରିବାର ଅପଚେଷ୍ଟା କରିବୁ, ତେବେ ମନେରଖ, ବୋଉ, ତୁ ଚିରଦିନ ପାଇଁ ତୋ କାବେରୀକୁ ହରେଇ-ବସିବୁ ।

ଗାୟତ୍ରୀ—କାବେରୀ ! ତୋ ବୋଉର ମନରେ ଆଘାତ ଦେଇ ତୁ କ'ଣ ଶାନ୍ତି ପାଇବୁ ?

କାବେରୀ—ମୋ ମନରେ ଆଘାତ ଦେଇ ତୁ ଯଦି ଶାନ୍ତି ପାଇପାରିବୁ, ତା'ହେଲେ ମୁଁ ନ ପାରିବି କାହିଁକି ? ଏ ଦୁନିଆର କୌଣସି ଶକ୍ତି ମତେ ନିର୍ମଳଠାରୁ ଅଲଗା କରିପାରିବନି । ତାଙ୍କର ତାବଲାର ତାଲେ ତା'ଲେ ଘୁଙ୍ଗୁରରେ ମୁଁ ତୋଳିଦେବି ସଙ୍ଗୀତର ମୂର୍ଚ୍ଛନା । ତାଙ୍କର ପରଶରେ ମୋ ନୃତ୍ୟରେ ଫୁଟିଉଠିବ ଜୀବନର ଝଙ୍କାର । ତାଙ୍କ ପାଖରୁ ମୁଁ ଅଲଗା ରହିପାରିବିନି, ବୋଉ !

ଗାୟତ୍ରୀ—(ରାଗରେ ଆପତ୍ତି ମାରି) କାବେରୀ !!

କାବେରୀ—(ଆଶ୍ଚର୍ଯ୍ୟ ହୋଇ) ବୋଉ !

ଗାୟତ୍ରୀ—ସେଇ ଅଭିଶପ୍ତ ଘୁଙ୍ଗୁର ତତେ ହୁଏତ ସର୍ବନାଶର ରାଗିଣୀ ଶୁଣାଇଛି ! କିନ୍ତୁ ମନେରଖ, କାବେରୀ ! ତୋ ଭଳି ଗୋଟାଏ ଉଦ୍ଧତ ଆଉ ଅବାଧ୍ୟ ଝିଅକୁ କିପରି ଶାସନ କରିବାକୁ ହୁଏ, ତା ମତେ ବେଶ୍ ଜଣା । ଚାଲ୍ !

(କାନ୍ଧ ଭିତରକୁ ଠେଲି ଠେଲି ନେଇଗଲେ)

(ମଞ୍ଚର ଆଲୋକ ଲିଭିଗଲା)

## ଚତୁର୍ଥ ଦୃଶ୍ୟ

[ ସମୟ୍ସ ସନ୍ଧ୍ୟା । ଆଡ଼ଭୋକେଟ୍ ନିର୍ମଳେନ୍ଦୁ ଚୌଧୁରୀଙ୍କର ବୈଠକଖାନା । ସାଜସଜ୍ଜା ଅନୁରୂପ । ଗୋଟାଏ ଭଙ୍ଗା ମନ ନେଇ ନିର୍ମଳେନ୍ଦୁ ଗାଉଥିଲେ— ]

—ଗୀତ—

ପ୍ରଦୀପ ଜଳିଲା, ରାତି ବି ନଇଁଲା, ପ୍ରିୟା ମୋ ଆସିଲା ନାହିଁ,
ତା ରୂରୁ ଚରଣ ନୂପୁର ପରଶେ ଶିହରି ଉଠିଲି ନାହିଁ ।
ଅଭିମାନେ ଭରା ଜୁଆର ଉଠିଲା ଖାଲି,
ମୋ ଆଖି ଲୋତକେ ଉଜାଲା ତା ଲାଗି
ବିରହ ଯମୁନା ବାଲି ··

ଉଦାସ ଗଗନେ ତାରା ମୁଁ ଗଣିଲି ପ୍ରିୟା ପଥ ଚାହିଁ ଚାହିଁ
ଶେଫାଳି ଝରିଲା, ଝରି ଜୋଛନାର କୋହ,
ରାତି ବି ସରିଲା, ସୁରଭି ହଜିଲା,
କାବେରୀ ଢାଳିଲା ଲୁହ,
ପ୍ରଦୀପ ଜଳିଲା, ମନ ବି ଜଳିଲା, ସେ·ତା' ବୁଝିଲା ନାହିଁ,
ପ୍ରଦୀପ ଜଳିଲା ··

(ଗୀତ ଗାଉଥିବା ସମୟରେ ଆସିଲେ ନିର୍ମଳେନ୍ଦୁଙ୍କର ବନ୍ଧୁ, ଲକ୍ଷପତି ବ୍ରଜେନ । ନିର୍ମଳେନ୍ଦୁ କିନ୍ତୁ ତାଙ୍କର ଆସିବା ଲକ୍ଷ୍ୟ କରି ନ ଥିଲେ । ନିର୍ମଳେନ୍ଦୁଙ୍କର ଅବସ୍ଥା ଦେଖି, ବ୍ରଜେନଙ୍କ ମୁହଁରେ କିନ୍ତୁ ଫୁଟି ଉଠିଥିଲା ଏକ

ସଙ୍କୁଳ୍ପ ବଦ୍ଧ୍ୟପର ଝଙ୍କୃତ । ବ୍ରଜନ, ବୟସ ପଚଶି । ସୁଶ୍ରୀ ତରୁଣ । ମନେ ହେଉଥିଲା, ସେ ଯେପରି ନିର୍ମଳେନ୍ଦୁଙ୍କ ମନଦରିଆରେ ଅଜସ୍ର ତରଙ୍ଗ ସୃଷ୍ଟି କରିବାକୁ ଆସିଥିଲେ । ତାଙ୍କର ହସ ଏବଂ ଗୃହାଣିରେ ଭରିରହିଥିଲା ଏକ ପ୍ରଚ୍ଛନ୍ନ ମାଦକତା, ଯାହା ହଠାତ୍ ବୁଝିବା କଷ୍ଟକର । ଗୀତ ଶେଷରେ ଧୀରେ ଧୀରେ ତାଳି ମାରି )

ବ୍ରଜନ Lovely nice ! ଏଇ ରୂପେଲି ସନ୍ଧ୍ୟାର ଧୂମଳ ଲଗରେ ତୋର ଏ କରୁଣ ସୁରଝାର ଆହତ ମୂର୍ଚ୍ଛନା ଶୁଣିଲେ ମନେହୁଏ, ପ୍ରେମିକପ୍ରବର ବିରହାନଳରେ ଏକବାରେ ଜଳିଯାଇଛନ୍ତି । ( ପାଟିରେ ଚୁ ଚୁ ଶବ୍ଦ କରି ) ଆରେ ଭାଇ, ରାତ ତ ନଇଁବାକୁ ଅନେକ ଡେରି ଅଛି ।

( କବିତା ଆବୃତ୍ତି କଲା )

"କାହିଁ ତରତର, ମଧୁଯାମିନୀ ତ
ଏବେ ବି ଯାଇନି ପାହି,
ପ୍ରିୟାର ଚରଣ ନୂପୁର ଏବେ ବି
ବାଜିନି ତ ରହି ରହି ।"

ନିର୍ମଳ—ବ୍ରଜନ ! ସେ ନୂପୁର ଆଉ କେବେ ବାଜିବନି । ସବୁଦିନ ପାଇଁ ସେ ହୁଏତ ନୀରବ ହୋଇଯାଇଛି ।

ବ୍ରଜନ—(ପାଟିରେ ଚୁ ଚୁ ଶବ୍ଦ କରି) ଯାହାର ତବଲାର ତାଲେ ତାଲେ ଫୁଟି ଉଠୁଥିଲା ସଙ୍ଗୀତର ଶତଦଳ, କାବେରୀର ସେ ନର୍ତ୍ତବ ଘୁଙ୍ଗୁର ଦେହରେ ଭରିଦେଉଥିଲା ଜୀବନ୍ୟାସର ରୋମାଞ୍ଚକର ସ୍ପନ୍ଦନ, ଆଜି ତା କଣ୍ଠରେ ଏ ଉଦାସ ଅଭିମାନ କାହିଁକି ?

ନିର୍ମଳ—ବ୍ରଜନ ! ଜୀବନରେ କେବେ ଅଭିମାନ କରିନି କି ଅଭିଯୋଗ କରିନି । ମୁଁ ଖାଲି ଖୋଜୁଥିଲି ଗୋଟିଏ ସଙ୍ଗୀତମୁଖର ଜୀବନ । କିନ୍ତୁ କହିପାରୁ, ବ୍ରଜନ, ମୋ ଜୀବନବୀଣାର ତାରଟା କାହିଁକି ଅକାଳରେ ଛିଡ଼ିଗଲା ?

ବଜନ—ଖାଲି ସେତିକି ନୁହେଁ, ବନ୍ଧୁ ! ଛବିଲ ସ୍ୱପ୍ନଟା ତୋର ଅଧା ବି ରହିଗଲା, ନା ? ହଁ, କାବେରୀ ଭଳି ଝିଅ ଧୋକା ଦବା କିଛି ନୂଆ କଥା ନୁହେଁ, ନିର୍ମଳ !

ନିର୍ମଳ -ବଜନ ! ଆମ ଦୁହିଁଙ୍କର ସମ୍ପର୍କ କିନ୍ତୁ ଥିଲା ପବିତ୍ର, ନିର୍ମଳ ! ପାପର ଗ୍ରାସ୍ ତାକୁ କେବେହେଲେ ସ୍ପର୍ଶ କରି ନ ଥିଲା, କି ସେଥିରେ କାମନାର ସନ୍ଧି ବି ନ ଥିଲା । କାରଣ, ସଙ୍ଗୀତ ଥିଲା ଆମ ଦୁହିଁଙ୍କର ଜୀବନ । ତଥାପି ମାଉସୀ ଯେ କାହିଁକି ଉତ୍କ୍ଷିପ୍ତ ହୋଇଉଠିଲେ···

ବଜନ - ମୁଁ ସବୁ ଜାଣେ, ନିର୍ମଳ ! ଗତ କାଲି କାବେରୀର ସଙ୍ଗୀତ ଆସରକୁ ମତେ ନିମନ୍ତ୍ରଣ କରିଥିଲେ ମାଉସୀ । କାବେରୀ କାଲି ଯା ହା ନାଚିଲା ନା, ଅମରାବତୀର ଉର୍ବଶୀ ବି ତା ପାଖରେ ହାର୍ ମାନିଯିବ ।

ନିର୍ମଳ—ବଜନ ! କାବେରୀ ନାଚିପାରିଲା ? ତା ଘୁଙ୍ଗୁର ଦେହରେ ସତରେ କଣ ଫୁଟିଉଠିଲା ସଙ୍ଗୀତର ଆବେଗଭରା ମୂର୍ଚ୍ଛନା ?

ବଜନ—ବିଶ୍ୱାସ କରୁନୁ ?

ନିର୍ମଳ - ମିଛ କଥା । ତା ହେଇପାରେନା । ତୁ ଚାଲିଯା, ବଜନ, ତୁ ଚାଲି ଯା । ମୋତେ ଟିକିଏ ଶାନ୍ତିରେ ରହିବାକୁ ଦେ !

ବଜନ—ତବଲା କିଏ ବଜାଉଥିଲା, ଜାଣିଛୁ ?

ନିର୍ମଳ - ଜାଣିବା ଦରକାର ନାହିଁ । I want rest.

ବଜନ ତବଲା ବଜାଉଥିଲି ମୁଁ ।

ନିର୍ମଳ—( ଚିତ୍କାର କରିଉଠିଲା) ବଜନ ! ମୁଁ ବଞ୍ଚି ଥାଉଁ ଥାଉଁ ତା ହୋଇପାରେ ନା । It is impossible ! ତୁ କଣ ଶୁଣୁ ?

ବଜନ—(ହସି) ତୁ କାହା ଉପରେ ରାଗୁଛୁ, ନିର୍ମଳ ? କାବେରୀ ଭଳି ଝିଅକୁ ନେଇ, ସଙ୍ଗୀତର ମଦିରା ପିଇଦୁଏ, ନୃତ୍ୟର ତାଳେ ତାଳେ ମୁହୂର୍ତ୍ତି କେଇଟା ପାଇଁ କ୍ଳାନ୍ତିଭରା ଜୀବନର ଅବସାଦ ଭୁଲିହୁଏ, କିନ୍ତୁ ତାକୁ ଧରି ସଂସାର ଗଢ଼ିବାର ଖିଆଲ କେବଳ ତୋ ଭଳି ଗୋଟାଏ ପାଗଳ କରିପାରେ । କାରଣ, କାବେରୀ ଗୋଟାଏ ଉଡ଼ା ଚଢ଼େଇ ।

ନିର୍ମଳ—ବିଜନ ! କାବେରୀର ଚରିତ୍ର ଉପରେ କୌଣସି ପ୍ରକାର କୁତ୍ସିତ ଆକ୍ଷେପ ବରଦାସ୍ତ କରିବା ମୋ ପକ୍ଷରେ ସମ୍ଭବ ନୁହେଁ । ସେ ଯାହା ହେଲେ ବି…

ବିଜନ—(ବିଦ୍ରୂପରେ) ଗଙ୍ଗାଜଳ ପରି ପବିତ୍ର ଆଉ ପୂଜାଫୁଲ ପରି ନିର୍ମଳ, ନା ? (ନିର୍ମଳ ଇଙ୍ଗିତ ଦ୍ୱାରା ବିଜନ କଥାକୁ ସମର୍ଥନ କଲେ) ତା ବିଷୟରେ କିଛି ଜାଣିଛୁ ?

ନିର୍ମଳ—କିନ୍ତୁ ତୋର ଏ ଅହେତୁକ ଆଗ୍ରହଟା କାହିଁକି ?

ବିଜନ—କିଛି ନାହିଁ । ତଥାପି ତତେ କହିରଖୁଛି, ନିର୍ମଳ ! କାବେରୀର ହସରେ ବିଷ ମିଶିଛି । ତା ପାଦ ଦୁଇଟାର ଚଞ୍ଚଳତାରେ ଦୂରକୁ ଫିଙ୍ଗିଦେବାର ଅସୀମ ଆଗ୍ରହ । ସେ' ଆଘାତ ଖାଇବା ଆଗରୁ ନିଜକୁ ସାବଧାନ କରିନେ, ନିର୍ମଳ ! ନଚେତ୍…

ନିର୍ମଳ—କାବେରୀର ନୃତ୍ୟ ତା'ହେଲେ ତତେ ପାଗଳ କରିଛି, ନା ? ତୁ କଣ ଚାହୁଁ ଆମ ଦୁହିଁଙ୍କ ଭିତରେ ଗୋଟାଏ ପ୍ରତିଦ୍ୱନ୍ଦ୍ୱିତା ହେଇଯିବ ?

ବିଜନ—ଆରେ, ନା, ନିର୍ମଳ ! ବନ୍ଧୁ ହିସାବରେ ମୁଁ ତୋର ଶୁଭ କାମନା କରେ । ତୁ ଏତେ ଈର୍ଷାପରାୟଣ ହୋଇଉଠୁଛୁ କାହିଁକି ? କାବେରୀ ଖାଲି ନାଚଜାଣେନା, ନିର୍ମଳ ! ନଚେଇ ମଧ୍ୟ ଜାଣେ । ଆଉ ତୋ'ରି ଭଳି ଅନେକଙ୍କୁ ସେ ନଚେଇ ନଚେଇ ଫିଙ୍ଗି ଦେଇଛି ଅନେକ ଦୂରକୁ, ଠିକ୍ ତା କବରୀର ଛିଡାଫୁଲ ଭଳି ।

ନିର୍ମଳ—ବିଜନ ! ତୁ ଏସବୁ ଆଜି କଣ କହୁଛୁ ?

ବିଜନ—ଖାଲି ତୋର ଭଲ ପାଇଁ । ଆହୁରି ଶୁଣିବୁ ? ତୋର ସ୍ୱପ୍ନସୁନ୍ଦରୀ କାବେରୀ ମୋର ଏଇ ଗୃହ ଉପରେ କେତେ ମଧୁଯାମିନୀର ତାରକିତ ଲଗ୍ନରେ କେତେ ଯେ ଗୀତ ଗାଇଛି, ତାର ହିସାବ ନିକାଶ ଆଜି ନାହିଁ । ତଥାପି ସେ ମତେ ଧୋକା ଦେଇ ପ୍ରତାରଣା କରିଛି ।

ନିର୍ମଳ—(ଉତ୍କ୍ଷିପ୍ତ ହେଇ) ମିଛ କଥା ।

ବିଜନ (ହସିଉଠିଲା) ହୁଏତ ଆମର ଭଳି ଅନେକଙ୍କୁ ସେ ଧୋକା ଦେଇଛି । ଆଉ ଗୋଟାଏ ବାସିଫୁଲ ଭଳି ତଳେ ପାଦରେ ଆଡ଼େଇଦେଇ ପୁଣି ଖୁଁଜୁଛି ମୋର ବାହୁଯୁଗ୍ମ ତଳେ ଆଶ୍ରୟ । ତାକୁ ଭୁଲି ଯା, ନିର୍ମଳ, forget her.

ନିର୍ମଳ– ବିଜନ ! (ସେ ହୁଏତ ବିଜନର ଗୁଳି ବୁଝି ନ ପାରି ବିଶ୍ୱାସ କରିବା ଆରମ୍ଭ କରିଛି)

ବିଜନ—କିନ୍ତୁ ତା ଖୁଁଜିବାର ମୂଲ୍ୟ ଦେବାକୁ ମୁଁ ଆଦୌ ପ୍ରସ୍ତୁତ ନୁହେଁ । କାରଣ, ମୁଁ ତୋ ଭଳି ବୋକା ନୁହେଁ କି ପାଗଳ ବି ନୁହେଁ । ତା ବିରହରେ ମୁଁ କେବେ ଜଳି ନ ଥିଲି, କି ଆଜି ବି ଯଦି ଦରକାର ପଡ଼େ, ତୋ ଭଳି ଜଳିବିନି । କାବେରୀର ଜନ୍ମ, ସାରାଜୀବନ ଧରି ଖାଲି ନାଚିବାପାଇଁ ।

ନିର୍ମଳ -- (ଚିତ୍କାର କରି) ନା, ସେ ଆଉ କେବେ ନାଚିପାରିବନି, ବିଜନ ! ସେ ଉଚ୍ଛୃଙ୍ଖଳ ନର୍ତ୍ତକୀର ଚଞ୍ଚଳ ପାଦ ଦୁଇଟାକୁ ମୁଁ ସବୁଦିନ ପାଇଁ କରିଦେବି ଅଥର୍ବ, ପଙ୍ଗୁ !

ବିଜନ —(ଓଠରେ ଫୁଟିଉଠିଲା ସାଫଲ୍ୟର କ୍ରୂର ହସ—କ୍ଷୀଣ ଅଥଚ ଅର୍ଥପୂର୍ଣ୍ଣ) ନିର୍ମଳ !

ନିର୍ମଳ—ହଁ, ବିଜନ ! ଏଇ ନିର୍ମମ ଜ୍ୱଳନର ଦାହଟାକୁ ମୁଁ ଏକା ଏକା ସହିଯିବି, ଆଉ ସେ ମନ ଖୋଲି ହସିଯିବ ? ତା କେବେ ହୋଇପାରେ ନା । ସେ ବି ମୋରି ଭଳି ଜଳିବ । ମୁଁ ପ୍ରତିଶୋଧ ନେବି, ବିଜନ ! ମୁଁ ତାକୁ···

ବିଜନ—ଆଇନଟାକୁ ନିଜ ହାତକୁ ନେଲେ ପରିଣାମଟା ଭଲ ହବନି, ନିର୍ମଳ ! ତା ଛଡ଼ା, ବିଖ୍ୟାତ ଆଡ଼ଭୋକେଟ୍ ନିର୍ମଳେନ୍ଦୁ ଚୌଧୁରୀଙ୍କୁ କିଏ ଗୋଟାଏ ମନଲାଖି ଝିଅ ମିଳିବନି ? ଯଦି ଚାହୁଁ····

ନିର୍ମଳ - ତୁ ଯା, ବିଜନ ! I will remember you.

ବିଜନ—(ଟିକିଏ ହସି) O. K· Wish you best of your luck. Right, ନିର୍ମଳ ! (କହି ଚାଲିଗଲେ)

( ଶ୍ରମକ୍ଳାନ୍ତ ମନ ନେଇ ନିର୍ମଳ ସ୍ତବ୍ଧ ହୋଇ ବସିପଡ଼ିଲେ । ଏହି ସମୟରେ ଆସିଲେ ତାଙ୍କର ଷ୍ଟେନୋ ଓ ମୋହରିର । ଷ୍ଟେନୋ ଯୁବକ । ଆଧୁନିକ ରୁଚିସମ୍ପନ୍ନ । ଆଉ ମୋହରିର ଦକ୍ଷିଣିଆ, ପ୍ରୌଢ଼ । ବୟସ ପଇଁଚାଳିଶ । ଟିକିଏ କାଲ । କପାଳରେ ରାମାନନ୍ଦୀ ଚିତା । ପ୍ରବେଶ କରି )

ଷ୍ଟେନୋ—ସାର୍, ସେ ଘୋଡ଼ାଶାଳବାଲାଙ୍କର ଦରଖାସ୍ତଟା ଅଧା ଡାକିଛନ୍ତି । ବାକିତକ...

ନିର୍ମଳ—ବାକିତକ ପରେ ଡିକ୍‌ଟେସନ୍ ନେଲେ ଚଳିବ । ଯାଅ !

ଷ୍ଟେନୋ—କିନ୍ତୁ ସାର୍, ଦରଖାସ୍ତଟା କାଲି ଦାଖଲ ନ କଲେ ମକଦ୍ଦମାଟା ତମାଦି ହୋଇଯିବ ।

ନିର୍ମଳ—(ରାଗି) ଯାଉ !

ଷ୍ଟେନୋ—ସାର୍, ତିନି ହଜାର ଟଙ୍କାର ଦାବିଟା ତମାଦି ହୋଇଯିବ !

ନିର୍ମଳ—ହଁ, ହଁ, ହୋଇଯାଉ, ସବୁ ଜଳିଯାଉ । ଯାଅ ! (କହି ରାଗ ଓ ବିରକ୍ତିରେ ଭିତରକୁ ଚାଲିଗଲେ)

ମୋହରିର—(କଥାବାର୍ତ୍ତାରୁ କିଛି ବୁଝି ନ ଥିଲେ । ଅନୁମାନ କରି) ହଇକିଏ, ଷ୍ଟେନୋବାବୁ ! ସାର୍ କିସ ଜଳଖିଆ ଖାଇସାରିଲେ ଆଜିଟା ଡିକ୍‌ଟେସନ୍ ଦେବେ ବୋଲି କହିଲେ ? ବୁଝିଲ ନା, ଷ୍ଟେନୋବାବୁ ! ସେ ମକଦ୍ଦମାରେ ଭଲ ଦି'ପଇସା ମିଳିବାର ଅଛି ହେ ! ମହକିଲଟା ନା, ନିପଟ ମଫସଲିଆ ଆଉଛି ।

ଷ୍ଟେନୋ—ହଁ, 'ମାରିନେଲେ ମହାପାପେ, ଛୁଇଁଥିଲେ ଜଳିକା' । ନିଅ, ଭଲକରି ମାରିନିଅ । ହେଲେ, ତା ଆଗରୁ ତମ କାନ ଦୁଇଟାକୁ ଭଲ କରି oiling କରିନିଅ, ବୁଝିଲ !

ମୋହରର—(ହସି) କସ କହୁଲ ? Filing କରଦେବ ! ହଇକଏ, ଷ୍ଟେନୋବାବୁ ! ଆଜିଡ ମୋଟେ ଲେଖା ସରନ୍ନ । Filing କସ କରଦେବ ହେ ! ଇଏ ଡକ୍‌ଟେସନ୍ ନେଇ ନେଇ ତମ original ବୁଦ୍ଧିଗୁଡ଼ାକ କସ ଅକାମି ହେଇଗଲା କଏ ?

ଷ୍ଟେନୋ—ବୁଝିଲ ଖମ୍ବଆଲୁ ! ମୁଁ ଏଇଆ କହୁଲ ? ହାତ କହୁଲେ ଘୋଡ଼ା ବୁଝିବ ! କହୁଲେ କଣ ନା, ମୋ original ବୁଦ୍ଧିଗୁଡ଼ା ଅକାମି ହେଇଗଲାଣି ! କାଲଙ୍କ ସର୍ଦ୍ଦାର ତ !

ମୋହରର—ଆଉ ତମେ କସ ବେଦ କହୁଲ ଯେ, ଆମେ ବୁଝିଲନ ? ଆମେ କାଲ ନୁହେଁ, ଷ୍ଟେନୋବାବୁ ! ବୁଝିଲ, ଆମକୁ ସବୁ ଶୁଭୁବାର ହେ !

ଷ୍ଟେନୋ—ହଁ, ସବୁ ଶୁଭୁଥିବ, ନାକବାଟେ ଶୁଣୁଥିବ । ହଇଏ, ମୋହରରବାବୁ ! ବାବୁଙ୍କ ଅର୍ଡ଼ର ଶୁଣିଲଟି ?

ମୋହରର—ମର୍ଡର ! ହଇକିଏ, ଷ୍ଟେନୋବାବୁ ! କୋଉ ମର୍ଡ଼ର କେସ୍ କଥା କହୁଛ ହେ ? ଗ୍ରେଟିପଡା, ନା ନୂଆସାହୁ ?

ଷ୍ଟେନୋ—(ବିରକ୍ତିରେ) ଖାସା କାଲ ହାବୁଡ଼ରେ ମଣିଷ ପଡ଼ିଲା ଯେ...

ମୋହରର—(କାଲକୁ bail ବୋଲି ଶୁଣି) ହଁ ହଁ, bail ଦରଖାସ୍ତଟା ରେଡ଼ି କରବାର ହେ ! ତା ଛଡ଼ା, ଆମ ଦ' ଲୋକଙ୍କର ପାଉଣା ବାବତକୁ ଢେରଶ ଟଙ୍କା ଆମେ ରଖିବାର ।

ଷ୍ଟେନୋ—ହୁଁ, ଆଚ୍ଛା, ମୋହରରବାବୁ ! କୋର୍ଟ ଫି ବାବତ୍‌ରେ କେତେ ଟଙ୍କା ମାରଛ ?

ମୋହରର—(ହସିଦେଇ) ବେଶି କଛୁ ନାହିଁ ହେ, ଷ୍ଟେନୋବାବୁ ! ମାଇକ କୋଡ଼ିଏ ଟଙ୍କା ହେ !

ଷ୍ଟେନୋ—ବାବୁଙ୍କୁ କହୁଦେବ । (ବଡ଼ପାଟିରେ)

ମୋହରର—ଆବା, ଏମିତ କସ କହୁଛ ହେ ! ତମକୁ ମିଶା ତାହିଁରୁ ପାଞ୍ଚ ସାତ ଟଙ୍କା ଦେବନ କଏ ! ତନ୍ଦ୍ରା କାଅଣ ପାଇଁ ? ତମେ ତ ଆମର ଅତ ଅପଣାର ଲୋକ ।

ଷ୍ଟେନୋ—ଭଲ କାମ କରୁଛ, ମୋହରିରବାବୁ ! ବୁଝିଲ,' ମହକିଲଙ୍କ ବେକରେ ବାଉଁଶ ପକେଇ, ଭଲ ଶୋଷିଜାଣିଛ ।

ମୋହରିର—(ଖୁସି ହୋଇ) ସେ ନରସିଂହପୁର ବାଉଁଶକଟା ମକଦ୍ଦମା କଥା ପଚାରୁଛନ୍ତି ? ତା ତାରିଖ ପଡ଼ି ପନ୍ଦରଦିନ ପାଉଛି ।

ଷ୍ଟେନୋ—(ବିରକ୍ତିରେ) ଧେତ୍‌ତେରି ! ବୁଝିଲ ମୋହରିର ବାବୁ ! ବାବୁଙ୍କ ମିଜାଜ୍ ଆଜି ଭାରି ଗରମ । (ବଡପାଟିରେ କହିଲେ) ଅର୍ଦ୍ଦଳି ଡାକିବାକୁ ମନା କରିଦେଲେ ।

ମୋହରିର—ଆଁବା ! କେଡ଼େ ପାଇଟି କଲେ ହେ ! ମନା କରିଦେଲେ ? ହଇକଏ, ଷ୍ଟେନୋବାବୁ ! ବାବୁ ଆମର ହଠାତ୍ ଗରମ ହୋଇଗଲେ କଅଣ ପାଇଁ ହେ ? ଏ ଜାଡ଼ ଦିନୁଟାରେ···

ଷ୍ଟେନୋ—ମୁଁ ତ ସେଇଆ ଭାବୁଛି, ଆମ ନରମ ବାବୁ ହଠାତ୍ ଗରମ ହୋଇଗଲେ କାହିଁକି ? ଆଚ୍ଛା, ମୋହରିରବାବୁ ! ତମର ଆମର ଗୋଟାଏ ଡିସ୍‌କସନ୍ କରିବା, ବାବୁ ଆମର ଏମିତି ଗରମ ହେଲେ କାହିଁକି ?

ମୋହରିର—କସ କହିଲ ?

ଷ୍ଟେନୋ—ଡିସ୍‌କସନ୍, ଡିସ୍‌କସନ୍ କରିବା ।

ମୋହରିର—(ହସି) ହଇକଏ, ଷ୍ଟେନୋବାବୁ ! ଢ଼ିସିକେଶନ କସ କରିବ ହେ ?

ଷ୍ଟେନୋ—ଧେତ୍‌ତେରି ! ଆହେ ଢ଼ିସିକେଶନ ନୁହେଁ, ଡିସ୍‌କସନ୍ । ବୁଝିଲ ?

ମୋହରିର—ଏବେ ଏକା ବୁଝିବାର ହେ ! ଡିସକସନ୍ କସ ତମ ଆମ ଭିତରେ କରିବା କହେ ?

ଷ୍ଟେନୋ—ଆଉ କ'ଣ ଏ ଟେବୁଲ ଚୌକି ସାଙ୍ଗରେ ?

(ଏହି ସମୟରେ ଇନ୍ଦ୍ରଜିତ୍‌ଙ୍କୁ ଆସୁଥିବା ଦେଖିପାରି)

ମୋହରିର—ଚୁନପଡ଼ ହେ, ଷ୍ଟେନୋବାବୁ ! ଟିକଏ ସମ୍ଭାଳିଯାଅ । ଆସିଗଲା । ବୁଝିଲ ନା, ଷ୍ଟେନୋବାବୁ ! ଆମ ଜାଲକୁ ଏଙ୍କା ପୁଣି ଗୋଟିଏ ମୀନ ଆସିଗଲା ହେ ! ଅସଲ ବେଳକୁ ବାବୁଙ୍କର ଫେରେ ମିଜାସ୍ ଗରମ ।

(ଇନ୍ଦ୍ରଜିତ ଭିତରକୁ ଆସିଲେ)

ଇନ୍ଦ୍ରଜିତ—ଆଡ୍‌ଭୋକେଟ୍ ସାହେବ ଘରେ ଅଛନ୍ତି ?

ଷ୍ଟେନୋ—ବସ ବସ, ଏଇ ସେ ଆଙ୍ଗେ ସାଙ୍ଗେ call ଦେଉଛୁ ।

(କବାଟ ଭିତରକୁ ଗଲେ)

ମୋହରିର—(ହସି) ବୁଝିଲ ନା, ବାବୁ ! ଆଡ୍‌ଭୋକେଟ୍ ବାବୁଙ୍କ ସିରସ୍ତାରେ ଆମେ ଏକା ଏକନମ୍ବର ମୋହରିର ଆଉଚ । ତାଙ୍କେ ସବୁ ବଡ଼ ବଡ଼ କେସୁ ଆମକୁ ଦବାର । ଏଇ ମର୍ଡର, ରେପ୍ସୁ, ଡକେଇତି, ଘରପୋଡ଼ି, ଅପିଲ— ଯେତେସବୁ, ବଡ଼ ବଡ଼ ମକଦ୍ଦମା ନା, ସବୁ ଆମେ କରିବାର ହେ ! ହଁ, ତମ ଘର କୋଉଠି ହେ ?

ଇନ୍ଦ୍ରଜିତ—ମୋ ଘର ?

ମୋହରିର—ଡଗର ଟି ? ବିଦ୍ୟାଧରପୁର ଥାନା ? ସେ କଥା କହୁନ ! ବୁଝିଲ ନା, ବାବୁ ! ସେ ଗାଁ'ର ଅଧେ ଲୋକ ଆମର ମହକିଲ ଥାଉଚନ୍ତି । ଯୋଉ ମକଦ୍ଦମାରେ ହାତ ଦେବ ନା, ତାହିଁରେ ଡିଗ୍ରୀ ଥୁଆ । ହଁ, ତମ ନାଁ କସ ବୋଇଲ ?

ଇନ୍ଦ୍ରଜିତ—ଇନ୍ଦ୍ରଜିତ ।

ମୋହରିର—ଯାହା କହିବାର କଥା ଟିକିଏ ବଡ଼ପାଟିରେ ବୋଲିବ ହେ ! ଆମର ଟିକିଏ (ହସି) କାନଦୋଷ ଥାଉଚ ନା ! ସେମିତି ବେଶୀ କିଛି ନୁହେଁ, ହେ, ସମାନ୍ୟ ମାତ୍ରକ ଥାଉଚ । ହଁ, ତମ ମକଦ୍ଦମା କସ ବୋଲିଲ ? ଅଦାଲତ, ଫୌଜଦାରୀ, ସରସରୀ, ଅପିଲ, ରିଭିଜନ ?

ଇନ୍ଦ୍ରଜିତ—ମୁଁ ପରାମର୍ଶ କରିବାକୁ ଆସିଛୁ ।

ମୋହରିର—ଆଣିକର ଟଙ୍କା ବାନ୍ଧିଚଟି ? ବାବୁଙ୍କର ପରାମର୍ଶ ଫିସ୍ ପଚିଶ ଟଙ୍କା । ଷ୍ଟେନୋବାବୁଙ୍କର ପାଞ୍ଚ ଟଙ୍କା । ଆଉ ଆମ କଥା କସ ବୋଲିବ ହେ, ତମେ ତ ଆମର ଆପଣାର ଥାଉଚ । ଆଉ କିଏ ମହକିଲ ହୋଇଥିଲେ ନା, ସମାନ ଦଶଟଙ୍କା ଫିସ ନେଇଥାନ୍ତି । ହଁ, ତମେ ଯାହା ଟଙ୍କାଏ ମସାଏ କମେଇଦେବ ହେ, ତାହିଁରେ ଆମର କଲପଣା ନାହିଁ ହେ ! ଆଉ ଦନକୁ ଆଉ ଦନେ ଅଛୁ ନା ! କସ ବୋଲୁଚ ହେ ?

ଇନ୍ଦ୍ରଜିତ—ଏଠି ବି ଗୁଲିଛ, ଶୋଷଣର ନିର୍ମମ ଜୟଯାତ୍ରା !

ମୋହରର—'କାନରେ ଯାହା କଥା ଯେମିତି ପଡ଼ୁଛି) ହଇକି ଏ ! ଆମେ ଯାହା ପାର୍ଟିରେ ଥିବା କଥା ତମକୁ ଜଣା କହେ ? ଗୁଣ ଚନ୍ଦ୍ରେ ଗୁଣିଆ । ଆମ ପାରଟ୍ ଦେଖିଚଟି ? ଅମେ ଯେତେବେଳେ ଗ୍ରଜା ହେଇ ଖଣ୍ଡା ଧରି ବାହାରବାର ନା କସ ବୋଲୁବ ! (ଅଭିନୟ କରି) "ବାନ୍ଧିଅଛୁ ରାଣୀ, ବଧିବ ଏକ୍ଷଣି, ଚନ୍ତା ରୁ ନ କର ହେଲେ" ସେତେବେଳେ ଯୋଜ୍ ତାଲି ନା, ସତେ ଯେମିତି ଆକାଶଟା ଛିଣ୍ଡି ପଡ଼ିବ; ଆଉ ଆମେ ଯେତେବେଳେ ରାଣୀଙ୍କ ବିରହରେ ସଙ୍ଗୀତ ଗାଉଥିବାର ନା, ସେତେବେଳେ ଲକ୍ଷ ଲକ୍ଷ ଲୋକଙ୍କ ଆଖିରୁ ଖାଲି ଲୁହ, ଧାର ଧାର ହୋଇ ଗଡ଼ିପଡ଼ିବାର ଅପୁ ଅପୁ । ସେ ଦିନ ବି ଗଲାଣି, ଆଉ ଆମ ବୟସ୍ ବି । ଏବେ ବାବୁ କସ ନାଟକ ସବୁ ହଉଚ କେଜାଣି, ମାଗଣାରେ ଡାକିଆଣି ଦେଖେଇଲେ ବି ଲୋକେ ଏକା ଅଧାରୁ ଉଠି ପଳାଉଚନ୍ତି ହେ !

(ଷ୍ଟେନୋ ମୋହରରଙ୍କ ସବୁକଥା ଶୁଣି, ଫେରଆସିବା ବେଳେ)

ଷ୍ଟେନୋ ଯୋଉ କନ୍ଦର୍ପ ଭଳିଆ ରୂପ ତ ! ସେଥିରେ ପୁଣି ମେଣ୍ଢା ଭଳିଆ ସ୍ୱର । ସେଥିରେ କଣ ନା, ମୁଁ ରଜା ପାରଟ୍ କରୁଥିଲି !

ମୋହରର—ମତେ କସ କହିଲ କହେ, ଷ୍ଟେନୋବାବୁ ?

ଷ୍ଟେନୋ—ନାଇଁ, ମୁଁ କ'ଣ କହୁଥିଲି କି, ରଜା ପାରଟ୍‌ଟା ତମକୁ ଖୁବ ଭଲ ମାନୁଥିବ । ସାକ୍ଷାତ୍ ରାଜକୁମାର ତ ! ଆଉ ସ୍ୱର କଥା ଗୁଡ଼ । Very sweet, ଠିକ୍ ଗଣାମଲ୍ଲ ସାହି ନଳା ତ !

ମୋହରର—(ହସିଦେଇ, ଅଧେ ଗୁହିଁଲେ) ତମ ପାଉଣାର ବ୍ୟବସ୍ଥା କରିଦେଇଚ ହେ, ଷ୍ଟେନୋବାବୁ ! (ଇନ୍ଦ୍ରଜିତଙ୍କୁ ଦେଖାଇ) ସେ ଆମ ଆପଣାର ଲୋକ ଜନା, କମ୍ ବେଶୀ ଚଳେଇନେବ ।

(ନିର୍ମଳେନ୍ଦୁଙ୍କୁ ଆସୁଥିବା ଦେଖି)

ଷ୍ଟେନୋ—ଆଜ୍ଞ ଆଜ୍ଞ, ମୋହନରବାବୁ ! ବାବୁ ଆସୁଚନ୍ତି ।

( ନର୍ମଳେନ୍ଦୁ ଆସିଲା ପରେ ଇନ୍ଦ୍ରଜିତଙ୍କୁ ଦେଖି କିଛି ସମୟ ପାଇଁ ନିର୍ବାକ୍ ହୋଇଗଲେ । ଦୁହେଁ ପରସ୍ପରକୁ କିଛି ସମୟ ଚାହିଁବା ପରେ )

ନର୍ମଳ—ତମେ ?

ଇନ୍ଦ୍ରଜିତ— ତମେ···ତମେ ସହରର ବଶିଷ୍ଟ ଆଡ୍‌ଭୋକେଟ୍ ନର୍ମଳେନ୍ଦୁ ଚୌଧୁରୀ ?

ନର୍ମଳେନ୍ଦୁ—ହଁ, କଣ ଦରକାର, କୁହ ।

ଇନ୍ଦ୍ରଜିତ—I have some consultations with you.

ନର୍ମଳେନ୍ଦୁ—(ଇନ୍ଦ୍ରଜିତଙ୍କ କଣ୍ଠର ସ୍ପଷ୍ଟ ଆଉ ଶୁଦ୍ଧ ଇଂରାଜୀ ଶୁଣି ସ୍ତବ୍ଧ ହୋଇଗଲେ । ତାଙ୍କର ସବୁ ଧାରଣା ଯେପରି ଓଲଟପାଲଟ ହୋଇଗଲା) ତମେ !

ମୋହନର—ସେ ଆମର ନଜର ଲୋକ, ଆଜ୍ଞା ! ତାଙ୍କ ଘର ବିଦ୍ୟାଧରପୁର ଥାନା, ଉତ୍ତର ।

ନର୍ମଳ—ଏମିତି ଉପରେ ପଡ଼ି କଥା କହିବାକୁ କେତେଥର ତମକୁ ମନାକରିଚି ! ଯେ ମହକିଲ ଆସିଲା, ସେ ସାଙ୍ଗେ ସାଙ୍ଗେ ତମର ଆପଣାର ଲୋକ ହୋଇଗଲା ! ଯାଅ, ଅଫିସଘରେ ଅପେକ୍ଷା କର ।

( ଷ୍ଟେନୋ ଓ ମୋହନର ଦୁହେଁ ନୀରବରେ ବାହାରିଗଲେ )

ନର୍ମଳ—ମୋର ଧାରଣା ଥିଲା ··

ଇନ୍ଦ୍ରଜିତ—ମୁଁ ଗୋଟାଏ ମାରାତ୍ମକ ଅପରାଧୀ ବୋଲି, ନା ?

ନର୍ମଳ—ନା ନା ! (ଟିକିଏ ଅପ୍ରସ୍ତୁତ ହୋଇ )

ଇନ୍ଦ୍ରଜିତ - ଗୋଟାଏ କପଟ ମଫସଲି, ମୂର୍ଖ ଆଉ ପାଗଳ ବୋଲି, ନା ?

ନର୍ମଳ ପରିଚୟ ଆପଣଙ୍କର ଜାଣିପାରେ କି ?

ଇନ୍ଦ୍ରଜିତ—ପରିଚୟ ! ବେଶଭୂଷା ଦେଖି ମଣିଷକୁ କିଏ ଚିହ୍ନି ହୁଏ ? ଆଜି ହୁଏତ କେହି ବିଶ୍ୱାସ କରିବେନି, ମୋର ଦିନେ ପରିଚୟ ଥିଲା, ପ୍ରତିଷ୍ଠା ବି ଥିଲା । ଆଜି କିନ୍ତୁ ସବୁ ଜଳିଯାଇଛି । ଗୋଟାଏ ଖୁନୀର ମୋହର ମୋର ଏଇ ବିକ୍ଷତ କପାଳରେ ବସିଲା ଦିନଠାରୁ, ମୋର ପରିଚୟପତ୍ର ହଜିଯାଇଛି । ମଣିଷ ଆଖିରେ ମୁଁ ଗୋଟାଏ ହିଂସ୍ର ଜାନୁଆର । ହଁ, ପରାମର୍ଶ ପାଇଁ କେତେ ଟଙ୍କା ଦବାକୁ ପଡ଼ିବ ?

ନିର୍ମଳ—ଆଗେ କ'ଣ ହୋଇଚି, କୁହନ୍ତୁ ।

ଇନ୍ଦ୍ରଜିତ—( ଅଳ୍ପ ହସି) ମୋର ଅବସ୍ଥା ଦେଖି ମୋ'ଠାରୁ ଫିସ୍ ନେବନି ? ଦୟା କରିବ ? ଏ ଯୁଗରେ ଯେ ଦୟା କରେ, ତା'ଠାରୁ ବଳି ବୋକା ବୋଧହୁଏ ଆଉ କେହି ନାହିଁ ।

ନିର୍ମଳ—ଦେଖନ୍ତୁ, ଫିସ୍ ଦେବାକୁ ତ ମୁଁ ମନା କରିନାହିଁ । Pay as you like. କହନ୍ତୁ, କ'ଣ ହୋଇଛି ?

ଇନ୍ଦ୍ରଜିତ—(ଟିକିଏ ଭାବି) ଶୁଣିବ ? ତେବେ ଶୁଣ—ଯାହାର ନୃତ୍ୟ ମତେ ମୁଗ୍ଧ କରିଥିଲା, ଯାହାର ସଂଗୀତ ମୋ ଜୀବନରେ ଆଣିଦେଇଥିଲା ଏକ ପୁଷ୍ପିତ ବସନ୍ତର ସ୍ୱର୍ଗ, ଯାହାକୁ ମୁଁ ଜୀବନରେ ସବୁକିଛି ଦେଇ ଭଲପାଇଥିଲି, ଯାହାକୁ ମନମନ୍ଦିରରେ ଦେବୀର ଆସନ ଦେଇଥିଲି, ସେ ମୋ ସହିତ ବିଶ୍ୱାସଘାତକତା କଲା । ମୋର ସୁନାର ସଂସାରରେ ନିଆଁ ଜାଳିଦେଲା । ଆଇନରେ ତା ପାଇଁ କଣ ଦଣ୍ଡବିଧାନ ଅଛି, କହିପାରିବ ?

ନିର୍ମଳ—( ନିଜ କଥା ଭାବୁଥିଲେ । ସତେ ଯେପରି ଇନ୍ଦ୍ରଜିତ ନିର୍ମଳେନ୍ଦୁଙ୍କ ଜୀବନକାହାଣୀ ଶୁଣାଉଥିଲେ । ଆଉ ଗୋଟାଏ ଖିଆଲରେ ) ତାକୁ ଖୁନ୍ କରନ୍ତୁ ।

ଇନ୍ଦ୍ରଜିତ—କ'ଣ କହିଲ ?

ନିର୍ମଳ—(ପ୍ରକୃତିସ୍ଥ ହୋଇ) ଏଁ, ନା, I am sorry. ହଁ, କଣ କହିଲେ ? ସେ ଝିଅଟା ଆପଣଙ୍କ ସହିତ ବିଶ୍ୱାସଘାତକତା କଲା, ନା ? ବେଶ୍, ତା ନାମରେ ମକଦ୍ଦମା କରନ୍ତୁ—Damage suit.

ଇନ୍ଦ୍ରଜିତ—ତମେ ହୋସ୍‌ରେ ଅଛ ତ, young man ? ମୋର ମନେହୁଏ, ମୋ କଥାଗୁଡ଼ାକ ତମ ଅବଚେତନ ମନର ନିଭୃତ କେନ୍ଦ୍ରରେ ତୀବ୍ର ଆଘାତ ଦେଇଛି, ଯାହା ଫଳରେ କି ସୃଷ୍ଟିହୋଇଛି ତମ ମନଦରିଆରେ ଅଜସ୍ର ତରଙ୍ଗ ।

ନିର୍ମଳ—ନା ନା, ମୁଁ ଗୋଟାଏ ମର୍ଡ଼ର କେସ୍ କଥା ଭାବୁଥିଲି ନା !

ଇନ୍ଦ୍ରଜିତ—(ଈଷତ୍ ହସି) ଦେଖି ଦେଖି ଏ ଆଖି ଦୁଇଟା ଜଳକା ହୋଇଯାଇଛି । ଶୁଣି ଶୁଣି କାନ ଦୁଇଟା ବଧିର ହୋଇଗଲାଣି । ଆଉ ସହି ସହି ଏ ଛାତିଟା ବି ପଥର ହୋଇଯାଇଛି । ମୁଁ ତୁମକୁ ଠିକ୍ ବୁଝିପାରୁଛି, young man ! ତମେ ଜଣେ ମାନସିକ ବିକାରଗ୍ରସ୍ତ ରୋଗୀ, ଠିକ୍ ମୋରି ଭଳି । ମୋର ଗୋଟାଏ ଅନୁରୋଧ ରଖିବ ? ଉପଦେଶ ମାନିବ ?

ନିର୍ମଳ - ଆପଣ·· ··· · ······ ( କିଛି କହିପାରିଲେନି )

ଇନ୍ଦ୍ରଜିତ—ସେ ଝିଅଟାକୁ ତମେ ଭୁଲିଯାଅ, young man ! ସେ ହୁଏତ ଗୋଟାଏ କାଳନାଗୁଣୀ । ଠିକ୍ ତା'ରି ଭଳି ।

( ଏହି ସମୟରେ ଦ୍ରୁତପଦରେ ପଶିଆସିଛି କାବେରୀ )

କାବେରୀ—ମମତାର ସବୁ ବନ୍ଧନ ତୁଟାଇ ମୁଁ ଧାଇଁଆସିଛି, ନିର୍ମଳ ! ମତେ ଭୁଲ ବୁଝିବନି ।

ନିର୍ମଳ—(ଗମ୍ଭୀର ଭାବେ) ଫେରିଯାଅ, କାବେରୀ ! ତମର ସେ ନିର୍ମଳେନ୍ଦୁ ମରିଯାଇଛି ।

ଇନ୍ଦ୍ରଜିତ—ସାବାସ୍, young man ! ଏ ଧୋକାବାଜ୍ ଦୁନିଆରେ ତମେ ଠିକ୍ ବଞ୍ଚି ରହିପାରିବ ।

କାବେରୀ—ନିର୍ମଳ ! ଏ ଲୋକଟା ଏଠି କାହିଁକି ? ତାକୁ ଧକ୍କା ଦେଇ ବାହାର କରିଦିଅ, ନିର୍ମଳ ! ମତେ ଭାରି ଭୟ ଲାଗୁଚି ।

ଇନ୍ଦ୍ରଜିତ—ରକ୍ତକଣିକାରେ ଉଚ୍ଛୃଙ୍ଖଳତାର ସ୍ୱାକ୍ଷର ବହନ କରି ଯେ ନିଜର ବାପ ମା, ଘରଦ୍ୱାର ଛାଡ଼ି ଗୋଟାଏ ପର ପୁରୁଷ ନିକଟକୁ ଧାଇଁଆସିଲା, ତାକୁ ଆଗ ଧକ୍କା ଦେଇ ବାହାର କରିଦେବା ଉଚିତ, young man !

କାବେରୀ—ତମେ ଚୁପ୍ କର ! ବାହାରିଯାଅ, କହୁଛି !

ନିର୍ମଳ—ସେ ଠିକ୍ କହୁଛନ୍ତି, କାବେରୀ !

କାବେରୀ ତମେ ଏ କଥା କହିପାରୁଛ ନିର୍ମଳ ?

ନିର୍ମଳ—ହଁ ହଁ, ମୁଁ ଏ କଥା କହୁଛି । ତମେ କ'ଣ ଭାବୁଛ କାବେରୀ, ଗୋଟାଏ ବେପରୁଆ ନର୍ତ୍ତକୀର ଉଦ୍ଧତ ଅହଙ୍କାର ଆଗରେ ମୁଁ ମୋର ପୌରୁଷକୁ ବଳି ଦେଇଦେବି ?

କାବେରୀ—ନିର୍ମଳ ! ତମେ ହୋସରେ ଅଛ ତ ? ଆଜି ତମର କଣ ହୋଇଛି ? ମୁଁ ଜଣେ ଉଚ୍ଚପଦସ୍ଥ ସରକାରୀ ଅଫିସରଙ୍କ ଝିଅ । ଗୋଟାଏ ଇତର ନର୍ତ୍ତକୀ ସାଙ୍ଗରେ ତମେ ମତେ ତୁଳନା କରିପାରିଲ ?

ଇନ୍ଦ୍ରଜିତ—ଉଚ୍ଚପଦସ୍ଥ ସରକାରୀ ଅଫିସରଙ୍କ ଝିଅ !

(ଖୁବ୍ ଜୋର୍‌ରେ ହସିଉଠିଲେ)

ନିର୍ମଳ—କ'ଣ ହେଲା ? ଆପଣ ଏମିତି ହସିଲେ କାହିଁକି ?

ଇନ୍ଦ୍ରଜିତ—ଏ ଝିଅର ଅତୀତ ଜାଣିଛ, young man ?

ନିର୍ମଳ—ଅତୀତ ! ମାନେ ?

ଇନ୍ଦ୍ରଜିତ—ହଁ, ଅତୀତ । କ୍ଷୁଏତ ବର୍ଣ୍ଣୋଜ୍ଜ୍ୱଳ ନଟେନ୍ଦ୍ର ତମସାଚ୍ଛନ୍ନ ।

କାବେରୀ—ଅଭଦ୍ର ! ମୋ ବିଷୟରେ ଏ ପ୍ରକାର ଅନଧିକାର ଚର୍ଚ୍ଚା ମୁଁ ପସନ୍ଦ କରେନା ।

ଇନ୍ଦ୍ରଜିତ—ଯଦି ପଚାରିବାର ସତ୍‌ସାହସ ଥାଏ, ତେବେ ଗାୟତ୍ରୀକୁ ପଚାରିବ, ଅତୀତର ସେ ଜରାଜୀର୍ଣ୍ଣ ପାଣ୍ଡୁଲିପି ଭିତରେ ମୋ କଥାର ସତ୍ୟତା ଅଛି କି ନା ? ମୁଁ ଆସୁଛି, young man !

( କହି ଚାଲିଗଲେ । କାବେରୀ ଆଉ ନିର୍ମଳ ସ୍ତବ୍ଧ )

କାଦେମ୍ବି— ସେ ଲୋକଟା କଣ କହୁଥିଲା, ଶୁଣିଲି, ନିର୍ମଳ ! ମୋର ମନେହୁଏ···

ନିର୍ମଳ—ତମେ ଚାଲିଯାଅ, କାଦେମ୍ବି ! ଏଇ ନିଃସଙ୍ଗ ପରିବେଶ ଭିତରେ ମଣିଷ-ମନର ହିଂସ୍ର ଜାନୁଆରଟା ବେଳେ ବେଳେ ଲଗାମଛଡ଼ା ହୋଇଯାଏ । ଆଜି ତା ପୂର୍ବରୁ···

କାଦେମ୍ବି—ନିର୍ମଳ !!

ନିର୍ମଳ—( ଚିତ୍କାର କରି ) ଚାଲିଯାଅ !

( ମଞ୍ଚର ଆଲୋକ ଲିଭିଗଲା )

## ପଞ୍ଚମ ଦୃଶ୍ୟ

[ ସମୟ ସନ୍ଧ୍ୟା ଆଠଟା । Mr. Samantaଙ୍କ ଘରର ଗୋଟାଏ ଅଂଶ । ( ତୃତୀୟ ଦୃଶ୍ୟର ସାଜସଜ୍ଜା) ଗୋଟିଏ ଚୌକି ଉପରେ ବସି ଗାୟତ୍ରୀ ଦେବୀ ଉଲ୍ ର ସୁଏଟର ବୁଣୁଥିଲେ । ହସହସ ମୁହଁରେ ପଶିଆସିଲେ ବିଜନ । ବିଜନଙ୍କୁ ଦେଖି ଗାୟତ୍ରୀ ଆଡ଼େ ସତର୍କ ଦୃଷ୍ଟି ପକାଇ ]

ଗାୟତ୍ରୀ—ନିର୍ମଳେନ୍ଦୁ ସହିତ ଦେଖାହେଲା ?

ବିଜନ—ଖାଲି ଦେଖା ନୁହେଁ, ମାଉସୀ ! ଆପଣଙ୍କ ଆଶୀର୍ବାଦରୁ ତା ମନଟାକୁ ଏଭଳି ବିଷାକ୍ତ କରିଦେଇଛି ଯେ, ସାରାଜୀବନ ଧରି ସେ କାଦେମ୍ବିକୁ ଆଉ ମନେପକାଇବନି ।

ଗାୟତ୍ରୀ—ସାବାସ୍, ବିଜନ ! ମୁଁ ତମଠାରୁ ଏଇଆ ଆଶା କରିଥିଲି । ରିଏଲି, ବିଜନ ! You are intelligent.

ବିଜନ—ତା ଛଡ଼ା ନିର୍ମଳ ଭଳି ଗୋଟାଏ ଲେଫର୍‌କୁ ବାହାହେଇ କାବେରୀ କେବେ କଣ ଶାନ୍ତିରେ ରହିପାରିଥା'ନ୍ତା ?

ଗାୟତ୍ରୀ—ଖାସ୍ ସେଇଥିପାଇଁ ତ କାବେରୀକୁ ତମ ହାତରେ ଦେବ ବୋଲି ମୁଁ ଅନେକ ଦିନରୁ ମନେ ମନେ ସ୍ଥିର କରିଛି ।

ବିଜନ—ସେ ତ ମୋର ପରମ ସୌଭାଗ୍ୟ; କିନ୍ତୁ ମଉସା ଯଦି…

ଗାୟତ୍ରୀ—ମୋ ଇଚ୍ଛାଶକ୍ତିର ପ୍ରତିବାଦ କରିବାର ଦୁଃସାହସ Mr. Samanta କେବେହେଲେ କରିବେନି, ବିଜନ ! ମୁଁ ଯାହା ଚାହିଁଛି, ତା ପାଇଛି । କିନ୍ତୁ ତମର ବାପା, ମା…

ବିଜନ—(ହସି) ସେମାନେ ଚାହାନ୍ତି, ଗୋଟିଏ ଅବଗୁଣ୍ଠନବତୀ ବଧୂ, ଗୋଟାଏ କପଟ ମଫସଲର ଅନ୍ଧକାର ମୂଳକରୁ ଆଣିବେ, ଘରେ ବଂଶର କୁଳଲକ୍ଷ୍ମୀ କରି । କାରଣ, ରକ୍ଷଣଶୀଳ ମନୋଭାବ ସେମାନଙ୍କର ଏବେ ବି ଯାଇନି ।

ଗାୟତ୍ରୀ—ତାହାହେଲେ ··

ବିଜନ—ମୁଁ କିନ୍ତୁ ଆପଣଙ୍କର ଚରଣ ଛୁଇଁ ଶପଥ କରୁଛି, ମାଉସୀ, କାବେରୀ ପାଇଁ ଯଦି ଦରକାର ପଡ଼େ, ମୁଁ ଘରଦ୍ୱାର, ବାପ ମା, ସମସ୍ତଙ୍କୁ ଆଡେଇଦେବି ।

ଗାୟତ୍ରୀ—(ଖୁସିରେ) ମୁଁ ବି ଠିକ୍ ସେଇଆ ଚାହେଁ, ବିଜନ । ଏଇ ମୁକୁଳା ଆକାଶର ଦୁଇଟି ମୁକ୍ତ ବିହଙ୍ଗ ପରି ତୁମେ ଦୁହେଁ ଜୀବନକୁ ଉପଭୋଗ କର । ଶାସନର ସୁବୃହତ୍ ମଧ୍ୟେ ଭଳି ନିଗେନା କି ଶୃଙ୍ଖଳାର ନିର୍ମମ ବନ୍ଧନ ମୁଁ ପସନ୍ଦ କରେ ନା । ତମେ ଟିକିଏ ଅପେକ୍ଷା କର ବିଜନ ! କାବେରୀକୁ ମୁଁ ଡାକିଦେଉଛି ।

(କହି ଭିତରକୁ ଚାଲିଗଲେ । କିଛି ସମୟ ପରେ ଆସିଲା କାବେରୀ)

କାବେରୀ– ମୋ ସମ୍ବନ୍ଧ କିଛି କାମ ଅଛି ?

ବଜନ—(ହସି) ରାଗିଛ ? ତମେ ରାଗିଲେ କିନ୍ତୁ ଖୁବ୍ ସୁନ୍ଦର ଦେଖାଯାଅ, କା'ବେରୀ ! ଆଚ୍ଛା, କାବେରୀ ! ମତେ ଦେଖିଲେ ତମେ ହଠାତ୍ ଏମିତି ଗମ୍ଭୀର ହୋଇଉଠ କାହିଁକି ? କଣ, ମୁଁ ତୁମକୁ ଖୁବ୍ ଖରାପ ଲାଗେ, ନା ?

କାବେରୀ —(ରୁକ୍ଷ ଗଳାରେ) ତମେ କଣ ଚାହଁ, ବଜନ ?

ବଜନ—କାବେରୀ ! ତମର ଏ ଭସାଣିଆ ଆଖି ଦୁଇଟାର ଅଳସ ଚାହାଣି, ତମର ଏ ରକ୍ତଚନ୍ଦନା ଅଧରରେ ଲକ୍ଷ କୁସୁମର ସୁରଭି, ମତେ ଆତ୍ମବିଭୋର କରିଛି । ସତରେ କାବେରୀ, ତୁମକୁ ଦେଖିଲା ପରଠାରୁ ମୋ ମନଯମୁନାରେ ଭଲପାଇବାର ଅଜସ୍ର ତରଙ୍ଗ ଉଠିଛି । ଆସ, ଆଜିର ଏ ବାସନ୍ତୀ ଲଗ୍ନରେ ମନଭରି ଘୂରିଆସିବା ଠିକ୍ ଦୁଇଟି ରଙ୍ଗୀନ୍ ପ୍ରଜାପତି ଭଳି ।

କାବେରୀ—କାବେରୀକୁ ଚିହ୍ନିବାରେ ତମର ଅନେକ ଭୁଲ ରହିଯାଇଛି, ବଜନ ! ଗୋଟାଏ ବହ୍ନିବଳୟ ଭିତରେ ଝାସ ଦେବା ପୂର୍ବରୁ ତା'ର ପରିଣତି ଚିନ୍ତା କରିଛ ?

ବଜନ—(ହସି) ମୁଁ ଚାହେଁ ସେହି ନିର୍ମମ ଜ୍ୱଳନର ଏକ ମଧୁର ଅନୁଭୂତି ।

କାବେରୀ—ବଜନ ! (ଦୃଢ଼ ଗଳାରେ)

ବଜନ—ମୁଁ ତମକୁ ପ୍ରାଣଭରି ଭଲପାଏ, କା'ବେରୀ ! ଆଉ ଖାସ୍ ସେଇଥିପାଇଁ ଗୋଟାଏ ଅମ.ନିଆ ପତଙ୍ଗ ଭଳି ମୁଁ ଜଳିଯିବାକୁ ଚାହେଁ । ମତେ ଜାଳିଦେଇ ପାରିବ କାବେରୀ ?

(ବଜନ କାବେରୀର କାନ୍ଧ ଉପରେ ହାତ ରଖିଲେ । ଘୃଣାରେ ହାତକୁ ଛାଟିଦେଇ ଦୂରକୁ ଘୁଞ୍ଚିଗଲା କାବେରୀ )

କାବେରୀ—ମତେ ସ୍ପର୍ଶ କରିବାର ଦୁଃସାହସ ଆଉ କେବେ କରିବନି, ବଜନ ! ଗୋଟାଏ କକ୍ଷଚ୍ୟୁତ ଉଲ୍କାର speed ଦେଇ ଯେ ଛୁଟିଚାଲିଛି, ତାକୁ ତମର ଏ ଦୁର୍ବଳ ହାତ ଦୁଇଟାରେ ରୋକିବାର ଅପଚେଷ୍ଟା କରନା । ତମେ ଚାଲିଯାଅ !

ବିଜନ— ଯାହାର ସ୍ମୃତିକୁ ସମ୍ବଳ କରି ତୁମେ ଆଜି ଅଣନିଶ୍ୱାସୀ ହୋଇ ଛୁଟିଚାଲିଛ, ସେଇ ନିର୍ମଳେନ୍ଦୁ ଆଉ ଫେରିବନି, କାବେରୀ ! କାନ୍ଦି କାନ୍ଦି ତମ ଆଖିର ସବୁତକ ଲୁହ ଶୁଖିଗଲେ ବି, ତାର ସେ ପଥର ଛାତିରେ ଝରିଉଠିବନି ।

କାବେରୀ— ବିଜନ !

ବିଜନ —ହୁଏତ ଆଉ ଗୋଟିଏ ନୂତନ ରୂପସୀ ଆଜି ନିର୍ମଳେନ୍ଦୁର ମନମନ୍ଦିରରେ ତା'ର ଆହ୍ୱାନ ଜମେଇ ଦେଇଛି । Forget him, କାବେରୀ ! ଆସ, ଆମେ ଦୁହେଁ ରଚନା କରିବା ପୁଷ୍ପିତ ସଂସାର । ଆଉ ମୋର ନବନିର୍ମିତ ପ୍ରାସାଦ "ମେଘାଳୟ"ର ନିସ୍ତବ୍ଧ କକ୍ଷ ମେଘକନ୍ୟାର ଚରଣ ସ୍ପର୍ଶରେ ଝଂକୃତ ହୋଇଉଠିବ । ତମେ ପୁଣି ନାଚିବ, କାବେରୀ ! ମୋର ତବଲାର ତାଲେ ତାଲେ ତମର ତନୁମନରେ ଫୁଟିଉଠିବ କୃଷ୍ଣଚୂଡ଼ାର ହସ ।

(କାବେରୀକୁ ଛାତି ଉପରକୁ ଭିଡ଼ିନେଲେ । କିନ୍ତୁ କାବେରୀ ନିଜକୁ ମୁକ୍ତ କରି ବିଜନ ଗାଲରେ ଦେଇଛି ଏକ ଶକ୍ତ ଥାପଡ଼)

କାବେରୀ—ଅଭଦ୍ର ! ତମେ କଣ ଭାବୁଛ, ମୁଁ ତୁମର ଅତୀତ ଜାଣେ ନା ବୋଲି ? ସରଳା ଜେନା କାହା ପାଇଁ ଆତ୍ମହତ୍ୟା କଲା ? ନନ୍ଦିତା ଦାସ ଆଜି କାହା ପାଇଁ କଳଙ୍କିନୀର ଜୟମାଳ୍ୟ ପିନ୍ଧି ଲୁହ ଢାଳୁଛି ?

ବିଜନ—(ବିବ୍ରତ ହୋଇ) କାବେରୀ !

କାବେରୀ—ମୁଁ ସେମାନଙ୍କ ପରି ନିର୍ବୋଧ ନୁହେଁ, ବିଜନ ! ତୁମେ କେବଳ ମୋର କଲେଜ ଜୀବନର ସାଥୀ ବୋଲି, ଗୋଟାଏ ଥାପଡ଼ରେ ତମର ଏ ଅଭଦ୍ରାମିର ଜବାବ ଦେଲି । ନଚେତ୍ ଅନ୍ୟ କେହି ହୋଇଥିଲେ, ମୋର ଏଇ ଚପଲ୍ ତାର ଉତ୍ତର ଦେଇଥାନ୍ତା । ବାହାରିଯାଅ !

ବିଜନ—(ରାଗିଯାଇ) ତମେ କଣ ଭାବୁଛ, କାବେରୀ, ଲକ୍ଷପତି ବିଜନ ରାଏ ତମର ଏ ଅପମାନକୁ ହସି ହସି ବରଦାସ୍ତ କରିଯିବ ? ମୁଁ ପ୍ରତିଶୋଧ ନେବ, କାବେରୀ ! ମୁଁ ଏ ଅପମାନର ଜବାବ ଦେବ । ତମେ ନିଶ୍ଚୟ ନାଚିବ,

ମେଘାଲୟର ନଭୃତ କକ୍ଷରେ, ମୋର ତବଲାର ତାଲେ ତାଲେ ! ତମର ନଗ୍ନ ଚରଣ ଦୁଇଟାରେ ପୁଣି ଫୁଟିବ ରକ୍ତଜବାର ସ୍ୱପ୍ନ । ମୁଁ ଯାହା ଗ୍ରହିଛ, ତା ଅନାୟାସରେ ହାସଲ କରିଛ, କାବେରୀ !

କାବେରୀ—ସେ ସୁଦନକୁ ମୁଁ ଅପେକ୍ଷା କରିବ ବଜନ ? ମୋ ଜୀବନରେ ତମ ଭଳି ଅନେକ ନଷ୍ଟଚରିତ୍ର ଯୁବକଙ୍କୁ ମୁଁ ଚପଲ୍‌ରେ ପିଟିଛି । କେହି ମୋର କିଛି କରିପାରିନାହାନ୍ତି । ତମେ ଆସ, ବଜନ ! ଘରର ସଦର ଦରଜା ଏବେ ବି ଖୋଲା ଅଛି ।

(ଗାୟତ୍ରୀ ପତ୍ନି ଆସୁ ଆସୁ କାବେରୀର ଶେଷ କଥା କେଇପଦ ଶୁଣିନେଲେ । ଭିତରକୁ ଆସି )

ଗାୟତ୍ରୀ— ଶାସନ ଗଳାରେ ) କାବେରୀ ! ( ବଜନ ଯିବାକୁ ବାହାରୁଥିଲେ ) ଶୁଣ, ବଜନ !

ବଜନ—ଆଉ କାହିଁକି, ମାଉସୀ ? ଯଥେଷ୍ଟ ହୋଇଗଲା । ଆପଣଙ୍କର ଉଚ୍ଚଶିକ୍ଷିତା ଝିଅଠାରୁ ଏଭଳି ସମ୍ମାନ ପାଇବ ବୋଲି ମୋର ଧାରଣା ନ ଥିଲା । ମୁଁ ଆସୁଛି । ( କହି ବାହାରି ଗ୍ରଲିଗଲେ )

ଗାୟତ୍ରୀ—ଶୁଣିଯାଅ, ବଜନ ! ଶୁଣିଯାଅ ! ( ବଜନ କିନ୍ତୁ ଗ୍ରଲିଗଲେ ) (ରାଗରେ) କାବେରୀ ! କାହା ସହିତ କଭଳି ବ୍ୟବହାର କରିବାକୁ ହୁଏ, ତା ତୁ ଆଜିଯାଏ ଶିଖିଲୁନି ? ବଜନକୁ ଏଭଳି ଭାବରେ ଅପମାନ ଦେଇ ବାହାର କରିଦେବା ତୋର ଉଚିତ ହେଲାନି । ଯା, କ୍ଷମା ମାଗି ଡାକିଆଣ୍ !

କାବେରୀ—ଯାହାର ମାନ ନାହିଁ, ତା ପକ୍ଷରେ ଅପମାନ ବି ନାହିଁ, ବୋଉ ! ତୁ କ'ଣ ଗ୍ରହୁଁ, ବଜନ ଭଳି ଗୋଟାଏ ଲୋଫର୍‌କୁ ମୁଁ ହସି ହସି ସ୍ୱାଗତ ଜଣାଇଥା'ନ୍ତି ?

ଗାୟତ୍ରୀ ଲକ୍ଷପତି ବଜନ ଗ୍ରଏ ତୋ ଆଖିରେ ଗୋଟାଏ ଲୋଫର୍ ?

କାବେରୀ—(ବିରକ୍ତି ଓ ରାଗରେ ଟଙ୍କା, ଟଙ୍କା, ଟଙ୍କା—ଆଉ ସେ ଟଙ୍କାର ପାହାଡ଼ ଉପରେ ଠିଆହୋଇ ବଜନ ତାର ମଣିଷପଣିଆ ହରେଇସାରିଛି, ଜାଣିଛୁ, ବୋଉ ?

ଗାୟତ୍ରୀ—କିଛି ଜାଣିବା ମୋର ଦରକାର ନାହିଁ । ସହଜରେ ଧରାଦେଉଥିବା ଗୋଟାଏ ଲକ୍ଷପତିକୁ ହାତଛଡ଼ା କରିବା ନିର୍ବୋଧତା ଛଡ଼ା ଆଉ କିଛି ହୋଇପାରେନା । ଶୁଣ୍, କାଦମ୍ବିନୀ ! ତୋର ବିବାହର ମୁଁ ତାରିଖ ସହିତ ସ୍ଥିର କରିସାରିଛି ।

କାଦମ୍ବିନୀ—ବୋଉ ! ମୁଁ ବଞ୍ଚି ଥାଉ ଥାଉ ଏ ବିବାହର ହୋଇପାରେନା । ନିର୍ଜୀବ ଟଙ୍କାର ପାହାଡ଼ ସାଙ୍ଗରେ ତୋ ଝିଅକୁ ବାନ୍ଧି ଦେଇ ତା'ର ସାରା ଜୀବନଟାକୁ କନ୍ଦାଇ କନ୍ଦାଇ ମାରିବୁ ସିନା, ହେଲେ ତୁ କ'ଣ ପାଇବୁ ?

ଗାୟତ୍ରୀ—ତୋର ଏତେ ଜିଦ୍ ! ଜାଣୁ ଜାଣୁ ନିଜର ସର୍ବନାଶକୁ ଡାକି ଆଣ୍ନା, କାଦମ୍ବିନୀ ! ସୁଯୋଗ ଜୀବନରେ ଦୁଇ ଥର ଆସେନା । ମୁଁ ଯାହା କହୁଛି, ତୋର ଭଲ ପାଇଁ ।

କାଦମ୍ବିନୀ – ଭଲ ମନ୍ଦ ବିଚାର କରିବାର ବୟସ ମୋର ହୋଇଛି, ବୋଉ ! ମୋ ଉପରେ ଭରସା ରଖ । ତୋର ଝିଅ ହୋଇ ଏ ବଂଶରେ କଳାଦାଗ ମୁଁ କେବେହେଲେ ଲଗିବାକୁ ଦେବିନି ।

ଗାୟତ୍ରୀ – ତୁ ନିର୍ମଳ ଘରକୁ କାହିଁକି ଯାଇଥିଲୁ ?

କାଦମ୍ବିନୀ—ମନର ପବିତ୍ରତା ନେଇ ମୁଁ ଯେଉଁଠିକି ଗଲେ ବି, ତୋର ଭୟ କରିବାର କିଛି ନାହିଁ, ବୋଉ ! କିନ୍ତୁ ସେଠି ଯାଇ ଦେଖିଲି...

ଗାୟତ୍ରୀ—କାହାକୁ !

କାଦମ୍ବିନୀ—ସେଦିନର ସେଇ ପାଗଳଟାକୁ ।

ଗାୟତ୍ରୀ—ପାଗଳ ! ସେ ··ସେ ସେଠିକି କାହିଁକି ଯାଇଥିଲା ?

କାଦମ୍ବିନୀ—ଜାଣେନା । କିନ୍ତୁ ସେ କଣ କହିଲା, ଜାଣିଚୁ ? ସେ କହିଲା, ମୋର ରକ୍ତକଣିକାରେ ଉଚ୍ଛୃଙ୍ଖଳତାର ସ୍ୱାକ୍ଷର । ମୋର ଅତୀତ କୁଆଡ଼େ ବର୍ଣ୍ଣୋଜ୍ଜ୍ୱଳ ନଚେତ୍ ତମସାଚ୍ଛନ୍ନ ।

ଗାୟତ୍ରୀ—କାଦମ୍ବିନୀ !!

କାବେରୀ—ସେ କାହିଁକି ଏ କଥା କହିଲା, ବୋଉ ?

ଗାୟତ୍ରୀ—(କଣ ଉତ୍ତର ଦେବେ ଠିକ୍ କରିପାରିଲେନି) ସେ…ସେ ଗୋଟାଏ ପାଗଳ, ମ ! ଗୋଟାଏ ବଦ୍ଧ ପାଗଳ ।

କାବେରୀ—ନା, ସେ ତତେ ଭଲଭାବରେ ଜାଣେ । ଆଉ ତୁ ମଧ୍ୟ ତାକୁ ଜାଣିଚୁ ।

ଗାୟତ୍ରୀ—(ବିବ୍ରତ ହୋଇ) ନା, ସେ ହୁଏତ ଜାଣିଥାଇପାରେ । ଏ ସହରରେ ତ ଅନେକ ଲୋକ ମତେ ଜାଣନ୍ତି; କିନ୍ତୁ ମୁଁ କଣ ସମସ୍ତଙ୍କୁ ଜାଣିଚୁ ?

କାବେରୀ—ମୋର କିନ୍ତୁ ମନେହୁଏ, ତୁ ତା ବିଷୟରେ ଅନେକ କିଛି ଜାଣିଚୁ । ମତେ କହିବୁନି ବୋଉ ? ତତେ ମୋ ରାଣ୍ !

ଗାୟତ୍ରୀ—କାବେରୀ ! ତୁ ସେ ପାଗଳଟା ପାଖକୁ ଯିବୁନି । ସେ ହୁଏତ ତତେ ଜୀବନରେ ମାରିଦେବ । ସେଦିନ ତୋ ବାପା ଠିକ୍ ସମୟରେ ପହଞ୍ଚି ନ ଥିଲେ, ସେ ହୁଏତ ମତେ ବି ମାରିଦେଇଥା'ନ୍ତା ।

କାବେରୀ—କିନ୍ତୁ କାହିଁକି, ବୋଉ ? ତୋ ପ୍ରତି ତା'ର ଏ ରାଗ କାହିଁକି ? (ହଠାତ୍ Mr. Samanta ଘରଭିତରକୁ ପଶିଆସିଲେ । ତାଙ୍କୁ ଦେଖି)

ଗାୟତ୍ରୀ—ତମେ ହଠାତ୍ ଏତେ ଶୀଘ୍ର କ୍ଲବ୍‌ରୁ ଫେରିଆସିଲ ଯେ ? ତୁ ଭିତରକୁ ଯା', କାବେରୀ !

(କାବେରୀ ଭିତରକୁ ଚାଲିଗଲା)

ସାମନ୍ତ—ଗୋଟାଏ ଦୁର୍ଘଟଣା ଘଟିଗଲା, ଗାୟତ୍ରୀ !

ଗାୟତ୍ରୀ—ଦୁର୍ଘଟଣା ?

ସାମନ୍ତ—ହଁ, ଆମର District Judgeଙ୍କ ଭଉଣୀ ମଳୟା car drive କରୁ କରୁ ତମର ନିର୍ମଳେନ୍ଦୁ ଉପରେ…

ଗାୟତ୍ରୀ—(କଥା ଅଧାରେ ଚିତ୍କାର କରିଉଠିଲେ) ନା… !

ସାମନ୍ତ—ଗାୟତ୍ରୀ !

ଗାୟତ୍ରୀ— ତା'ର କିଛି ହୋଇନି ତ ? ସେ କୋଉଠି ଅଛି ? ହସ୍‌ପିଟାଲ୍‌ରେ ?

ସାମନ୍ତ—ନା, ମମତା ତାକୁ ତାଙ୍କ ଘରକୁ ନେଇଯାଇଛି । ଆଘାତ ହୁଏ ତ ସେତେ ଗୁରୁତର ନୁହେଁ, ତଥାପି···

ଗାୟତ୍ରୀ—ନା ନା, ମୁଁ ତାକୁ ଦେଖିବାକୁ ଯିବି ! ମତେ ତୁମେ ନେଇ ଚାଲ ।

ସାମନ୍ତ—ସେଦିନ ଯାହାକୁ ଘୃଣାରେ ଧକ୍‌କା ଦେଇ ବାହାର କରିଦେଲ, ଆଜି ତା ପ୍ରତି ଏତେ ଦରଦ କାହିଁକି ? ଗୋଟାଏ ଲୋଫର୍ ଯଦି ମରିଯାଏ···

ଗାୟତ୍ରୀ—(ଚିତ୍କାର କରିଉଠିଲେ) ନା, ନିର୍ମଳ କେବେ ମରିପାରେନା ।

ସାମନ୍ତ—(ଆଶ୍ଚର୍ଯ୍ୟ ହୋଇ) ଗାୟତ୍ରୀ !

ଗାୟତ୍ରୀ—ମୁଁ ତାକୁ ଦେଖିବାକୁ ଯିବି ।

(କହି ଗୋଟାଏ ଆବେଗରେ ଆଗେଇଗଲେ ମାତ୍ର ପରମୁହୂର୍ତ୍ତରେ ପାଦ ଦୁଇଟା ଆପେ ଆପେ ଅଟକିଗଲା । ସାମନ୍ତ, ଗାୟତ୍ରୀଙ୍କୁ ବୁଝିବାକୁ ଚେଷ୍ଟା କରି ବି ବୁଝିପାରୁ ନ ଥିଲେ)

ସାମନ୍ତ—କଣ ହେଲା, ଗାୟତ୍ରୀ ?

ଗାୟତ୍ରୀ—ଏଁ, ନା, ମୋର କିଛି ହୋଇନି, କିଛି ହୋଇନି । ମୁଁ ବୁଝିପାରୁନି, ମୁଁ ହଠାତ୍ କାହିଁକି ଦୁର୍ବଳ ହୋଇପଡ଼ିଲି ।

ସାମନ୍ତ—ଚାଲ, ଗାୟତ୍ରୀ ! ନିର୍ମଳକୁ ଆମ ଘରକୁ ନେଇଆସିବା । ମୋର ବିଶ୍ୱାସ, ତୁମ ସେବା ଆଉ ଯତ୍ନରେ ସେ ଧୀରେ ଧୀରେ ଭଲ ହୋଇଯିବ ।

ଗାୟତ୍ରୀ—ନା, ତା ହୋଇପାରେନା । ତା ଲାଗି ଏ ଘରର ଦରଜା ମୁଁ ସବୁଦିନ ପାଇଁ ବନ୍ଦ କରିଦେଇଛି ।

ସାମନ୍ତ—ଗାୟତ୍ରୀ ! ନିର୍ମଳର ବାପ ମା ମରିଗଲା ପରେ ଏତେବଡ଼ ସଂସାରରେ ତା'ର ନିଜର ହେଲେ କେହି ନାହାନ୍ତି । ତା ପାଇଁ କଣ ତମ ମନରେ ଟିକିଏ ହେଲେ ଦୟା ହୁଏନା ? ତୁମେ ମଣିଷ ନୁହଁ, ଗାୟତ୍ରୀ ! ତୁମେ ଗୋଟାଏ ପଥର ।

ଗାୟତ୍ରୀ—(କୋହ ଉଠିଲା) ହଁ, ମୁଁ ଗୋଟାଏ ପଥର । ତା'ଠାରୁ ବି ଆହୁରି ଶକ୍ତ, ଆହୁରି ନିର୍ମମ ।

(କହି କାନ୍ଦଉଠି ଭିତରକୁ ଦୌଡ଼ି ଚାଲିଗଲେ । ରହସ୍ୟଘେରା ପ୍ରହେଳିକା ଭିତରେ ରହିଗଲେ ନିର୍ବାକ୍ Mr. Samanta.)

(ମଞ୍ଚ ଅନ୍ଧକାର ହେଲା)

## ଷଷ୍ଠ ଦୃଶ୍ୟ

[ ଜିଲ୍ଲା ଜଜ୍ ଦେବାଶିଷବାବୁଙ୍କର ଘରର ଗୋଟିଏ କକ୍ଷ । ମଟର ଦୁର୍ଘଟଣାରେ ଆହତ ନିର୍ମଳେନ୍ଦୁ ଗୋଟିଏ chair ଉପରେ ବସିଥିଲେ । ହାତ ଓ ମୁଣ୍ଡରେ ବ୍ୟାଣ୍ଡେଜ୍ ହୋଇଥିବାର ଦୃଶ୍ୟ । ଛୋଟ tea poy ଉପରେ ବ୍ରେକ୍‌ଫାଷ୍ଟ୍‌ର ସାମଗ୍ରୀ । ନିର୍ମଳେନ୍ଦୁ ନିଜେ ଖାଇପାରୁ ନ ଥିଲେ । ପାଖରେ ବସିଥିଲେ ମନୀଷା, ଦେବାଶିଷବାବୁଙ୍କ ଭଉଣୀ । ତନ୍ୱୀ, ସୁଶ୍ରୀ, ଲଜକୁଳୀ । ନିର୍ମଳେନ୍ଦୁଙ୍କ ପାଟିରେ ଲୋପ୍ ଦେଉ ଦେଉ ]

ମନୀଷା—ଏ ଆକସିଡେଣ୍ଟ ପାଇଁ ମୁଁ ଦୁଃଖିତ, ନିର୍ମଳେନ୍ଦୁବାବୁ ! ମତେ କ୍ଷମା କରିବେ ।

ନିର୍ମଳେନ୍ଦୁ—(ହସି) Accident ତ କେହି ଜାଣି ଜାଣି କରେନା, ମନୀଷା ଦେବୀ ! ତା ଆପେ ଆପେ ହୋଇଯାଏ । ଆଉ ପ୍ରତି accidentର ରକ୍ତାକ୍ତ ସ୍ୱାକ୍ଷର ମନରେ ଗୋଟାଏ ନୂତନ ଅନୁଭୂତିର ଚେତନା ଭରିଦିଏ । ଏ ଆକ୍ସିଡେଣ୍ଟ ହୁଏତ ଈଶ୍ୱରଙ୍କର ଏକ ଆଶୀର୍ବାଦ ।

ମନୀଷା—ମାନେ ?

ନିର୍ମଳ—ମାନେ, ଏ ଆକ୍ସିଡେଣ୍ଟ୍ ହୋଇ ନ ଥିଲେ, ହୁଏତ ଆପଣଙ୍କ ସହିତ ଏ ଜୀବନରେ କେବେ ପରିଚୟ ହୋଇ ନ ଥାନ୍ତା ।

( ସ୍ନେହଭରା ଦୃଷ୍ଟିରେ ଚାହିଁରହିଲେ )

ମନୀଷା—(ଲାଜେଇଯାଇ) ଆପଣଙ୍କର ଏଠାରେ କିଛି ଅସୁବିଧା ହେଉନାହିଁ ତ ?

ନିର୍ମଳ—ଆପଣଙ୍କର ସେବା ଆଉ ଯତ୍ନରେ ଏ ଆଘାତର ସମସ୍ତ ଯନ୍ତ୍ରଣା ମୁଁ ଭୁଲି-ଯାଇଛି । ଏ ଦୁର୍ଘଟଣା ମୋର ଚିରଦିନ ପାଇଁ ମନେ ରହିବ, ମନୀଷା ଦେବୀ ! ଏ ଘା' ସବୁ ତ ଦିନେ ନା ଦିନେ ଶୁଖିଯିବ, କିନ୍ତୁ···

ମନୀଷା—(ଲାଜେଇଯାଇ) କିନ୍ତୁ ଦାଗଗୁଡ଼ିକ ଅନେକଦିନ ଧରି ରହିଯିବ, ନା ?

( ତୀର୍ଯ୍ୟକ୍ ଦୃଷ୍ଟିରେ ଚାହିଁ ହସିଲେ )

ନିର୍ମଳ—ହଁ, ମନୀଷା ଦେବୀ ! ସମସ୍ତର ବାଲିଶେଯ ଉପରେ ଏ ଆଘାତର ମଧୁର ସ୍ମୃତିକୁ ମୁଁ କ'ଣ କେବେ ଭୁଲିଯାଇପାରେ ? ଏଇ କେତୋଟି ଘଣ୍ଟାର ପରିଚୟ ଭିତରେ ଆପଣଙ୍କର ସରଳ ବ୍ୟବହାର ମତେ ଆତ୍ମବିଭୋର କରିଦେଇଛି । ମୁଁ ଭାବୁଛି···

ମନୀଷା—କହନ୍ତୁ । ରହିଗଲେ କାହିଁକି ?

ନିର୍ମଳ—ନା, ସେ କିଛି ନୁହେଁ, ମନୀଷା ଦେବୀ । ମଣିଷ ତ ଅନେକ କିଛି ଭାବେ ।

ମନୀଷା—(ନିର୍ମଳେନ୍ଦୁଙ୍କ ମନକୁ ହୁଏତ ବୁଝିପାରି) କହିବେନି ?

ନିର୍ମଳ—ଆଜି ନୁହେଁ, ଆଉଦିନେ । ଅଚ୍ଛା, ମନୀଷା ଦେବୀ !

ମନୀଷା—ଖାଲି ମନୀଷା ବୋଲି ଡାକନ୍ତୁ । ଯେହେତୁ ମୁଁ ତ ଆପଣଙ୍କଠାରୁ ବୟସରେ ସାନ । (ଲାଜରେ) ନିଅନ୍ତୁ, ଏ fruits ତକ ଖାଇଦିଅନ୍ତୁ ।

ନିର୍ମଳ—ଆରେ, ନା, ମନୀଷା ! ତୁମେ ଯାହା କଲଣି ନା, ଯଦି ଗୋଟାଏ ସପ୍ତାହ ତୁମ ଗୃହରେ ମୁଁ ରହିଯାଏଁ, ତେବେ ମୋ ଓଜନ ଆହୁରି କୋଡ଼ିଏ ପାଉଣ୍ଡ ବଢ଼ିଯିବ ।

ମନୀଷା—ମୁଁ କିଛି ଶୁଣିବିନି । ଆପଣଙ୍କୁ ଖାଇବାକୁ ହେବ । Please ! (ଖୁଆଇଦେଲା । ଦୁହେଁ ଦୁହିଁଙ୍କି ଚାହିଁ ରହିଥିଲେ କେତୋଟି ମୁହୂର୍ତ୍ତ ପାଇଁ । ସେ ଚାହାଣିରେ ଥିଲା ନିକଟରୁ ନିକଟତର ହେବାର ସୂଚନା ) କ'ଣ ଦେଖୁଛନ୍ତି ଏତେ ?

ନିର୍ମଳ—ସରଳତାର ଗୋଟିଏ ମୂର୍ତ୍ତିମନ୍ତ ପ୍ରତୀକକୁ । ଆଉ ମନ ହେଉଛି ତୁମେ ମତେ ଏମିତି ସବୁଦିନ ଖୁଆଇଦିଅନ୍ତ । ପାରିବ, ମନୀଷା ?

(ଭାବବିହ୍ୱଳ ଅବସ୍ଥାରେ ମନୀଷାର ହାତ ଉପରେ ନିଜର ମୁହଁ ରଖିଲେ । ଲାଜରେ ଲାଲ ପଡ଼ିଗଲା ମନୀଷା । ପ୍ରଣୟର ପ୍ରଥମ ଅନୁଭୂତି । ଧୀରେ ହାତ ଖସେଇ ନେଇ )

ମନୀଷା—କଫି, ନା ଚା ଖାଇବେ ?

ନିର୍ମଳ—ନା, ଆଉ । ତମେ ଯାଅ, ବିଶ୍ରାମ ନେବ । କାଲି ସାରା ରାତି ତମେ ଅନିଦ୍ରା ରହି ମୋର ସେବା କରି କରି କ୍ଳାନ୍ତ ହୋଇଯାଇଛ । ତମ ପାଖରେ ସବୁଦିନ ପାଇଁ ଋଣୀ ହୋଇ ରହିଗଲି, ମନୀଷା !

ମନୀଷା—ମୁଁ କ୍ଳାନ୍ତ ହେଲା ପରି ଦିଶୁଛି ? ଆଚ୍ଛା ଆପଣ କେମିତି ଜାଣିଲେ ମୁଁ ଆପଣଙ୍କର ସେବା କରୁଥିଲି ବୋଲି ? ଡାକ୍ତର ତ ଆପଣଙ୍କୁ ମରଫିଆ ଇଞ୍ଜେକ୍‌ସନ ଦେଇ ଶୁଆଇ ପକାଇଥିଲେ ।

ନିର୍ମଳ—ମୋର ଅବଚେତନ ମନର ନିଭୃତ ବେଳାଭୂମିରେ ବି ମୁଁ ତୁମର ସ୍ପର୍ଶ ଅନୁଭବ କରିଥିଲି, ମନୀଷା ! ପ୍ରତିଦାନ ଦବାକୁ ତ ମୋର କିଛି ନାହିଁ । ତଥାପି···

ମନୀଷା—ଦବାକୁ ଯଦ ଏତେ ଇଚ୍ଛା, ମୋର ଯେତେବେଳେ ମନହେବ ସେତେବେଲେ ମାଗିନେବ । ମନା ତ କରିବେନ ?

ନିର୍ମଳ—ପରୀକ୍ଷା କରି ଦେଖ ।

ମନୀଷା—କିନ୍ତୁ ଆଜି ନୁହେଁ, ଆଉଦିନେ ।

( ଦାନ୍ତ ଚପି ହସିବାର ଉପକ୍ରମ )

ନିର୍ମଳ—ମନୀଷା ! ( ଦୁହେଁ ଦୁହିଁଙ୍କି ଚାହିଁଲେ । ମନୀଷାର ଆଖିରେ ପ୍ରେମଭରା ସଲଜ୍ଜ ଚାହାଣୀ । ବେଶୀ ସମୟ ଚାହିଁ ପାରିଲେନି ସେ । ଲାଜରେ ମୁହଁ ତଳକୁ କରି ନଖରେ ଗାର କାଟିଲେ ) ମନୀଷା ! ମୋ ଜୀବନସାହାରାର ତପ୍ତ ବାଲିରେ ତୁମେ ଡୋଳପାରିବ ଆଦ୍ୟ ଆଷାଢ଼ର ମେଘମହ୍ଲାର ? କୁହ, ମନୀଷା ! (ମନୀଷା ମୁହଁ ଟେକି ଚାହିଁଲା । ନାହିଁ କହିବାର ସାହସ ତା'ର ନ ଥିଲା । ନିର୍ମଳେନ୍ଦୁ କିନ୍ତୁ ନିଜର ଭୁଲଟା ବୁଝିପାରିଲେ) ମତେ କ୍ଷମା କରିବ, ମନୀଷା ! ମୋର ବ୍ୟବହାର ପାଇଁ ମୁଁ ଦୁଃଖିତ । ଗୋଟାଏ ନିଃସଙ୍ଗ ଜୀବନର ଅନ୍ତର୍ଦାହ ନେଇ ମୁଁ ଖାଲି ଖୋଜିବୁଲୁଛି ଟିକିଏ ସ୍ନେହ, ଟିକିଏ ମମତା । ମତେ ଭୁଲ ବୁଝିବନି, ମନୀଷା !

ମନୀଷା—ଏତେବଡ଼ ସୌଭାଗ୍ୟ କ'ଣ ମୋର ହେବ, ନିର୍ମଳେନ୍ଦୁ ବାବୁ !

ନିର୍ମଳ – ମନୀଷା ! (ଆବେଗର ସ୍ପର୍ଶ । ମନୀଷାର ଆଖି ଦୁଇଟି ଆନନ୍ଦରେ ବୁଜି ହୋଇଯାଇଥିଲା । ଟିକିଏ ନୀରବତା ପରେ) ମନୀଷା, କ'ଣ ହେଲା ?

ମନୀଷା—(ପ୍ରକୃତିସ୍ଥ ହୋଇ) ଏଁ, କିଛି ନାହିଁ । (ହସିଲା)

ନିର୍ମଳ—ଅଚ୍ଛା, ତମର ଭାଉଜଙ୍କୁ ଦେଖୁନି ଯେ ?

ମନୀଷା—(ହଠାତ୍ ଦୁଃଖରେ ଝାଉଁଳିଯାଇ) ମୁନ୍ନାକୁ ଯେତେବେଳେ ଚାରିବର୍ଷ, ସେତେବେଳେ ସେ ତାକୁ ଏକୁଟିଆ ଛାଡ଼ି, ସବୁଦିନ ପାଇଁ ଚାଲିଗଲେ ।

ନିର୍ମଳ—ଭାଇ ତୁମର ବିବାହ କଲେନି ?

ମନୀଷା—ନା, ମୁନ୍ନାକୁ ମଣିଷ କରିବାର ସଂକଳ୍ପ ନେଇ ସେ ଆଉ ବିବାହ କଲେନି ।

ନର୍ମଳ—Very unfortunate. ତା' ହେଲେ ତୁମ ପରିବାରରେ ତୁମେ, ଭାଇ, ମୁନ୍ନା—ଏଇ ତିନିଜଣ, ନା ?

ମନୀଷା—ଆମ ପରିବାରର ଆଉ ଜଣକୁ ଆପଣ ଛାଡ଼ିଗଲେ ଯେ, ପାଗଳ ଅଜା ।

ନର୍ମଳ—ପାଗଳ ଅଜା !!

ମନୀଷା—ହଁ, ପାଗଳ ଅଜା । ମୁଁ ସିନା ସାରା ରାତି ଆପଣଙ୍କ ସେବା କରୁଥିଲି, କିନ୍ତୁ ସେ ପାଗଳ ଅଜା ଆପଣଙ୍କ ପାଖରେ ରହି ସାରା ରାତି ଝାଲି କାନ୍ଦୁଥିଲେ ।

ନର୍ମଳ—ମୋ ପାଇଁ ସେ କାନ୍ଦୁଥିଲେ ? କିଏ ସେ ପାଗଳ ଅଜା ?

ମନୀଷା—ଆଉ ସେ କ'ଣ କହୁଥିଲେ, ଶୁଣିବେ ? କହୁଥିଲେ, ଆପଣ କୁଆଡ଼େ ତାଙ୍କର ଭଳି ଜଣେ ହତଭାଗ୍ୟ ।

( ଏହି ସମୟରେ ଅନ୍ତରାଳରୁ ଶୁଭିଲା ଇନ୍ଦ୍ରଜିତଙ୍କ କଣ୍ଠସ୍ୱର )

Voice—(ସାବାସ୍ ମୁନ୍ନା···ପାଠ ପଢ଼, ତୁ ନିଶ୍ଚୟ ବଡ଼ଲୋକ ହେବୁ, ନାଁ କରିବୁ)

ଏଇ, ମୁନ୍ନାକୁ ନେଇ ପାଗଳ ଅଜା ଆସିଗଲେ ।

( ନର୍ମଳ ଇନ୍ଦ୍ରଜିତଙ୍କୁ ଦେଖି )

ନର୍ମଳ—ଆପଣ ?

( ଇନ୍ଦ୍ରଜିତ ମୁନ୍ନାକୁ ଚେୟାର ଉପରେ ବସାଇଦେଲେ )

ଇନ୍ଦ୍ରଜିତ—କେମିତି ଅଛ, young man ? ଗୋଟାଏ ଭାରାକ୍ରାନ୍ତ ମନର କୁହେଳି ନେଇ ଘରୁ ବାହାରି ନ ଥିଲେ, ତମେ ହୁଏତ ଏ ଦୁର୍ଘଟଣାର ସମ୍ମୁଖୀନ ହୋଇ ନ ଥାନ୍ତ । Forget the past. It is long dead.

ମନୀଷା—ପ ଗଳ ଅଜା ବେଳେ ବେଳେ କ'ଣ ଯେ ସବୁ କହନ୍ତି, ଆଦୌ ବୁଝିହୁଏନା । ବୁଝିଲ ଅଜା ! ତମ ମୁଣ୍ଡର ସ୍କ୍ରୁ ସବୁ ଟିକିଏ ଢିଲା ହୋଇଯାଇଛି ।

ନିର୍ମଳ—ନା, ନା, ମନୀଷା ! ତମେ ତାଙ୍କୁ ଚିହ୍ନିବାର ସୁଯୋଗ ପାଇନ ।

ଇନ୍ଦ୍ରଜିତ—(ହସି) ଚିତା ଉପରେ ମୂର୍ଦ୍ଧାରକୁ ଥୋଇଦେଲେ ସେ ଜଳିଯାଏ, ମା ! କିନ୍ତୁ ଗୋଟିଏ ଜୀଅନ୍ତା ମଣିଷକୁ ଚିନ୍ତା ତିଳ ତିଳ କରି ଜାଳିଦିଏ । Am I correct, young man ?

ମନୀଷା—କ'ଣ ଯେ ତୁମେ କୁହ ଅଜା ! ଆଚ୍ଛା, ଦିନେ ଦିନେ ତୁମେ ସ୍ୱପ୍ନରେ ଶୋଇଥିଲାବେଳେ, "ଖୁନ୍ କରିବି", "ଜରୁର ଖୁନ୍ କରିବି" ବୋଲି କାହିଁକି ପାଟିକର ? ବାପ୍‌ରେ ବାପ୍, ଯୋଉ ପାଟି ! ଭୟରେ ମୋ ଗୋଡହାତ ଥରିଯାଏ ।

ଇନ୍ଦ୍ରଜିତ—(ଚମକିଉଠି) ମୁଁ ଗୁଡ଼ାଏ ଦୁଃସ୍ୱପ୍ନ ଦେଖେ, ମା ! ହୁଏତ ··

ନିର୍ମଳ—ହୁଏ ତ ଆପଣଙ୍କ ଅବଚେତନ ମନର ବିକ୍ଷିପ୍ତ ତରଙ୍ଗ ବି ହୋଇପାରେ ।

ଇନ୍ଦ୍ରଜିତ—ନା, ମୋ ମନସ୍ତତ୍ତ୍ୱ ପଢ଼ିବାକୁ ଚେଷ୍ଟା କରନି, young man ! ତମେ ପାରିବନି । ଯାହାର ଚେତନ ମନ ନାହିଁ, ତାର ଅବଚେତନ ମନ ଆସିବ କେଉଁଠୁ ?

ନିର୍ମଳ—ଆପଣ ହୁଏତ ଅଭିନୟ କରୁଛନ୍ତି, ଗୋଟାଏ ପାଗଳର ଅଭିନୟ ।

ଇନ୍ଦ୍ରଜିତ—(ହସି) ଠିକ୍ କହୁଛ । ମୁଁ ଅଭିନୟ କରୁଛି । କାରଣ, ମୁଁ ତ ଅନେକ ଦିନ ତଳେ ମରିଯାଇଛି । ଆଉ ଏବେ ଖାଲି ବଞ୍ଚିବାର ଅଭିନୟ କରୁଛି । ତମେ ବିଶ୍ରାମ ନିଅ । ହଁ, ମୁନ୍ନା ! ପଢ଼ାସବୁ ପଢ଼ା ଦେଇଥିଲି···

ମୁନ୍ନା—ସବୁ ପଢ଼ିଦେଇଛି । ପଗ୍ଲୁର । ତମେ ପରା ଗୋଟିଏ ଗପ କହିବ ବୋଲି କହିଥିଲ ?

ମନୀଷା—ପାଗଳ ଅଜା ଆସିବା ଦିନଠାରୁ, ମୁନ୍ନା ଆମର ତାଙ୍କ ପାଇଁ ସବୁବେଳେ ପାଗଳ । ସବୁବେଳେ ତାଙ୍କରି ପାଖରେ ।

ମୁନ୍ନା—ସେ କେମିତି ବଢ଼ିଆ ପଢ଼ାଉଛନ୍ତି, କହିଲୁ ! ମାଷ୍ଟ୍ରେ ତ ଖାଲି ଚିଡ଼ନ୍ତି, ମାଡ଼ ଦିଅନ୍ତି । ପାଗଳ ଅଜା ଖୁବ ଭଲ । ନାଇଁ ଅଜା, ତମେ ପରା ମୋତେ ଚକୋଲେଟ୍ ଦେବ ବୋଲି କହିଥିଲ ?

ନର୍ମଳ—ଗୋଟାଏ ସ୍ନେହକାଙ୍ଗାଳ ମନ ଯେଉଁଠି ଟିକିଏ ଆଦର ପାଏ, ସେଠି ବାନ୍ଧହୋଇ ରହିଯାଏ, ମନୀଷା !

ମନୀଷା—(ହସି) ଆଚ୍ଛା, ମୁଁ ତୁମ ପାଇଁ କଫି ଆଣେ । (ଚାଲିଗଲା)

ମୁନ୍ନା – ଅଜା, ଚକୋଲେଟ୍ ଦବନି ?

ଇନ୍ଦ୍ରଜିତ—ନେ, ମୁନ୍ନା ! ତୋତେ ଦେବନି ତ ଆଉ କାହାକୁ ଦେବି ? ନେ, ଖା । (ମୁନ୍ନା ସେଥିରୁ ଗୋଟାଏ ଇନ୍ଦ୍ରଜିତଙ୍କ ପାଟିରେ ଦେଇଦେବାକୁ ଗଲେ) ଆରେ ଆରେ, ଏ କ'ଣ କରୁଛୁ ! ବୁଢ଼ାମାନେ କ'ଣ ଚକୋଲେଟ୍ ଖାଆନ୍ତି ? ତୁ ଖା ।

ମୁନ୍ନା– ତୁମେ ନ ଖାଇଲେ ମୁଁ ଜମା ଖାଇବିନି । ନିଅ (ପାଟିରେ ଭରିଦେଲା । ଇନ୍ଦ୍ରଜିତ ଚକୋଲେଟ୍ ପାଟିରେ ଧରି ଅତୀତକୁ ଫେରିଗଲେ । ଆଉ ନର୍ମଳେନ୍ଦୁ ମଧ୍ୟ । ବୁଢ଼ାଙ୍କ ମନରେ ଅତୀତ ଚେଇଁଉଠିଲା) ତମେ କାନ୍ଦୁଛ, ଅଜା ! ତମର କ'ଣ ହେଲା ?

ଇନ୍ଦ୍ରଜିତ—(ଲୁହ ପୋଛି) କିଛି ନାହିଁ, ମୁନ୍ନା ! ମୋ ଆଖିରେ କ'ଣ ଗୋଟାଏ ପଡ଼ିଗଲା ନା, ମୁଁ କାନ୍ଦିବି କାହିଁକି ? ହଁ, କହିଲୁ C···A···T ?

ମୁନ୍ନା—Cat—କ୍ୟାଟ୍ । କ୍ୟାଟ୍ ମାନେ, ବିଲେଇ ।

ଇନ୍ଦ୍ରଜିତ—R···A···T ?

ମୁନ୍ନା—Rat– ର୍‍ୟାଟ୍ । ର୍‍ୟାଟ୍ ମାନେ ମୂଷା । Pot—ପଟ୍ । ପଟ ମାନେ, ମାଠିଆ । Mat—ମ୍ୟାଟ୍ । ମ୍ୟାଟ୍ ମାନେ, ମସିଣା ।

ଇନ୍ଦ୍ରଜିତ—ସାବାସ୍, ସାବାସ୍ ମୁନ୍ନା !···ମୋର ସ୍ୱପ୍ନ ହୁଏତ ସାର୍ଥକ ହେବ । ତୁ ବଡ଼ ହେବୁ । କିନ୍ତୁ···( ଏହି ସମୟରେ ଆସିଲେ ଜଜ୍ ସାହେବ । ମୁନ୍ନାକୁ ଦେଖି ) ।

ଦେବାଶିଷ—ଅରେ, ମୁନ୍ନା ! ତୁ ଏଠି କ'ଣ କରୁଛୁ ?

ମୁନ୍ନା—ବାପା, ମୁଁ କେତେ ଇଙ୍ଗ୍‌ଲିସ୍ ଶିଖିଛୁ, ଶୁଣିବ ? ପାଗଲ ଅଜା ଖୁବ ଭଲ । ସେ ମୋତେ ପରା English ଶିଖଉଛନ୍ତି । Cat—କ୍ୟାଟ୍ । କ୍ୟାଟ୍ ମାନେ, ବିଲେଇ । Rat—ର୍‍ୟାଟ୍ । ର୍‍ୟାଟ୍ ମାନେ, ମୂଷା ।···

ଦେବାଶିଷ—(ହସି) ଅଚ୍ଛା, ଅଚ୍ଛା·· (ନିର୍ମଳେନ୍ଦୁଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କରି ) I am very sorry Mr. Choudhury ! ଏ ଦୁର୍ଘଟଣା ପାଇଁ ମୁଁ ବଡ଼ ଦୁଃଖିତ ଆଉ ଲଜ୍ଜିତ ମଧ୍ୟ । ମାଙ୍କଡ଼ଟାକୁ ଯେତେ କହିଲେ ବି ସେ କ'ଣ ମାନୁଛି ? ଭଲ ଖବରରେ କାର୍ ଡ୍ରାଇଭିଂ ଜାଣିନି । ଅଥଚ···

ନିର୍ମଳ—ନା ନା, ତାଙ୍କର ହୁଏତ ଦୋଷ କିଛି ନାହିଁ । ତା ଛଡ଼ା, this is a minor accident. Nothing to worry.

ଇନ୍ଦ୍ରଜିତ—ଏଇ accident ସବୁବେଳେ ମଣିଷ ଜୀବନର ଗତିପଥ ବଦଳାଇ-ଦିଏ, ସାର୍ !.

ଦେବାଶିଷ—ତମେ ଠିକ୍ କହୁଛ । ସେ ଦିନ ସେ ଦୁର୍ଘଟଣାରେ ତୁମ ସହିତ ଦେଖା ହେଲା ପରେ, ମୁଁ ଅନୁଭବ କରୁଛି, ତମରି ସଂସର୍ଗରେ ଆସି, ମୁନ୍ନା ତା ଜୀବନରେ ପ୍ରଥମ ଥର ପାଇଁ, ତା ମା'ର ସବୁତକ ସ୍ମୃତିକୁ ଭୁଲିଯାଇଛି ।

ମୁନ୍ନା—ବାପା ! ପାଗଲ ଅଜା କହୁଛନ୍ତି, ସେ ତାଙ୍କ ମାମୁଘରକୁ ଯିବେ । ତାଙ୍କୁ ତୁମେ ଜମା ଛାଡ଼ିବନି, ବାପା ! ସେ ଗଲେ ଆଉ ଜମା ଆସିବେନି ।

ଦେବାଶିଷ—ଆରେ ନାଇଁରେ ମୁନ୍ନା ! ତୋ ଅଜା ତତେ ଛାଡ଼ି କୁଆଡ଼େ ଯିବେନି । ହେଲା ! ଯା, ଅପାକୁ କହିବୁ, ଶୀଘ୍ର କଫି ଆଣିବ । ଯା ! (ମୁନ୍ନା ଭିତରକୁ ଗଲା । ପରେ ପରେ Mr. Samantaଙ୍କୁ ଆସୁଥିବା ଦେଖି) Hallo, Mr Samanta, Morring. ବସନ୍ତୁ । ( Mr. Samanta ପ୍ରତିନମସ୍କାର ଜଣାଇଲେ ଏବଂ ବସିଲେ )

ସାମନ୍ତ—କେମିତି ଅଛ, ନିର୍ମଳେନ୍ଦୁ ?

ନିର୍ମଳ—ଭଲ ଅଛି, ମଉସା !

ସାମନ୍ତ—(ଇନ୍ଦ୍ରଜିତଙ୍କୁ ଦେଖି) ଏଁ, ତମେ ଏଠି ! ଏ ପାଗଳଟା ଏଠି କାହିଁକି, Mr. Das ? (ଇନ୍ଦ୍ରଜିତଙ୍କ ଆଖି ଦୁଇଟା ଜଳିଯାଇଛି)

ଦେବାଶିଷ—ସେ ପାଗଳ ନୁହିଁ, Mr. Samanta ! ତାଙ୍କୁ ଚିହ୍ନିବାରେ ଆପଣଙ୍କର ଅନେକ ଭୁଲ ରହିଯାଇଛି ।

ଇନ୍ଦ୍ରଜିତ—ଯେ ନିଜେ ପାଗଳ, ସେ ଅନ୍ୟଙ୍କୁ ବି ପାଗଳ ବୋଲି ଭାବେ, Sir !

ସାମନ୍ତ—ତମେ ଚୁପ୍ କର । know what you are…

ଦେବାଶିଷ—ଛାଡ଼ନ୍ତୁ ! କୁହନ୍ତୁ, କୁଆଡ଼େ ଆସିଥିଲେ ?

ସାମନ୍ତ—ନା, ସେମିତି କିଛି ବିଶେଷ କାମ ନୁହେଁ । ଏଇ ଟିକିଏ ନିର୍ମଳେନ୍ଦୁଙ୍କୁ ଦେଖିଯିବି । ତା ଛଡ଼ା ଆମେ, ମାନେ, ମୁଁ ଆଉ Mrs. Samanta ଆମର ବିଂଶତମ ବିବାହ ବାର୍ଷିକୀ ପାଳନ କରୁଛୁଁ । (ଇନ୍ଦ୍ରଜିତ ରାଗିଯାଇଛନ୍ତି । ତାଙ୍କ ଛାତିତଳେ ଏକ ଅବ୍ୟକ୍ତ ବେଦନା । ଇନ୍ଦ୍ରଜିତଙ୍କ ପାଟିରୁ ଅସ୍ପଷ୍ଟଭାବେ ବାହାରି ଆସିଲା—ବିବାହ ବାର୍ଷିକୀ )

ଦେବାଶିଷ—Really interesting ଖୁବ୍ ମଜାଦାର୍ ଲୋକ ଆପଣ ତ !

ସାମନ୍ତ—ନିମନ୍ତ୍ରଣ ରହିଲା, ନିଶ୍ଚୟ ଆସିବେ ।

ଦେବାଶିଷ—(ହସି) Oh, sure ! ( ତା ପରେ ଇନ୍ଦ୍ରଜିତଙ୍କୁ ଲକ୍ଷ୍ୟକରି ) ଯାଅ, କଫି ନେଇଆ । ସେତେବେଳୁ କହିଲିଣି, ଅଥଚ । (Mr. Samantaଙ୍କ ପାଇଁ କଫି ଆଣିବାକୁ ହେବ । ଏ କଥା ଭାବି ଇନ୍ଦ୍ରଜିତଙ୍କ ମନଭିତରଟା ଜଳିଗଲା । ତଥାପି ଯାଇଛନ୍ତି ଭିତରକୁ )

ସାମନ୍ତ—ତମେ ବି ଆସିବ, ନିର୍ମଳେନ୍ଦୁ !

ନିର୍ମଳ—(ଦୁଃଖରେ ହସିଲେ) ଚେଷ୍ଟା କରିବି ।

( ଏହି ସମୟରେ ଇନ୍ଦ୍ରଜିତ ଟ୍ରେରେ କଫି ନେଇ ଆସିଲେ । ଗୋଟାଏ କପ୍ ନିର୍ମଳେନ୍ଦୁଙ୍କୁ ଦେଲେ । ଅନ୍ୟ କପ୍ଟା ଦେବାଶିଷଙ୍କୁ ଏବଂ

ଛୁରୀଟାକୁ କାଢ଼ି ନେଇ Mr. Samantaଙ୍କ ଆଡ଼କୁ ଆଗେଇଦେଇ ଆସିଲେ । ଆଖି ଦୁଇଟା ଜଳୁଥିଲା । ତାଙ୍କ ନିକଟରେ କଫି କପ୍‌ଟାକୁ ତଳେ କଚାଡ଼ିଦେଲେ । ହାତ ମୁଠା ମୁଠା ହୋଇଗଲା ) -

ଦେବାଶିଷ—କ'ଣ ହେଲା ?

ଇନ୍ଦ୍ରଜିତ—ଜଳିଗଲା Sir, ହାତଟା ପୋଡ଼ିଗଲା ।

ସାମନ୍ତ—Idiot !

ଇନ୍ଦ୍ରଜିତ—ଠିକ୍ କହୁଛନ୍ତି, Mr. Samanta ! ମୁଁ Idiot ହୋଇ ନ ଥିଲେ ତୁମେ ହୁଏତ ଆଜି ତୁମର ବଂଶଗତ ବିବାହବାର୍ଷିକୀ ପାଳନ କରୁ ନ ଥାନ୍ତ ।

ସାମନ୍ତ—What ?

( ମଞ୍ଚ ଅନ୍ଧାର ହେଲା )

## ସପ୍ତମ ଦୃଶ୍ୟ

[ ବାହାରେ ମେଘର ସୂଚନା । ଝିପି ଝିପି ବର୍ଷା । ବିଜୁଳିର ଝଲକ । ପରଦା ଉଠିଲା ପରେ ଦେଖାଗଲା Mr. Samantaଙ୍କ ଘରେ ତାଙ୍କର ବଂଶଗତ ବିବାହବାର୍ଷିକୀ ଉତ୍ସବରେ ଯୋଗ ଦେଇଥିବା ଭଦ୍ରଲୋକ ଓ ଭଦ୍ରମହିଳା-ମାନେ ଆନନ୍ଦରେ ହସୁଥିଲେ । ଉପସ୍ଥିତମାନଙ୍କ ମଧ୍ୟରେ ଥିଲେ— ଦେବାଶିଷ, ମନୀଷା, କାବେରୀ, Mr. Samanta ଓ ଅନ୍ୟମାନେ । ]

ଦେବାଶିଷ—Really, Mr. Samanta ! ଜୀବନରେ ଅନେକ ଜାଗା ବୁଲିଛି, ଅନେକ ଲୋକଙ୍କ ସଙ୍ଗରେ ମିଶିଛି ; କିନ୍ତୁ ଆପଣଙ୍କ ଭଳି ଜୀବନକୁ ଉପଭୋଗ କରୁଥିବା ଖୁବ୍ କମ୍ ଲୋକ ମୁଁ ଦେଖିଛି ।

ସାମନ୍ତ—Mr. Dash ! ଏ ଜୀବନଟା କେବଳ ଉପଭୋଗ କରିବା ପାଇଁ । ଆଉ ଆମ ଜୀବନର ସଂକ୍ଷିପ୍ତ ପରିସର ଭିତରେ ଆମେ ଯଦି ସେ ସୁଯୋଗରୁ ବଞ୍ଚିତ ହେବା, ତେବେ ଜୀବନଟା ବ୍ୟର୍ଥ ହୋଇଯିବ ।

ଦେବ ଶିଷ—କିନ୍ତୁ ଏ କର୍ମକ୍ଲାନ୍ତ ଜୀବନ ଭିତରେ ଉପଭୋଗ କରିବାର ସ୍ୱାଦ ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଘଟେ, Mr. Samanta ! ହଁ, ଆଜିର ଏ ମଧୁସିକ୍ତ ଉତ୍ସବରେ ମୁଁ ଗୋଟିଏ ଅନୁରୋଧ କରିବି ।

ସାମନ୍ତ—O, surely. ଏତେ ସଙ୍କୋଚ କାହିଁକି ? ଏଇଟା କଣ ଆପଣଙ୍କ ଘର ନୁହେଁ ?

ଦେବ ଶିଷ—ଶୁଣିଛି, କାବେରୀ ଖୁବ ଚମତ୍କାର ନାଚପାରନ୍ତି । ଆଉ ତାଙ୍କ ନାଚ ଦେଖିବାର ଅନେକ ଦିନରୁ ଗୋଟାଏ ଆଶା ରହିଛି । ଆଜିର ଏ ସନ୍ଧ୍ୟାରେ ସେ ଯଦି··· । Of course ତାଙ୍କର ଯଦି ଆପତ୍ତି ନ ଥାଏ ··କଣ କହୁଛ, କାବେରୀ ?

କାବେରୀ—ଦେଖନ୍ତୁ, ଆଜି ମୋର ଦେହ ଭଲ ନାହିଁ । ତା ଛଡ଼ା···

ସାମନ୍ତ—କାବେରୀ ! Mr. Dash ଆମର ନିମନ୍ତ୍ରିତ ଅତିଥି । ତାଙ୍କର ଅନୁରୋଧଟା ରଖିଦେବା ସୁନ୍ଦର ହେବନି ।

ମନୀଷା—ଆପଣ ବ୍ୟସ୍ତ ହେବେନି, ମଉସା ! କାବେରୀ ଠିକ୍ ନାଚିବ । କ'ଣ କହୁଛ, କାବେରୀ ! ନାଚିବ ନା ? Please ! ମୋର ବି ଅନେକ ଦିନର ଆଶା, ତମ ନାଚ ଦେଖିବି ।

କାବେରୀ—ଅଜି ବରଂ ତମେ ନାଚ, ମନୀଷା ! I prmoise, ମୁଁ ଆଉଦିନେ ନାଚିବି ।

ଦେବାଶିଷ—(ହସି) ମାମୀ ନାଚବ ! ତା'ହେଲେ ତ ତା ନାଚ ଦେଖିବାକୁ ଏ ଚେୟାର, ଟେବୁଲମାନଙ୍କୁ ଛାଡ଼ିଦେଲେ ଆଉ କେହି ଦର୍ଶକ ରହିବେନି ।

( ସମସ୍ତେ ହସିଲେ )

ମନୀଷା—ଯାଇ ! ତମର ଖାଲି ସବୁବେଳେ ଥଟ୍ଟା । ସେମିତି ହେଲେ···

ଦେବାଶିଷ—ଆରେ, ଆରେ ତୁ କ'ଣ ରାଗିଲୁ କି, ମାମୀ ? ତୋର ଯଦି ଇଚ୍ଛା ହେଉଛି ନାଚୁନୁ, କିଏ ମନାକରୁଛି ? ଦେଖ, କାବେରୀ ! ଆମ ସମସ୍ତଙ୍କର ଅନୁରୋଧ ଭାଙ୍ଗିଦେଲେ ଆମ୍ଭେମାନେ କିନ୍ତୁ ଦୁଃଖିତ ହେବୁଁ ।

ସାମନ୍ତ—ନାଚ, ମା ! କଳାକାରର ଜୀବନ ତ କେବଳ ଅନ୍ୟକୁ ଆନନ୍ଦ ଦେବାକୁ । ନିଜର ସୁଖଦୁଃଖ ଭୁଲି ଯେ ଅନ୍ୟକୁ ଆନନ୍ଦ ଦେଇପାରିଲା, ସେଇ କେବଳ ପ୍ରକୃତ କଳାକାର ।

କାବେରୀ—କିନ୍ତୁ ବାପା ! ତାବଲା ନ ହେଲେ···

ସାମନ୍ତ—ଆରେ, ସତ ତ ! ତାବଲା ନ ହେଲେ ତୁ ତ ନାଚପାରିବୁନି । (ମାମୀକୁ ଚାହିଁ) ନିର୍ମଳେନ୍ଦୁକୁ ଏତେକରି କହିଥିଲି, ଅଥଚ ସେ ଆସିଲାନି କାହିଁକି, ମା ?

ମନୀଷା—ଆକ୍‌ସିଡେଣ୍ଟ ପରେ ପରେ ସେ ଖୁବ୍ ଦୁର୍ବଳ ହୋଇପଡ଼ିଛନ୍ତି । ଆଉ ସେଥିପାଇଁ ସେ ବୋଧହୁଏ ଆସିବାକୁ ରାଜି ହେଲେନି ।

କାବେରୀ—ଆକ୍‌ସିଡେଣ୍ଟ୍ !

ମନୀଷା—ତମେ ଜାଣିନ, କାବେରୀ ?

ଦେବାଶିଷ—ହଁ, ନିଜ କୀର୍ତ୍ତି ଶୁଣେଇ ଦେ ! ଭଲଭାବରେ ଗାଡ଼ି ଚଳେଇ ଆସିନି । ସେଥିରେ ବାହାରିପଡ଼ିଲା, ଗାଡ଼ିନେଇ । Accident ହେବନି ତ ଆଉ କଣ ହେବ ?

ମନୀଷା—ସବୁ ଦୋଷ ତ ମୋର ! ହର୍ଣ୍ଣ ଦେଇ ଦେଇ ମୁଁ ପଛେ ହାଲିଆ ! ବାବୁ ତ ଶୁଣିଥିଲେ କେଉଁ ମକଦ୍ଦମା କଥା ଭାବି ଭାବି । ଆଉ Accident ହେଲେ ମୋ ଦୋଷ !

କାବେରୀ—ସେ କେମିତି ଅଛନ୍ତି, ମନୀଷା ? ତାଙ୍କର ବିଶେଷ କିଛି କ୍ଷତି ହୋଇନି ତ ?

ମନୀଷା—ନା, ସେପରି କିଛି ନୁହେଁ । ତେବେ ଏଇ ସାମାନ୍ୟ କେଇଟା injury ହୋଇଗଲା ।

ଦେବାଶିଷ—Don't worry for him, କାବେରୀ ! ସେ ଖୁବ୍ ଶୀଘ୍ର ଭଲ ହୋଇଯିବେ । ଅଚ୍ଛା, କାବେରୀ ! ନାଚ ନ ହେଲେ ବି ଗୋଟିଏ ଗୀତ ଗାଅ ।

ମନୀଷା—ଠିକ୍ କହୁଛ ଭାଇ ! ତମେ ଆଜି ଗୋଟାଏ ଗୀତ ଗ ଅ, କାବେରୀ ! ତବଲା ନ ହେଲେ ଯିନା ନାଚ ପାରିବନି, ଗାଇ ତ ପାରିବ । ଗ୍ଲ୍ଲୁ !

ସାମନ୍ତ—ଗା', ମା !

କାବେରୀ—ବାପା !

ସାମନ୍ତ—ଗା', ମା, ଗା' !

( କାବେରୀ ଗାଇଲା ବାଧ୍ୟ ହୋଇ )

—ଗୀତ—

କି ଗୀତ ଗାଇବି ଆଜି
ସୁର ମୋର ଭୁଲିଯାଏ.
କେହି ତ ବୁଝେନା ମତେ
ମନ ମୋର ଯେବେ ଜଳିଯାଏ ।

ଯା', ଲାଗି ମୁଁ ଜଳିଗଲି ଜାଗର ଦୀପାଳି ସମ
ସେ ତ ବୁଝିଲା ନି ମତେ ଏକ୍ଷଣି ସେ ନିରମମ···
ସେ ତ ଠେଲିଦେଲା ଦୂରେ
ମନକଥା ବୁଝିଲାନି ହାଏ !
କି ଗୀତ ଗାଇବି ଆଜି···।୧।

ଯା ଲାଗି ମୋ ଆଖି ତଳେ ଝରିଗଲା ଲୁହଧାର
ସେ ତ ବୁଝିଲାନି ତଳେ ପଥର ତା ଗ୍ରୁଡ ଭଲ
ଭଲ ପାଇ ଝୁରେ ଆଜ

ଯାହାଲାଗି ଲୁହ ଝରିଯାଏ
କି ଗୀତ ଗାଇବ ଆଜ ·· ।୨।

( ଗୀତ ଶେଷରେ )

ଦେବାଶିଷ—Really, କାବେରୀ ! ତମେ ଏତେ ସୁନ୍ଦର ଗୀତ ଗାଇପାର, ଏ ଧାରଣା ମୋର ନ ଥିଲା ।

ମନୀଷା—ତମେ ଆମ ଘରକୁ ଆସିବ, କାବେରୀ ! ମୋ ତରଫରୁ ଆଉ ସାଇଙ୍କ ତରଫରୁ ମୁଁ ନିମନ୍ତ୍ରଣ କରୁଛି । ଆସିବ ନା ?

କାବେରୀ—ଚେଷ୍ଟା କରିବ ।

ଦେବାଶିଷ—ଆଚ୍ଛା, ଆମେ ତେବେ ଆସୁଛୁଁ । Night !

( ସମସ୍ତେ ଚାଲିଗଲେ । କାବେରୀ ଭିତରକୁ ଚାଲିଗଲା । ମିଃ ସାମନ୍ତ ଅତିଥିମାନଙ୍କୁ ବାଟେଇଦେଇ ଭିତରକୁ ଗଲେ । ପରେ ପରେ କାବେରୀ ଓ ତା ପଛେ ପଛେ ଗାୟତ୍ରୀ ଆସିଲେ )

ଗାୟତ୍ରୀ--କାବେରୀ ! ତୁ ଏକା ଏକା ବାହାରକୁ ଯାଇପାରିବୁନି ।

କାବେରୀ—ମୁଁ ଏଇ ସାଙ୍ଗେ ସାଙ୍ଗେ ଫେରିଆସିବି, ବୋଉ ! ମୋର ଜରୁରୀ କାମ ଅଛି ।

ଗାୟତ୍ରୀ—ତୋର ଜରୁରୀ କାମଟା କ'ଣ, ତା ମୁଁ ଭଲ ଭାବରେ ଜାଣେ । ମନୀଷାଠାରୁ ନିର୍ମଳେନ୍ଦୁର ଆକ୍‌ସିଡେଣ୍ଟ କଥା ଶୁଣିଲା ପରେ ତୁ ଯେ ଯିବୁ, ଏ କଥା ମୁଁ ବେଶ୍ ଆଗରୁ ଜାଣିଥିଲି । ନିର୍ମଳେନ୍ଦୁ ସାଥିରେ ଏ ଝଡ଼ ରାତିର ଅନ୍ଧାର ଭିତରେ ଦେଖା ନ କଲେ ବି ଚଳିବ । ଭିତରକୁ ଯା !

କାବେରୀ—ତୁ ମଣିଷ ନୁହଁ, ବୋଉ ! ଗୋଟାଏ ନିର୍ମମ ପଥର । ନିର୍ମଳଙ୍କ ଉପରେ ମଝରେ ମାଡ଼ିଗଲୁ, ଅଥଚ ଦୁଇଦିନ ହେଲା ତୁ ମତେ ଲୁଚାଇଥିଲୁ, କାହିଁକି ? ଭାବିଥିଲୁ ମୁଁ କ'ଣ ଜାଣିପାରିବିନି ବୋଲି ? ମୁଁ ତାଙ୍କୁ ଦେଖିବାକୁ ଯିବି, ବୋଉ !

ଗାୟତ୍ରୀ—ନା, ତୁ ଯାଇପାରିବୁନି ।

କାବେରୀ—ମୁଁ ଯିବି, ବୋଉ ! ଆଜି ଦୁନିଆର କୌଣସି ଶକ୍ତି ମୋତେ ମୋ ନିଷ୍ପତ୍ତିରୁ ଟଳାଇପାରିବ ନାହିଁ ।

ଗାୟତ୍ରୀ—କାବେରୀ ! ଗୋଟାଏ ମମତାମୟୀ ମା' ଭାବରେ ତୁ ମତେ ସବୁଦିନେ ଦେଖିଆସିଛୁ । କିନ୍ତୁ ମୋର ଆଉ ଗୋଟାଏ ବି ପରିଚୟ ଅଛି ।

କାବେରୀ—ମୋର ବି ଆଉ ଗୋଟିଏ ପରିଚୟ ଅଛି, ବୋଉ ! ସବୁଦିନ ମୁଁ ତୋର ଶାସନକୁ ଗୋଟାଏ ବାଧ୍ୟ ଝିଅ ଭଳି ସହି ଆସିଥିଲି । ଆଜି କିନ୍ତୁ ମୁଁ ବହ୍ନିକନ୍ୟା । ମୁଁ କାହାର ଶାସନ ମାନିବାକୁ ପ୍ରସ୍ତୁତ ନୁହେଁ । ମୁଁ ଯିବି, ବୋଉ ! ଆଜି ମୋର ଚଲା ପଥରେ ଯଦି ପ୍ରଳୟର ଝଞ୍ଜା ଆଉ ସର୍ବନାଶର ରାଗିଣୀ ଶୁଣାଏ, ତେବେ ବି ମୁଁ ଯିବି ।

( ଯିବାକୁ ବାହାରିଲା ଗାୟତ୍ରୀ ଅଚଳ ମେରୁ ସଦୃଶ ଆଗରେ ଠିଆହୋଇ )

ଗାୟତ୍ରୀ—ତୋ ଯିବାଟା ଏତେ ସହଜ ନୁହେଁ, କାବେରୀ !

କାବେରୀ—ବୋଉ, ତୁ ଏତେ ନିଷ୍ଠୁର ! ତୋ'ଠାରେ କ'ଣ ମା'ର ମମତା ଏତେ ଟିକିଏ ନାହିଁ ? ନିର୍ମଳେନ୍ଦୁ କ'ଣ ତୋର ପୁଅ ନୁହେଁ ?

ଗାୟତ୍ରୀ—( ଚୂପଚାପ ମାରି ) ଜନ୍ମଦାତ୍ରୀ ମା କେତେ ନିର୍ମମ, ଅଉ କେତେ ନିଷ୍ଠୁର ହୋଇପାରେ, ତାର କଳ୍ପନା ତୁ କରିପାରିବୁନି, କାବେରୀ ! ଯେଉଁ ମା'ର ଛାତିର ରକ୍ତ ଶୋଷି ଶୋଷି ତୁ ଆଜି ଏତେବଡ଼ ହେଇଛୁ, ସେହି ମା ଆଜି ହାତ ପତେଇ ତୋ ପାଖରେ ଭିକ୍ଷା ମାଗୁଛି, କାବେରୀ, ତୁ ତା ପାଖକୁ ଯିବୁନି ।

କାବେରୀ—ବୋଉ ! !

ଗାୟତ୍ରୀ—ମୁଁ ଆଜ ସହିପାରୁନ 'କି କହିପାରୁନ, ମା ! ଏମିତି ଧକ୍ ଧକ୍ ହୋଇ ଜଳିବା ଅପେକ୍ଷା ·· । କହ କାବେରୀ ! ତୋ ବୋଉର ଏଇ ଇଚ୍ଛା ପୂରଣ କରିବୁନ ?

କାବେରୀ—ବୋଉ !

(କହ୍ନ ଆବେଗରେ ଗାୟତ୍ରୀକୁ କୁଣ୍ଢାଇ ଧରିଲା )

ଗାୟତ୍ରୀ—ମୁଁ ଆଶୀର୍ବାଦ କରୁଛି ମା, ତୁ ସୁଖରେ ରହିବୁ, ଜୀବନରେ ଶାନ୍ତି ପାଇବୁ । ଏ କୁମାରୀ ଜୀବନରେ ତୁ ଗୋଟାଏ ମା ମନର ଅନ୍ତର୍ଦାହ ଅନୁଭବ କରିପାରିବୁନ । ତା'ର ମମତା କଳନା କରିପାରିବୁନ । ତା ତ୍ୟାଗର ତୁଳନା ନାହିଁ, ମା' ! ଯା ଭିତରକୁ ବିଶ୍ରାମ ନେବୁ ।

( କାବେରୀ ଧୀରେ ଧୀରେ ଭିତରକୁ ଗଲା । କାବେରୀ ଚାଲିଯିବା ପରେ ଗାୟତ୍ରୀଙ୍କ ଆଖିରୁ ଲୁହ ଦ'ଧାର ଝରିପଡ଼ିଲା । ଦୂରରୁ ମି: ସାମନ୍ତଙ୍କ ଆସିବା ଶବ୍ଦ । ଏହା ଭିତରେ ନିମନ୍ତ୍ରିତ ଅତିଥିମାନେ ଭୋଜି ଖାଇ ଚାଲି-ଯାଇଛନ୍ତି । ନୀରବତାର ସୂଚନା । ଗାୟତ୍ରୀ ଲୁହ ପୋଛି-ଦେଲେ । ଆସିଛନ୍ତି ମି: ସାମନ୍ତ )

ସାମନ୍ତ—ଗାୟତ୍ରୀ !

ଗାୟତ୍ରୀ—Darling ! (ସାମନ୍ତଙ୍କୁ ଦୁର୍ବଳ ଆବେଗରେ ଚାପି ଧରିଲେ । ତାଙ୍କ ମଥା ଆଉଁସିଦେଇ )

ସାମନ୍ତ—ଗାୟତ୍ରୀ ! ଆମ ବିବାହିତ ଜୀବନର କୋଡ଼ିଏଟି ବର୍ଷ ଶୀତ ବସନ୍ତର ଲୁଚକାଳି ଖେଳ ଭିତରେ ବେଶ୍ ଆନନ୍ଦରେ କଟିଯାଇଛି । ଆଜକୁ ଠିକ୍ କୋଡ଼ିଏବର୍ଷ ତଳେ ଏମିତି ଗୋଟାଏ ନୀରବ ଲଗ୍ନରେ ପବିତ୍ର ବହ୍ନିଶିଖାକୁ ଆଗରେ ରଖି, ପୁରୋହିତଙ୍କ ମନ୍ତ୍ରପାଠ ଭିତରେ, ତମେ ତମର କୁମାରୀ ଜୀବନର ସର୍ବସ୍ୱକୁ ସମର୍ପି ଦେଇଥିଲ ମୋ ହାତରେ । ଅନେଅଛ, ଗାୟତ୍ରୀ, ସେ ପ୍ରଥମ ସ୍ପର୍ଶର ମଧୁ ଶିହରଣ ?

ଗାୟତ୍ରୀ—(ଗାୟତ୍ରୀ ଆନମନା) ହୁଁ, ମିଷ୍ଟର ସାମନ୍ତ ! ସେ ଦିନଟା କ'ଣ କିଏ କେବେ ଭୁଲିଯାଏ ? ଚାଲ, ତମେ ବିଶ୍ରାମ ନେବ ।

ସାମନ୍ତ—ନା, ଏ ରାତ ଆମେ ଏମିତ କଟେଇଦେବା, ଗାୟତ୍ରୀ ! ମନେନାହିଁ ? ସେଦିନ ସେ ବାସରପ୍ରଦୀପକୁ ସାକ୍ଷୀ ରଖି, ଆମ ଜୀବନର ପ୍ରଥମ ମିଳନ ରଜନୀରେ ଆମେ କେମିତ ହସଖୁସିରେ ବିତେଇ ଦେଇଥିଲେ ସାରାରାତ ! ଆଜି ତମେ ନାଚ, ଗାୟତ୍ରୀ !

ଗାୟତ୍ରୀ—(ଚମକିଉଠି) ନା ନା, Mr. Samanta ! ମୁଁ ନାଚିପାରିବିନି ।

ସାମନ୍ତ—ଗାୟତ୍ରୀ Please ! ମନାକରନି । ଏ ଅଶାନ୍ତ ଆକାଶଗ୍ରନ୍ତରେ ତୁମେ କ'ଣ ଶୁଣିପାରୁନ ଝଡ଼କନ୍ୟାର ମେଘମହ୍ଲାର ? ତାର ବର୍ଷାସ୍ନାତ ନୂପୁରରେ ସଙ୍ଗୀତର ଅସ୍ପଷ୍ଟ ଝଙ୍କାର ? ନାଚ, ଗାୟତ୍ରୀ ! ଆଜି ଥରଟିଏ ପାଇଁ ନାଚ ।

ଗାୟତ୍ରୀ—ମତେ କ୍ଷମାକର, Mr. Samanta ! ମୁଁ ଆଜି ବଡ଼ କ୍ଲାନ୍ତ, ବଡ଼ ଦୁର୍ବଳ ।

ସାମନ୍ତ—ତଥାପି ତୁମେ ନାଚିବ, ଗାୟତ୍ରୀ ! ତମକୁ ମୋ ରାଣ ।

ଗାୟତ୍ରୀ—Darling !

ସାମନ୍ତ—(ତଳୁ ଘୁଙ୍ଗୁର କାଢ଼ିଦେଲେ ଏଇ ନିଅ ! (ଇନ୍ଦ୍ରଜିତ ଝରକା ବାହାରେ ରହି ଦେଖିଛନ୍ତି ଓ ଶୁଣିଛନ୍ତି)

ଗାୟତ୍ରୀ—ଏ ଘୁଙ୍ଗୁର ପିନ୍ଧି ମୁଁ ନାଚିପାରିବିନି ! ମୁଁ ···

ସାମନ୍ତ—ଗାୟତ୍ରୀ ! ମୋର ଏଇ ଗୋଟିଏ ଅନୁରୋଧ ରଖିବନି ? ଏ ରାତ ଆଉ ଜୀବନରେ କେବେ ଆସିବନି, ଗାୟତ୍ରୀ ! ନାଚ, ନାଚ ଗାୟତ୍ରୀ !

ଗାୟତ୍ରୀ—ହଁ ହଁ, ମୁଁ ନାଚିବ ।

(ଘୁଙ୍ଗୁରକୁ ଦୁଇ ହାତରେ ଧରି ଦେଖୁଥିଲେ । ମନ ଭିତରେ ବିକ୍ଷିପ୍ତ ଭାବନାର ଝଡ଼ । ସେ ବିବ୍ରତ । )

ଇନ୍ଦ୍ରଜିତ -(ବାହାରପଟେ ଝରକାର ପରଦାକୁ ଦୁଇହାତରେ ଆଡ଼େଇଦେଇ)
ନା, ସେ ଘୁଙ୍ଗୁର ପିନ୍ଧି ତୁମେ ଆଉ କେବେ ନାଚପାରିବନି, ଗାୟତ୍ରୀ !

( କହୁ ଝରକା ଡେଇଁ ଭିତରକୁ ଆସିଲେ ।
ହାତରେ ଛୁରୀ, ଆଖିରେ ପ୍ରତିହିଂସାର ନିଆଁ )

ସାମନ୍ତ—କିଏ ? (ଗାୟତ୍ରୀ ଭୟରେ କଳାପଡ଼ିଗଲେ)

ଇନ୍ଦ୍ରଜିତ -ମୁଁ ।

ସାମନ୍ତ— ପ ଗଲ କାହିଁକା ! Go out ! ବାହାରିଯାଅ !!

ଇନ୍ଦ୍ରଜିତ—ମୁଁ ପାଗଲ ନୁହେଁ, Mr. Samanta ! (ଛୁରୀ ଦେଖାଇ) ଆଜି ଦୁନିଆର କୌଣସି ଶକ୍ତି ଗାୟତ୍ରୀକୁ ବଞ୍ଚେଇ ରଖିପାରିବ ନାହିଁ ! ଗାୟତ୍ରୀ ଜୀବନରେ ଏଇ ହେଉଛି ଶେଷ ରାତି ।

(ଛୁରୀ ମାରିଲେ ଗାୟତ୍ରୀ ଛାତିରେ । ଚିତ୍କାର କରିଉଠିଲେ ଗାୟତ୍ରୀ)

—DROP—

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

[ ସମୟ ସନ୍ଧ୍ୟା । ଗାୟତ୍ରୀ ବାଈର ବିଳାସକକ୍ଷ । ସାଜସଜ୍ଜା ଅନୁରୂପ । ଗାୟତ୍ରୀ ବାଈର ବୟସ କୋଡ଼ିଏ । ତନୁଲତାରେ ଯୌବନର ଢେଉ । ତଳେ ପଡ଼ିଥିଲା ଦାମୀ ଗାଲିଚା । ତା ଉପରେ ବିଭିନ୍ନ ବାଦ୍ୟଯନ୍ତ୍ର ଓ ଯନ୍ତ୍ରୀମାନଙ୍କର ସମାବେଶ । ତାବଲା ନିକଟରେ ବସିଥିଲା ତାବ୍‌ଲିଷ୍ଟ ତାଜ୍ ମହମ୍ମଦ । ବୟସ ତିରିଶି । ଅଖିଦୁଇଟାରେ ସୁରାର ପ୍ରଭାବ ତଥା ନୃଶଂସତା ସ୍ପଷ୍ଟ ବାରିହେଉଥିଲା । ଗାୟତ୍ରୀକୁ କ୍ଷୁଧାର୍ତ୍ତ ଚକ୍ଷୁରେ ଦେଖୁଥିଲା ]

ତାଜ୍—"ଜାଲିମ୍ ତେରି ଜବାନୀ, ଜାଲିମ୍ ତେରି ସବାବ୍…

ଆଁଖୋମେ ଓନ୍‌ସାହେ, କୈସେ ହୋ ସରାବ"

ଅଲ୍ଲା କସମ୍, କ୍ୟା ଜବାନୀ ପାଇ ହେ, ଜୀ, ଚାହ୍‌ତା ହେ…

ଗାୟତ୍ରୀ—ତାଜ !

ଡାକ—"ତୁମ୍ ଦୀପକ୍ ମେଁ ପରବାନା,
ମେରା ଜୀବନ୍ ହେ ଜଲ୍ ଯାନା ।"

ତୁମ୍ହାରା ଏ ଜବାନୀକା ଦୀପକ୍ ହମେସା ଜଲତା ରହେଗା,
ଆଉର୍ ଲଖୋଁ ପର୍ବାନେ ହରରୋଜ୍
ଜଲ୍ତେ ରହେଙ୍ଗେ...

ଗାୟତ୍ରୀ—ମନେହେଉଛି ଆଜି ମାତ୍ରାଟା ଟିକିଏ ବେଶି ହୋଇଯାଇଛି ।

ଡାକ୍—ଆରେ ବାଇଜୀ ! ୟେ ଜବାନୀକା ମଦିରା ପି ପି କର ମେଁ ତୋ ବେହୋସ୍ ହୋ'ନେବାଲା ହୁଁ । ଜିତନା ଜ ବୁଢ଼ୋ ପିଲାଓ ରହୋ...ପିତେ ରହେଙ୍ଗେ, ଜୀତେ ରହେଙ୍ଗେ...ମର୍ତେ ରହେଙ୍ଗେ ..ହାଁ, ବାଇଜୀ, ମୁଝେ ଏକ୍ ନଇ ଚିଜ୍ ୟାଦ ଆଇ, ପେସ୍ କରୁଁ ? (ହସିଛି)

ପିନା ହରାମ୍ ହେ, ପିଲନା ହାରାମ୍ ହେ,
ପିନେକା ବାଦ୍ ହୋସ୍ମେ ଆନା ହାରାମ୍ ହେ ।

ଗାୟତ୍ରୀ—ଡାକ୍ ! ବନ୍ଦ କରୋ ଏ ବକ୍ୱାସ୍ !

ଡାକ୍—ତୁମ୍ହାର କସମ୍ ବାଇଜୀ, ଆଜ୍ ମେହେଫିଲ୍ ଏସି ଜମେଗି, ଏସି ଜମେଗି, କ୍ୟା କହୁଁ । ଆଜ୍ ମେହେଫିଲ୍ମେ ବାହାର୍ ଆ ଯାଏଗି ।

ଗାୟତ୍ରୀ—କିନ୍ତୁ ପ୍ରଫେସର ଗ୍ରେଟରାୟ ଏଯାଏ ଆସିଲେନି ଯେ !

ଡାକ୍—(ରାଗି) କ୍ୟା ଉନ୍କେ ଆନେସେ ମେହେଫିଲମେ ବାହାର୍ ଆ ଜାୟେଗି ? ଅଗର୍ ଓ ନେହିଁ ଆୟେଁଗେ ତୋ ଆଜ୍ କ ମେହେଫିଲ୍ କ୍ୟା ବନ୍ଦ୍ ହୋ ଯାୟେଗି ?

ଗାୟତ୍ରୀ—ହୋଇଗଲେ କ୍ଷତି କ'ଣ ? ତାଙ୍କର ପାଇଁ ତ ଏ ଆୟୋଜନ ।

ଡାକ୍—ବାଇଜୀ ! ୟେ ମତ୍ ଭୁଲୋ କି ତୁମ୍ ଏକ୍ ନାଚ୍ନେବାଲୀ ହୋ । ଉନ୍କେ ଲିଏ ତୁମ୍ହାରା ଦିଲ୍ମେ ଦରଦ କ୍ୟୋଁ ? କ୍ୟା ତୁମ୍ ସମ୍ଝତୋ ହୋ, ପ୍ରଫେସର ଗ୍ରେଟରାୟ ତୁମ୍ହେ ୟାଦ କରେଗା ? ତୁମ୍ହେ ବିବିକା ମାନ୍ ଦେଗା ..

ଗାୟତ୍ରୀ—ମୋର ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ କରିବାର ଅଧିକାର ତୁମକୁ କିଏ ଦେଲା ? ପ୍ରଫେସର ଶ୍ରେଷ୍ଠଗୁପ୍ତ ମୋର ମେହମାନ୍ ।

ତାଜ୍—( ହସିଛି ) ମେହମାନ୍ ! ! ଜିନ୍ଦେଗୀମେ କିତ୍ନେ ମେହମାନ୍ ଆୟେ, କିତ୍ନେକୋ ତୁମ୍‌ନେ ୟାଦ୍ ରଖା । ତୁମ୍‌ନେ ତୋ କିତ୍‌ନୋକେ ଜଲ୍‌ଦିଆ । କଭି ଅପ୍‌ନା ଘର୍ ବନାନେକେ କୋସିସ୍ କିା ?

ଗାୟତ୍ରୀ—ହୋସ୍‌ମେ ଆଓ, ତାଜ୍ ! ମୋତେ ଆକ୍ଷେପ କରିବାର ଦୁଃସାହସ କଲେ···

ତାଜ୍—ତୁମ୍ ସାରେ ଜିନ୍ଦେଗୀ ୟୁହିଁ ନାଚ୍‌ତେ ଗୁଜାରେଗି । ଲେକିନ୍ କୋଇ ଭି ତୁମ୍‌ହେ ପତ୍ନୀକା ସମ୍ମାନ ନେହିଁ ଦେଗା । ଲେକିନ୍ ମେଁ ତୁମ୍‌ହେ ଆପ୍‌ନା ବନାନା ଚାହ୍‌ତା ହୁଁ । ଏହି ମେରା ଆରଜୁ ହେ ।

ଗାୟତ୍ରୀ—ଗାୟତ୍ରୀ ବାଈକୁ ବିବାହ କରିବାର ଦୁଃସ୍ୱପ୍ନ ଦେଖିବ, ତାଜ୍ ମହମ୍ମଦ ?

ତାଜ୍—ବା'ଈଜୀ ! ମୁଝେ ଧୋକା ଦେନା ଇତ୍‌ନା ଆସାନ୍ ନେହିଁ । ଅଗର ମେଁ ଚାହୁଁ ତୋ, ତୁମ୍‌ହାରା ଏ ଘୁଙ୍ଗୁରୁକି ଛନ୍‌ଛନା ହଟ୍, ସାରି ଜିନ୍ଦଗି କେ ଲିଏ ବନ୍ଦ କରସକ୍ତୁଁ··· । ତାଜ୍ ସରଦ ର୍କେ ମର୍ଜିକେ ଖିଲାପ୍, କୋଇଭି ବାଈଜୀ ଏହାଁ ଟିକ୍ ନେହିଁ ସକ୍‌ତେ ।

ଗାୟତ୍ରୀ ମତେ ଧମକ୍ ! ଗାୟତ୍ରୀ ବାଈକୁ ଭବିଷ୍ୟବାଦକ ଅଷ୍ଟବ ରହିବନି, ତାଜ୍ !

ତାଜ୍—(ହସି ମେରି ଜିନ୍ଦଗୀମେ ମୈନେ ତୁମ୍ ଜୈସୋଂକି କମି ମେହେସୁସ୍ ନେହିଁ କିା । ମୈନେ ଯୋ ଚାହାଁ, ସୋ ପାୟା, ସୋ କିୟା ।

ଗାୟତ୍ରୀ—(ଦୂରରୁ ପ୍ରଫେସର ଶ୍ରେଷ୍ଠଗୁପ୍ତଙ୍କୁ ଆସୁଥିବାର ଦେଖି, ସେ ଆସିଗଲେ, ତାଜ୍ ! ଯାଅ, ତାଙ୍କୁ ପାଛୋଟି ନେଇଆସ ।

ତାଜ୍—ଓ ଖୁଦ୍ ବଖୁଦ୍ ଚଲେ ଆୟେଁଗେ । ଲେକିନ୍ ଓ ଆଜ୍ ଜିନ୍ଦା ଓ୍ୱାପିସ୍ ନେହିଁ ଲୌଟେଙ୍ଗେ ।

ଗାୟତ୍ରୀ—ତାଜ୍ ! (ତା ପରେ ଅଭିନୟ କରିଛି । ଓଷ୍ଠରେ ହସର ରେଖା । ଚକ୍ଷୁ ଯୁଗଳରେ ମଧୁରିମ ନିମନ୍ତ୍ରଣ । ତାଜ୍‌ନିକଟକୁ ଯାଇ ତା କାନ୍ଧରେ ହାତରଖି)

ତମେ କ'ଣ ସତରେ ମୋ ଉପରେ ରାଗିଗଲ ? ସତରେ ତାଜ୍ ! ତୁମକୁ ରଗାଇବାକୁ ମୋତେ ଖୁବ ଭଲ ଲାଗେ । ତୁମେ ରାଗିଲେ ଏତେ ସୁନ୍ଦର ଦେଖାଯାଏ ଯେ···

ତାଜ୍—ବାଈଜୀ !

ଗାୟତ୍ରୀ—ବାଈଜୀ ସବୁଦିନେ ତୁମର ତାବଲାର ତାଲେ ତାଲେ ନାଚିବ, ତାଜ୍ ! ତୁମକୁ ଛାଡ଼ି କ'ଣ ମୁଁ କେବେ ନାଚିପାରେ ? ଯାଅ, ତାଙ୍କୁ ଡାକିଆଣ ।

( ତାଜ୍ ଯାଇଛି । ଗାୟତ୍ରୀ ବି ଭିତରକୁ ଗଲା । କିଛି ସମୟ ପରେ ଆସିଲେ ପ୍ରଫେସର ଇନ୍ଦ୍ରଜିତ ଶ୍ରେଷ୍ଠରାୟ । ବୟସ ଅଠେଇଶି । ତାଙ୍କ ପଛେ ପଛେ ଶେଠ୍‌ଜୀ, ଲାଲ ସାହେବ । ତାଜ୍ ମହମ୍ମଦ ସେମାନଙ୍କୁ ଯଥାମାନ୍ୟ ଅନୁରୋଧ କଲା ବସିବାପାଇଁ )

ଶେଠ୍—ଲେକିନ୍ ବାଈଜୀ !

( କହୁଥିବା ସମୟରେ ଭିତରୁ ଘୁଙ୍ଗୁରର ଛମ୍‌ଛମ୍ ଆୱାଜ ଭାସିଆସିଛି । ଅଉ ନୃତ୍ୟଭଙ୍ଗିରେ ପାଦରେ ଘୁଙ୍ଗୁର ପିନ୍ଧି ଆସିଛି ଗାୟତ୍ରୀ । ସେମାନଙ୍କୁ ବାଈଜୀ କାଇଦାରେ କୁର୍ଣ୍ଣିସ୍ କରି ନିଜ ଜାଗାରେ ବସିଲା । ବାହ୍ୱାବାହ୍ୱା ଧ୍ୱନିରେ ବିଳାସକକ୍ଷ ପ୍ରତିଧ୍ୱନିତ ହୋଇଉଠିଲା । ଗାୟତ୍ରୀ ହସି ହସି ଇସାରା ଦେଲା । ଭାସିଆସିଲା ସଙ୍ଗୀତର ମୂର୍ଚ୍ଛନା )

—ଗୀତ—

ଏ ରାତ ଯାଏ ସରି
ଗ୍ଲାସ ଢଳେ ଭରି

ବେଦନା ଜୁଆର ହାଏ, ହାଏ !
ସୁର ବି ସରନି ଦାହ ବି ଥମିନି, ମନ ବୁଝିନି ହାଏ ··

ମୁଁ ଗାଇଯିବ ଗୀତ, ପ୍ରୀତିସୁରି ଦିଇ,
ତୁମ କୋଳେ ଶୋଇ ଶୋଇ
ଅଧରେ ଅଧର ଏବେ ବି ମିଶିନ
ରାତି ବି ଯାଇନ ପାହି,
ପ୍ରୀତି ମଧୁବନେ ବାଉଳା ଅଳିର
ମୁରଲୀ ବ'ଜନ ହାୟ ହାୟ,
ଏ ରାତି ଯାଏ ସରି······ । ୧ ।

ଏ ଚୂନା ଚୂନା ତାରାଫୁଲ ଭରା ରାତି
ଝିଲିମିଲି ଜହ୍ନ ହସେ
ମିଳନ ଆକୁଳ ମନତଳେ ଅଜି
ଘାୟଲ ମୟୂରୀ ନାଚେ
ଅଭିସାରିକା ମୁଁ ସହି ତ ପାରୁନ
ଭରା ଯଉବନ ହାୟ···
ଏ ରାତି ଯାଏ ସରି··· ।୨।

( ଗୀତ ଶେଷରେ ସମସ୍ତେ ଆନନ୍ଦରେ ବିଭୋର । ସମସ୍ତଙ୍କ ତୁଣ୍ଡରେ ବାହ୍ୱାବା । କ୍ୟା ସୁରଲୀ ଆଓ୍ୟାଜ ପାଇ ହେ ! ପ୍ରଫେସର ଶ୍ରେଷ୍ଠରାୟ କିନ୍ତୁ ନୀରବ । ମୁଗ୍‌ଧ ନୟନରେ ସେ ଗାୟତ୍ରୀକୁ ଦେଖୁଥିଲେ । ଗାୟତ୍ରୀ ଲାଜେଇଗଲା )

ଶେଠ୍—(ଯିବାକୁ ଉଠିଲାବେଳେ) ତୁମ୍‌ହାରୀ ଏ ଜବାନୀ ସଲାମତ୍ ରହେ, ବାଈଜୀ ! ଲାଖୋଁ ବରଷ ଜିଓ ।

(ଗାୟତ୍ରୀ ବିଦ'ୟ ଅଭିବାଦନ ଜଣାଇ ସେମାନଙ୍କୁ ବାଟେଇଦେଇ ଆସିଲା । ବାଦକଗଣ ଧୀରେ ଧୀରେ ବାହାରିଗଲେ । ତାଜ୍ ମହମ୍ମଦର ଅନିଚ୍ଛାସତ୍ତ୍ୱେ ଗାୟତ୍ରୀର ଇସାରା ପାଇ ସେ ଚାଲିଗଲା । କେବଳ ଏକା ରହିଲେ ଇନ୍ଦ୍ରଜିତ । ଗାୟତ୍ରୀ

ଇନ୍ଦ୍ରଜିତଙ୍କ ସାମନାରେ ଯାଇ ବସିଲା । ଦୁହେଁ ଦୁହିଁଙ୍କି କିଛି ସମୟ ଅପଲକ ନୟନରେ ଚାହିଁଲେ । )

ଗାୟତ୍ରୀ—ଆଉ ଗାଇବ ?

ଇନ୍ଦ୍ରଜିତ—ନା, ଥାଉ ।

ଗାୟତ୍ରୀ—ଆରେ, ମୋ ମୁହଁକୁ ଏପରି ଚାହିଁରହିଛନ୍ତି ଯେ !

ଇନ୍ଦ୍ରଜିତ—ଦେଖୁଛି, କେତେ ସୁନ୍ଦର ତମେ । ତୁମର ଏହି ସଜଫୁଟା ଗୋଲାପ ପରି ଗ୍ଲେଟିଆ ମୁହଁଟି ଦେଖିଲେ, ମୁଁ ଜୀବନର ସବୁ ଦୁଃଖ ଭୁଲିଯାଏ, ଗାୟତ୍ରୀ ! ଆଉ ଭଲ ପାଇବାର ପୁଷ୍ପାଞ୍ଜଳି ଧରି ବଧୂବେଶରେ ତମେ ଯୋଉଦିନ ମୋ ଘରେ ପାଦ ଦେବ, ସେଦିନ ମୁଁ କେତେ ଯେ ଖୁସି ହେବି···

ଗାୟତ୍ରୀ—ଏତେବଡ଼ ସୌଭାଗ୍ୟ କ'ଣ ମୋର ହେବ ? ଆପଣ କ'ଣ ସତରେ ମୋତେ ସ୍ତ୍ରୀର ସମ୍ମାନ ଦେଇପାରିବେ ?

ଇନ୍ଦ୍ରଜିତ—ବିଶ୍ୱାସ କରୁନ ?

ଗାୟତ୍ରୀ—ନା ନା, ମୁଁ କିଣ କେବେ ଆପଣଙ୍କୁ ଅବିଶ୍ୱାସ କରିପାରେ ? କିନ୍ତୁ ଆପଣଙ୍କର ସମାଜ, ଆପଣଙ୍କର ପରିବାର କ'ଣ ଜଣେ ନାଚବାଲୀକୁ କୁଳବଧୂର ସମ୍ମାନ ଦେବ ?

ଇନ୍ଦ୍ରଜିତ—ସମାଜ ? ସେ ଆମର କିଛି କରିପାରିବନି, ଗାୟତ୍ରୀ ! ଏ ସମାଜ କ'ଣ ମୋ ମନରେ ପ୍ରେମର ଫଲ୍‌ଗୁ ବୁହାଇପାରିବ ? ମତେ ଟିକିଏ ଶାନ୍ତି ଦେଇ ପାରିବ ? ମୁଁ ଟିକିଏ ସ୍ନେହଭରା ଶାନ୍ତି ଚାହେଁ ଏବଂ ସେଥିପାଇଁ ମୁଁ ଧାଇଁଆସିଛି ତୁମ ପାଖକୁ ।

ଗାୟତ୍ରୀ—ମତେ ପାଇ ଆପଣ କ'ଣ ଶାନ୍ତିରେ ରହିପାରିବେ ? ଆପଣ ଜଣେ ସମ୍ମାନିତ ପ୍ରଫେସର, ଆଉ ମୁଁ ଜଣେ ସାଧାରଣ ନାଚବାଲୀ । ମତେ ବିବାହ କଲେ ହୁଏତ ଆପଣଙ୍କର ପ୍ରତିଷ୍ଠା ଉପରେ ଆଞ୍ଚ ଆସିପାରେ ।

ଇନ୍ଦ୍ରଜିତ—ମୁଁ ତୁମକୁ ଭଲପାଏ, ଗାୟତ୍ରୀ ! ତମେ କ'ଣ ଭାବୁଛ, ମୁଁ ତୁମ ସହିତ ଅଭିନୟ କରୁଛି ବୋଲି ? ନା, ଗାୟତ୍ରୀ ! ମୁଁ ତୁମକୁ ଚାହେଁ । ପ୍ରେମପାଇଁ ଯଦି ସମ୍ରାଟ୍ ତା'ର ସିଂହାସନ ଛାଡ଼ିଦେଇପାରେ, ତେବେ ଏ ସାମାନ୍ୟ ଚାକିରିଟା କ'ଣ ଆମ ଭଲପାଇବାର ପ୍ରତିବନ୍ଧକ ହେବ ? ତୁମକୁ ଛାଡ଼ି ମୁଁ ବଞ୍ଚିପାରିବିନି, ଗାୟତ୍ରୀ !

ଗାୟତ୍ରୀ—ଇନ୍ଦ୍ରଜିତ ! !

ଇନ୍ଦ୍ରଜିତ—ଆସ, ଗାୟତ୍ରୀ ! ମିଳନର ଏ ସିନ୍ଦୂରିତ ଲଗ୍ନରେ, ନୀଳ-ଜ୍ୟୋତ୍ସ୍ନାର ଜୁଆର ଭିତରେ ଆମେ ଭାସିଯିବା ଅନେକ ଦୂରକୁ ।

( ହସ ହସ ମୁହଁରେ ଗାୟତ୍ରୀର ମୁଣ୍ଡ ଉପରକୁ ଓଢ଼ଣାଟା ଟାଣିଆଣିଲେ ଇନ୍ଦ୍ରଜିତ । ଗାୟତ୍ରୀ ଦେଖାଯାଉଥିଲା ଠିକ୍ ଗୋଟିଏ କୁଳବଧୂ ଭଳି । ଇନ୍ଦ୍ରଜିତ ତାଙ୍କ ନିଜ ଉପରକୁ ଟାଣିନେଲେ ଗାୟତ୍ରୀକୁ, ଆଉ ଠିକ୍ ସେଇ ସମୟରେ ବାଜିଉଠିଛି ମଙ୍ଗଳ ସାହ୍ନାନାଇର ସୁମଧୁର ଧ୍ୱନି )

—ମଞ୍ଚ ଅନ୍ଧକାର—

ଦୃଶ୍ୟାନ୍ତର

## ଦ୍ୱିତୀୟ ଦୃଶ୍ୟ

[ ଇନ୍ଦ୍ରଜିତ ଶ୍ରେଷ୍ଠଗସ୍ତଙ୍କ ଘର । ପୂର୍ବ ଘଟଣାର ଦେଢ଼ବର୍ଷ ପରେ । ଏ ଭିତରେ ଇନ୍ଦ୍ରଜିତଙ୍କର ଗୋଟିଏ ପୁଅ ହୋଇଛି । ସେଇ ଶ୍ରେଷ୍ଠ ପିଲାଟିକୁ ଦୋଳିରେ ଶୁଆଇ ଗୀତ ଗାଉଥିଲେ ଗାୟତ୍ରୀ । ବାହାରେ ବର୍ଷାମୁଖର ଅଶାନ୍ତ ଆକାଶ ]

ଗାୟତ୍ରୀ—(ଗୀତ)

ମୋ ମୁନା ଆଖିରେ ନିଦ, ଛପି ଛପି ଆ'ରେ
ମୋ ମୁନା ଆଖିରେ ନିଦ ଆ...
ଶୋଇଲାଣି ଧନ କଅଁଳୁ ଡାକୁଛୁ
ଯା'ରେ ବାଇଆ ଯା'...।୧।

ଚନ୍ଦନ ମାଣ୍ଡିଆ ବିଲରେ ବାଇଆ ମା'ତ ଗଲାଣି ଶୋଇ
ଶୋଇପଡ଼ ଧନ ମୋ ରଙ୍କରତନ ଅଝଟିଆ ହୁଅ ନାହିଁ
ଜହ୍ନ ଶୋଇଲାଣି ତାରା ଶୋଇଲାଣି
ଯା'ରେ ବାଇଆ ଯା...।୨।

ଅଢ଼ ଅଲିଅଳ ସୁନାନାକୀ ଜେମା
ଦୋଳିରେ ଝୁଲୁଛି ଶୋଇ
ମୋ ଧନ ଶୋଇଛି ନିଦରାଣୀ କୋଳେ
ସପନବିଭୋର ହୋଇ
ନିଶା ପାଇଁ ଯାଇ ଗରଜୁଛୁ ରହୁ
ଯା'ରେ ବାଇଆ ଯା'...।୩।

(ଭିତରୁ ଆସିଲେ ଇନ୍ଦ୍ରଜିତ । ବାହାରକୁ ଯିବା ଉଦ୍ଦେଶ୍ୟରେ ହାତରେ ବର୍ଷାଛ । ଚିନ୍ତାଗ୍ରସ୍ତ ମୁଖମଣ୍ଡଳରେ ଅଜସ୍ର ଭାବନା । ତାଙ୍କୁ ଦେଖି )

ଗାୟତ୍ରୀ—କ'ଣ, ବାହାରକୁ ଯିବ ?

ଇନ୍ଦ୍ରଜିତ—ହଁ । ( ଶୁଖିଲା ହସ ହସି )

ଗାୟତ୍ରୀ—ଗୋଟିଏ କଥା ପଚାରିବି ?

ଇନ୍ଦ୍ରଜିତ—ତମ ପାଖରେ କେବେ କ'ଣ କିଛି ଗୋପନ ରଖିଛି ? ଆଜି 'ଏ ଫଟ ନାଚ କାହିଁକି ? ପଚାର ।

ଗାୟତ୍ରୀ—ଏବେ କେତେଦିନ ହେଲା ତମ ମୁହଁ ଏମିତି ଶୁଖିଲା ଦିଶୁଛି କାହିଁକି ?

ଇନ୍ଦ୍ରଜିତ—କିଛି ନାହିଁ, ଗାୟତ୍ରୀ !

ଗାୟତ୍ରୀ—ମତେ ଲୁଚାଉଛ ? କହିବନି ? ତମକୁ ମୋ ରାଣ, କ'ଣ ହୋଇଛି, କୁହ । ( ଇନ୍ଦ୍ରଜିତ ନୀରବ ) ମୋ ଉପରେ ରାଗିଛ ? ଅଭିମାନ କରିଛ ?

ଇନ୍ଦ୍ରଜିତ—(ହସି) ନା, ଗାୟତ୍ରୀ ! ଏ ଜୀବନରେ ମୁଁ ତ ଯାହା ଚାହିଁଥିଲି ତା ତୁମେ ମୋତେ ଦେଇଛ । ତୁମକୁ ପାଇ ମୁଁ ଆଜି ବାସ୍ତବିକ ସୁଖୀ, ଗାୟତ୍ରୀ ! ମୁନ୍ନା ଶୋଇଗଲାଣି ?

ଗାୟତ୍ରୀ—ହଁ, କିନ୍ତୁ କିଛି କହିଲନି !

ଇନ୍ଦ୍ରଜିତ—ଆଜକୁ ଠିକ୍ ଦେଢ଼ବର୍ଷ ତଳେ ଆମର ବିବାହ ହୋଇଥିଲା ନା ?

ଗାୟତ୍ରୀ—ହଁ, କିନ୍ତୁ ଆଜି ହଠାତ୍ ସେ କଥା ମନେପଡ଼ିଲା କାହିଁକି ?

ଇନ୍ଦ୍ରଜିତ—ସବୁ କହିବି, ଗାୟତ୍ରୀ ! କିନ୍ତୁ ତୁମେ ମୋ ଦେହ ଛୁଇଁ ଶପଥ କର, ମୁଁ ଯଦି ହଠାତ୍ ମରିଯାଏ, ତେବେ ମୁନ୍ନାକୁ ତୁମେ ମଣିଷ କରିବ ।

ଗାୟତ୍ରୀ—ଛି, ଏମିତି ଅମଙ୍ଗଳ କଥା ତୁଣ୍ଡରେ ଧରନ୍ତୁ ! ତୁମକୁ ମୋ ରାଣ, ତୁମକୁ ମୁନ୍ନା ରାଣ, ତମର କ'ଣ ହେଇଛି କୁହ ।

ଇନ୍ଦ୍ରଜିତ—ମୋର ଯେମିତି ମନେହେଉଛି, ସେ ମୋତେ ଦିନେ ନା ଦିନେ ଖୁନ୍ କରିବ ।

ଗାୟତ୍ରୀ—( ଚମକିଉଠି ) କିଏ ? କିଏ ତୁମକୁ ଖୁନ୍ କରିବ ?

ଇନ୍ଦ୍ରଜିତ—ତାଜ୍ ମହମ୍ମଦ ।

ଗାୟତ୍ରୀ—ତାଜ୍ ମହମ୍ମଦ୍ !

ଇନ୍ଦ୍ରଜିତ—ହଁ, ତମର ସେଇ ତାବ୍‌ଲିଷ୍ଟ ତାଜ୍ ମହମ୍ମଦ । ଏଇ ଦିନଦିନ ତଳେ କଲେଜରୁ ଫେରିଲାବେଳେ ବାଟରେ ତା ସହିତ ଦେଖାହେଲା ··

ଗାୟତ୍ରୀ—ତା ପରେ ?

ଇନ୍ଦ୍ରଜିତ—ସେ କ'ଣ କହିଲା, ଜାଣିଛ ? ମୁଁ କୁଆଡ଼େ ତୁମକୁ ତା'ଠାରୁ ଛଡ଼େଇଆଣିଛି । ଆଉ ସେ ମୋତେ ଖୁନ୍ କରି ତୁମକୁ ତା···

ଗାୟତ୍ରୀ—ଇନ୍ଦ୍ରଜିତ !!

ଇନ୍ଦ୍ରଜିତ—ହଁ, ଗାୟତ୍ରୀ ! ସେତେବେଳେ ସେ ଲୋକଟାର ଜଳନ୍ତା ଆଖି ଦୁଇଟାରୁ ସତେ ଯେପରି ନିଆଁ ବାହାରୁଥିଲା । ମନେହେଉଥିଲା, ସେଇ ମୁହୂର୍ତ୍ତରେ ସେ ତା'ର ସେ ଶକ୍ତ ହାତ ଦୁଇଟାରେ ମୋର ଗଳାଟାକୁ ଚିପି ଶେଷ କରିଦେବ ।

ଗାୟତ୍ରୀ—ଚାଲ, ଆମେ ଏଠା ଛାଡ଼ି ଚାଲିଯିବା । ସେ ସାଂଘାତିକ ଲୋକଟାର ଶନିଦୃଷ୍ଟିରେ ଯେ ପଡ଼ିଛି, ସେ ଛାଡ଼ପାଇନି ଇନ୍ଦ୍ରଜିତ !

ଇନ୍ଦ୍ରଜିତ—ଗାୟତ୍ରୀ !

ଗାୟତ୍ରୀ—ମୋର ଖୁବ୍ ଭୟ ହେଉଛି ।

ଇନ୍ଦ୍ରଜିତ—ମୋ ନିଜ ପାଇଁ ମୁଁ କେବେ ଚିନ୍ତା କରିନି, ଗାୟତ୍ରୀ ! କିନ୍ତୁ ମୁନ୍ନା ଆଉ ତମ କଥା ଭାବିଲାବେଳକୁ ··

ଗାୟତ୍ରୀ—ସେଇଥିପାଇଁ ତ କହୁଛି, ଆମେ ଆମର ଜନ୍ମମାଟି ଓଡ଼ିଶାକୁ ଚାଲିଯିବା ।

ଇନ୍ଦ୍ରଜିତ—ନା, ତା ହୋଇପାରେ ନା, ଗାୟତ୍ରୀ !

ଗାୟତ୍ରୀ—( ଭୟଭୀତ ହୋଇ ) ତା'ହେଲେ କ'ଣ ··

ଇନ୍ଦ୍ରଜିତ—ଗୋଟାଏ ଲୋକକୁ ଭୟ କରି ଆମେ ପଳେଇଯିବା ? ମୁଁ ଏତେଟା ଭୀରୁ ନୁହେଁ, ଗାୟତ୍ରୀ ! ଯେ ଅସଂଖ୍ୟ ବିପଦକୁ ଗୋଡ଼ରେ ଆଡ଼େଇଦେଇ, ଏଇ ନିଷ୍ଠୁର ସମାଜର ନିର୍ମମ ପରିହାସକୁ ବେଖାତିର କରି ଆଗେଇଚାଲିଛି, ସେ ଗୋଟାଏ ସାମାନ୍ୟ ଗୁଣ୍ଡାର ଧମକ ଆଗରେ ମୁଣ୍ଡ ନୁଆଁଇବ ? ମୁଁ ଫେରିବିନି, ଗାୟତ୍ରୀ ! ଏ ସମାଜ ଯେତେବେଳେ କରତାଳି ଦେଇ ହସିଉଠିବ, ମୁଁ ସହିପାରିବିନି ।

(ଟେବୁଲ ଡ୍ରୟରୁ ଗୋଟିଏ ଛୁରୀ କାଢ଼ି ପକେଟରେ ରଖିଲେ)

ଗାୟତ୍ରୀ—(ତାହାକୁ ଦେଖି) ଇନ୍ଦ୍ରଜିତ, ତମେ କ'ଣ ପାଗଳ ହେଲ ! ଏ ଛୁରୀ···

ଇନ୍ଦ୍ରଜିତ—ତାଙ୍କ ମହମ୍ମଦ ମତେ ଆକ୍ରମଣ କରିବାର ଦୁଃସାହସ କଲେ, ଅକ୍ଷତ-ଶରୀର ନେଇ ଫେରିଯିବିନି, ଗାୟତ୍ରୀ ! କଲିକତା ଭଳି ସହରରେ ଆତ୍ମରକ୍ଷା ପାଇଁ ପାଖରେ ଏଭଳି ଗୋଟିଏ ବନ୍ଧୁ ରହିବା ଦରକାର ।

ଗାୟତ୍ରୀ—ମୋର କିନ୍ତୁ ଭୟ ହେଉଛି, ଇନ୍ଦ୍ରଜିତ !

ଇନ୍ଦ୍ରଜିତ—ଭୟ କର ନାହିଁ, ଗାୟତ୍ରୀ ! ଏ କଣ୍ଟକିତ ଜୀବନର ଚଲାପଥରେ ହୁଏତ ଝଡ଼ ବହିପାରେ; କିନ୍ତୁ ତା'ର ମୁକାବିଲା କରିବାର ତାକତ ହରେଇ-ବସିଲେ, ବଞ୍ଚିବାର କୌଣସି ମୂଲ୍ୟ ରହିବନି । ମୁଁ ଆସୁଛି, ଗାୟତ୍ରୀ !

ଗାୟତ୍ରୀ—ନା ନା, ତମେ ଆଜି ବାହାରକୁ ଯାଅନି । ମୁଁ ତୁମକୁ କେବେହେଲେ ଯିବାକୁ ଦେବିନି । ଏ ବର୍ଷା, ଏ ତୋଫାନ···

ଇନ୍ଦ୍ରଜିତ—ଡକ୍ଟର ମୁଦାଲିୟର ନିମନ୍ତ୍ରଣ କରିଛନ୍ତି । ନ ଗଲେ କ'ଣ ଭାବିବେ, କହିଲ ? ମୁଁ କିନ୍ତୁ ଖୁବ୍ ଶୀଘ୍ର ଫେରିଆସିବି ।

ଗାୟତ୍ରୀ—ତଥାପି ଏ ଦୁର୍ଯ୍ୟୋଗଭରା ରାତିରେ ନ ଗଲେ କ'ଣ ଚଳିବନି ?

ଇନ୍ଦ୍ରଜିତ—( ଈଷତ ହସି ) ଦୁର୍ଯୋଗ ! ତା'ର ଯେତେବେଳେ ଆସିବାର ବେଳ, ସେତେବେଳେ ଆପେ ଆପେ ଆସିଯିବ, ଗାୟତ୍ରୀ ! କେହି ତାକୁ ରୋକିପାରିବେନି । ମୁଁ ଆସୁଛି ।

( ଇନ୍ଦ୍ରଜିତ ଚାଲିଗଲେ । ତାଙ୍କର ଯିବା ବାଟକୁ ଭୟ ଓ ଆତଙ୍କଭରା ମନ ନେଇ ଗାୟତ୍ରୀ ଚାହିଁରହିଲେ । ତା ପରେ ଗୀତ ଗାଇ ମୁନ୍ନାକୁ ଶୁଆଇ ପକାଇବାର ଚେଷ୍ଟା କଲେ । ମୁନ୍ନା ବେଶ୍ ଆରାମରେ ଶୋଇଗଲା । ଗାୟତ୍ରୀ ମଧ୍ୟ ଶୋଇବାକୁ ଚେଷ୍ଟା କଲେ । କିନ୍ତୁ ନିଦ ହେଉନି । ରାତି ବଢ଼ିଚାଲିଛି । ରାତିର ନିସ୍ତବ୍ଧତା ଭିତରେ ଆସିଲା ତାଜ୍ ମହମ୍ମଦ । ଦେହ ଓ ମନରେ ସୁରାର ପ୍ରଭାବ । ଗାୟତ୍ରୀ କିନ୍ତୁ ତାକୁ ଦେଖିପାରିନାହାନ୍ତି )

ତାଜ୍—ବାଈଜୀ...... !

ଗାୟତ୍ରୀ—କିଏ ? ତାଜ୍ ! ତମେ ଏଠି କାହିଁକି ?

( ଭୟ ଓ ଆତଙ୍କରେ ତାଙ୍କ ମୁହଁ ରକ୍ତଶୂନ୍ୟ ଆଉ ପାଣ୍ଡୁର ହୋଇଗଲା )

ତାଜ୍— ପରେସାନ୍ କିଉଁ, ବାଈଜୀ ! ଅଭିତକ୍ କ୍ୟା ମୁଝେ ଭୁଲ୍ ଗ୍ୟାଦ୍ ରଖି ହୋ !

ଗାୟତ୍ରୀ—( ବ୍ୟସ୍ତ ହୋଇ ) ତାଜ୍ !

ତାଜ୍—ଏ ସମା ଜବ୍ତକ୍ ଜଲ୍‌ତା ରହେଗୀ, ପର୍‌ୱାନେ ଆତେ ରହେଁଗେ । ଅଲ୍ଲାକୀ କସମ୍, ତୁମ୍‌ହାର ଯେ ମସ୍ତ ଜବାନୀ ମୁଝେ ବହୋତସେ ସତାତା ହୈ ।

ଗାୟତ୍ରୀ—ଚାଲିଯାଅ, କହୁଛି ! ନଚେତ୍...

ତାଜ୍—ଚଲ୍ଲାଓ ମତ୍, ବାଈଜୀ ! ଇଏ ତୁଫାନୀ ରାତ୍‌ମେ ତୁମ୍‌ହାର ମଦଦ୍‌କେ ଲିଏ କୋଇ ନେହିଁ ଆଏଗା । ବସ୍ତି ତୋ ୟହାଁସେ ବହୁତ୍ ଦୂର୍ ହୈ ।

ଗାୟତ୍ରୀ—ଅଭଦ୍ର ! ଗୁଣ୍ଡା ! ବଦ୍‌ମାସ୍ !!

ତାଜ୍—( ହସି ) ଜ ଭରକେ ଗାଲିଆଁ ଦୋ, ବାଇଜୀ ! ତୁମ୍‌ହାର ମୁହଁ ଗାଲିଆଁ ଫୁଲ୍ ଜୈସେ ଲଗ୍‌ତା ହୈ । ମଗର୍ ଆଜ୍ ମେଁ ଐସେହି ନେହିଁ ଲୌଟୁଙ୍ଗା । ଆଜ୍ ଇସ୍ ବର୍ଷାରୁ କ ସନ୍ଧମେ ଏକ୍ ଜାମ୍ ଅଉର୍ ପିଲାକେ ପ୍ୟାସୀ ଦିଲ୍‌କା ପ୍ୟାସ୍ ବୁଝା ଦୋ । ମେଁ ଓ୍ୱାଦା କର୍‌ତା ହୁଁ, ଫିର କଭି ନେହିଁ ଆଉଁଗା ।

ଗାୟତ୍ରୀ—ତୁମେ ଭୁଲିଯାଅନ, ତାଜ୍ ! ମୁଁ ଆଜି ବିବାହିତା ! ମୋର ସ୍ୱାମୀର ସଂସାରରେ ନିଆଁ ଜାଳିବାକୁ ଚେଷ୍ଟାକଲେ ନିଜେ ଜଳିଯିବ, ତାଜ୍ !

ତାଜ—ମୁଝେ ଜଲାଦୋ, ବାଇଜୀ ! ମେରେ ପାଶ୍ ଆଓ !

ଗାୟତ୍ରୀ—ଆଗେଇବାର ଦୁଃସାହସ କରନ, ତାଜ୍ !

ତାଜ୍—( ହସିଉଠିଛି । ଆଖି ଦୁଇଟାରେ ଗାୟତ୍ରୀକୁ ପାଇବାର ପ୍ରବଳ ନିଶା । ଧୀରେ ଧୀରେ ସେ ଆଗେଇଗଲା ଏବଂ ଗାୟତ୍ରୀକୁ କୁଣ୍ଢାଇଧରି ହସିଉଠିଲା )

ଗାୟତ୍ରୀ—ମତେ ଛାଡ଼ିଦିଅ, ମତେ ଛାଡ଼ିଦିଅ !

ତାଜ୍—( ଠୋ ଠୋ ହୋଇ ହସି ) ଐସି ଖିଲ୍‌ତେ ହୁଏ କମଲ୍‌କୋ କୋଇ କ୍ୟା ଛୋଡ଼୍ ସକ୍‌ତା ହୈ ?

( ଠିକ୍ ଏହି ସମୟରେ ଫେରିଆସିଛନ୍ତି ଇନ୍ଦ୍ରଜିତ ଏବଂ ସଙ୍ଗେ ସଙ୍ଗେ ଚିତ୍କାର କରିଉଠିଛନ୍ତି— ତାଜ୍ !! କିନ୍ତୁ ନିଶାପାଗଲ ତାଜ ଉପରେ ଇନ୍ଦ୍ରଜିତଙ୍କ ଡାକର କୌଣସି ପ୍ରତିକ୍ରିୟା ସୃଷ୍ଟି ହେଲାନି । ସଙ୍ଗେ ସଙ୍ଗେ କୌଣସି ଉପାୟ ନ ପାଇ, ଇନ୍ଦ୍ରଜିତ ତାଜ୍ ମହମ୍ମଦ ପିଠିରେ ଛୁରୀଟା ଭୁଷିଦେଲେ । ରକ୍ତାକ୍ତ ତାଜ୍ ମହମ୍ମଦ କଚ୍ଛଡ଼ିହୋଇ ତଳେ ପଡ଼ିଗଲା । ଗାୟତ୍ରୀଙ୍କ ଆଖି ଦୁଇଟା ଭୟ ଆଉ ଆତଙ୍କରେ ବିସ୍ଫାରିତ ହୋଇଉଠିଲା )

—ମଞ୍ଚ ଅନ୍ଧାର—

## ତୃତୀୟ ଦୃଶ୍ୟ

[ ଜେଲ୍‌ଖାନାର ଗୋଟାଏ ଅଂଶ । ଲୁହା ରେଲିଙ୍ଗ୍ ଆରପଟେ ଠିଆ ହୋଇଥିଲେ ଇନ୍ଦ୍ରଜିତ । ଦେହରେ ଥିଲା କଏଦୀ ପୋଷାକ । ତାଜ୍ ମହମ୍ମଦଙ୍କୁ ଛୁରୀଦ୍ୱାରା ଆଘାତ କରିବା ପରେ ସେ ପୋଲିସ୍ ଦ୍ୱାରା ଆରେଷ୍ଟ ହୋଇ ଜେଲ୍‌ରେ ଥିଲେ । ଅଣ୍ଡର ଟ୍ରାଏଲ ପ୍ରିଜନର । ରେଲିଙ୍ଗ୍‌ର ଅପର ପାର୍ଶ୍ୱରେ ଥିଲେ ଆଡ୍‌ଭୋକେଟ୍ ନିର୍ମଳେନ୍ଦୁ ଚୌଧୁରୀ ଏବଂ ତାଙ୍କର ପ୍ରଶ୍ନର ଉତ୍ତର ଦେଉଥିଲେ ଇନ୍ଦ୍ରଜିତ । କହୁଥିଲେ, ତାଙ୍କର ଅତୀତ ଜୀବନର ଇତିହାସ ]

ନିର୍ମଳ—ତା ପରେ ?

ଇନ୍ଦ୍ରଜିତ—ତା ପରେ ତାଜ୍ ମହମ୍ମଦର ସେ ରକ୍ତାକ୍ତ ଆଉ ନିଷ୍ପ୍ରାଣ ଦେହଟାକୁ ଦେଖି ମୁଁ ଭୟରେ ଥରିବାକୁ ଲାଗିଲି । ସେ ଯେ ମରିଯିବ, ଏ ଧାରଣା ମୋର ନ ଥିଲା । ସେତେବେଳକୁ କିନ୍ତୁ ଅନେକ ଡେରି ହୋଇଯାଇଥିଲା । ଗୋଟାଏ ଦୁର୍ବଳ ମୁହୂର୍ତ୍ତର କ୍ଷଣିକ ଉତ୍ତେଜନା ମତେ ଗୋଟାଏ ହତ୍ୟାକାରୀର ଆଖ୍ୟା ଦେଇସାରିଥିଲା । ଆଉ ମୋ ଜୀବନର ଚକ ବି ଘୂରିଯାଇଥିଲା । ଏଇ ହେଉଛି ମୋ ଅଭିଶପ୍ତ ଜୀବନର ଲହୁଲୁହବୋଳା ଅତୀତ ।

ନିର୍ମଳ—ଯାହାର ଇଜ୍ଜତ୍ ବଞ୍ଚାଇବାକୁ ଯାଇ ଆପଣ ହସି ହସି କାରାବରଣ କଲେ, ସେ କିନ୍ତୁ ଆପଣଙ୍କ ସହିତ ଚରମ ବିଶ୍ୱାସଘାତକତା କଲା !

ଇନ୍ଦ୍ରଜିତ—ତୁମେ ଠିକ୍ କହୁଛ, Young man ! ତାଜ୍ ମହମ୍ମଦର ହତ୍ୟାକାଣ୍ଡରେ ଦୀର୍ଘ ଷୋଡ଼ଏ ବର୍ଷ ଜେଲ ଭୋଗିଲା ପରେ, ମୁଁ ଯେତେବେଳେ ପୁଣି ସହସ୍ର ସଭ୍ୟତାର ଆଲୋକକୁ ଫେରିଆସିଲି, ସେତେବେଳେ ଦେଖିଲି, ଗାୟତ୍ରୀ ପୁଣି ତା'ର ସଂସାର ଗଢ଼ିଛି । ତୁମେ କୁହ, Young man ! ସେ ଦୃଶ୍ୟ ଦେଖି ସହ୍ୟ କରିବା କ'ଣ କୌଣସି ସ୍ୱାମୀ ପକ୍ଷରେ ସମ୍ଭବ ?

ନିର୍ମଳ—( କଥାର ମୋଡ଼ ବଦଳେଇ ) ଆଉ ମୁନ୍ନା ?

ଇନ୍ଦ୍ରଜିତ—ସେ ମରିଗଲା, Young man ! ଗାୟତ୍ରୀ କହୁଥିଲା, ସେ କୁଆଡ଼େ ମଣିଡ ଝର ଝର ମରିଗଲା । ମୋର କିନ୍ତୁ ମନେହୁଏ, ଗାୟତ୍ରୀ ତାକୁ ମାରିଦେଇଛି । ନିଜର ସ୍ୱାର୍ଥ ପାଇଁ ଗାୟତ୍ରୀ ସେ କଅଁଳିଆ ପିଲାଟାର ତଣ୍ଟିଟାକୁ ଚିପିଦେଇ କୋଉ ନର୍ଦ୍ଦମା ଭିତରେ ପକେଇଦେଇଛି । ମୋର ସବୁ ଗୁଳିଯାଇଛି, Young man ! ଖାଲି ବାକି ଅଛି ମୁଁ, ପ୍ରଫେସର ଇନ୍ଦ୍ରଜିତ ଶ୍ରେଷ୍ଠରାୟ ।

(ନିର୍ମଳେନ୍ଦୁଙ୍କ ଆଖିରେ କିନ୍ତୁ ଭରିଯାଇଥିଲା କେଇବୁନ୍ଦା ଲୁହ । ତା'କୁ ପ୍ରଫେସର ଶ୍ରେଷ୍ଠରାୟ ଦେଖିଛନ୍ତି)

ଇନ୍ଦ୍ରଜିତ—ତୁମ ଆଖିରେ ମୋ ପାଇଁ ଏଇ ସମବେଦନାର ଲୁହ କାହିଁକି, Young man ! ଏ ଦୁନିଆ ତ ମତେ ପାଗଳ ବୋଲି ଘୃଣା କରୁଛି । ଯୋଉଠିକି ଯାଉଛି, ସେଠି ଖାଲି ବିଦ୍ରୁପର ଶିକାର ହେଉଛି । କେହି ମୋ ମନକଥା ବୁଝିବାକୁ ଚେଷ୍ଟା କରୁନାହାନ୍ତି । ତଥାପି ମୁଁ ବଞ୍ଚିଛି । ମୋର କିନ୍ତୁ ଗୋଟାଏ ଅବ୍‌ଶୋଷ ରହିଗଲା, Young man ! ଗାୟତ୍ରୀ ଏଯାଏ ବି ବଞ୍ଚିରହିଛି ।

ନିର୍ମଳ— ତାଙ୍କର ଅବସ୍ଥା ଭଲ ନୁହେଁ । ଏଯାଏ ବି ତାଙ୍କର ଚେତା ଫେରିନି । କିଏ ଜାଣେ···

ଇନ୍ଦ୍ରଜିତ—ସେ ଠିକ୍ ମରିବ, Young man ! ଛୁରୀଟା ମୁଁ ଠିକ୍ ଜାଗାରେ ବସାଇଦେଇଛି ।

ନିର୍ମଳ—ଆପଣ କିନ୍ତୁ ଆଇନଟାକୁ ହାତକୁ ନେଇ ଠିକ୍ କଲେନି ।

ଇନ୍ଦ୍ରଜିତ—ଆଇନଟା ମୋ ହାତକୁ ଆପେ ଆପେ ଆସିଯାଇଛି, Young man ! ମୁଁ ତାକୁ ହାତକୁ ନେଇନି ।

ନିର୍ମଳ—ତଥାପି ଆଇନ କଣ କେବେ ଆପଣଙ୍କ ମନକଥା ବୁଝିପାରିବ ?

ଇନ୍ଦ୍ରଜିତ—ସବୁ ଦଣ୍ଡ କିନ୍ତୁ ମୁଁ ମୁଣ୍ଡପାତି ସହିଯିବି । ହେଲେ, Young man, ମୋର ଗୋଟାଏ ଅନୁରୋଧ ରଖିବ ? ଆଜିଯାଏ ମୋର ପରିଚୟ ମୁଁ କାହାରିକୁ ଦେଇ ନ ଥିଲି । ଏ କାହାଣୀ ମୁଁ କାହାରିକୁ ଶୁଣାଇ ନ ଥିଲି । ଇଚ୍ଛା ଥିଲା, ଏ କାହାଣୀ ମୋର ସବୁଦିନ ପାଇଁ ଅକୁହା ରହିଯିବ; କିନ୍ତୁ ତୁମ ଆଗରେ ମୁଁ ସବୁ କଥା ଖୋଲି କହିଦେଇଛି । କେଜାଣି କାହିଁକି, ଜାଣେ ନା । ଯୋଉ କାହାଣୀର ଆରମ୍ଭ କଲିକତାର ସେ ଅଖ୍ୟାତ ଗଳିରେ ହୋଇଥିଲା, ତା ମୋ ଜନ୍ମମାଟି ଓଡ଼ିଶାରେ ଶେଷ ହେଉଛି । କାହାରିକୁ ଏ କଥା କହିବନି, Young man ! ମତେ କଥା ଦିଅ ।

ନିର୍ମଳ—ମୁଁ କିନ୍ତୁ ଚାହେଁ, ଆପଣଙ୍କ ବିରୁଦ୍ଧରେ ପୋଲିସ ଦେଇଥିବା ମକଦ୍ଦମାରେ ଆପଣଙ୍କ ପକ୍ଷ ସମର୍ଥନ କରି ଓକିଲାତି କରିବି । ମୋର ବିଶ୍ୱାସ ··

ଇନ୍ଦ୍ରଜିତ—ମୋ ପାଇଁ ଓକିଲାତି କରିବ ? ଜାଣି ଜାଣି ଯେ ଜେଲକୁ ବରଣ କରି ଆଣିଛି, ତା ପାଇଁ ଅଯଥା ପରିଶ୍ରମ କାହିଁକି କରିବ, Young man ? ବିଚାରର ଶେଷ ପରିଣତି କଣ ହେବ, ତା ମୁଁ ବେଶ୍ ଭଲଭାବରେ ଜାଣେ ।

ନିର୍ମଳ—ଏ ଆଶାବାଦୀ ଦୁନିଆରେ ଆପଣ ଯଦି ଏମିତି ଭାଙ୍ଗି ପଡ଼ିବେ···

ଇନ୍ଦ୍ରଜିତ—( ସାମାନ୍ୟ ହସି ) ଜୀବନଟାଯାକ ଯୁଦ୍ଧ କରି କରି ମୁଁ ଭାଙ୍ଗି ଭାଙ୍ଗି ଏମିତି ଚୂରମାର ହୋଇଯାଇଛି ଯେ, ଆଉ ଭାଙ୍ଗିବାର କିଛି ନାହିଁ । ମୁଁ ଅଉ ବଞ୍ଚିବାକୁ ଚାହେଁନି, Young man ! ମୋ ପାଇଁ ଲଢି ମତେ ଫାଶୀ କରେଇଦେଇପାରିବ ?

ନିର୍ମଳ—ମୁଁ କିନ୍ତୁ ମିସେସ୍ ଗାୟତ୍ରୀ ସାମନ୍ତଙ୍କର ଅସଲ ରୂପକୁ ଅଦାଲତରେ ସେ କାଠଗଡ଼ା ଭିତରେ ପଦାରେ ପକେଇଦେବି । ଆଉ ସାରାଜୀବନ ଧରି ସେ ଖାଲି ଜଳିବେ, ପ୍ରଫେସର ଶ୍ରେଷ୍ଠଶାସ୍ତ୍ର, ଠିକ୍ ଆପଣ ଯେମିତି ଆଜି ଜଳୁଛନ୍ତି । ମତେ ଦୟାକରି ଆପଣଙ୍କ ପାଇଁ ଓକିଲାତି କରିବାକୁ ଅନୁମତି ଦିଅନ୍ତୁ । Please !

ଇନ୍ଦ୍ରଜିତ—ଅନୁମତି ! ତୁମର ଏ ଆଗ୍ରହ ମୁଁ ବୁଝିପାରୁନି, Young man ! କିନ୍ତୁ···କିନ୍ତୁ ମୁଁ ତୁମକୁ ଦେବି କ'ଣ ? ଦବାକୁ ତ ମୋର କିଛିହେଲେ ସମ୍ବଳ ନାହିଁ ।

ନିର୍ମଳ—ମୋର ଫିସ୍ ଦରକାର ନାହିଁ, ପ୍ରଫେସର ଶ୍ରେଷ୍ଠଶାସ୍ତ୍ର ! ମତେ ଆପଣ ଆଶୀର୍ବାଦ କରନ୍ତୁ, ଆଉ ସେଇ ଆଶୀର୍ବାଦକୁ ସମ୍ବଳ କରି ମୁଁ ଯେପରି ମୋର କର୍ତ୍ତବ୍ୟ କରିପାରିବି ।

ଇନ୍ଦ୍ରଜିତ—କଣ କହିଲ ? ମୁଁ ତୁମକୁ ଆଶୀର୍ବାଦ କରିବି ? (ଟିକିଏ ରହିଗଲେ । ନିଜ ହାତରେ ଥିବା ମୁଦିଟା ଉପରେ ଦୃଷ୍ଟି ପଡ଼ିବା ସଙ୍ଗେ ସଙ୍ଗେ) ହଁ ହଁ; ମୁଁ ତୁମକୁ ଆଶୀର୍ବାଦ କରୁଛି, ତୁମେ ଜୀବନରେ ଯଶସ୍ୱୀ ହୁଅ । (ନିଜ ଆଙ୍ଗୁଠିରୁ ମୁଦି କାଢ଼ି) ନିଅ ନିଅ, Young man ! ମୁଁ ତୁମକୁ ଆଶୀର୍ବାଦ କରୁଛି, ନିଅ ।

ନିର୍ମଳ—ନା ନା, ଏ ମୁଦି ମୋର କ'ଣ ହେବ ?

ଇନ୍ଦ୍ରଜିତ—ଏଇଟା ତୁମର ଫିସ୍ ନୁହେଁ, ନିର୍ମଳ ! ଗୋଟାଏ ସ୍ନେହକାଙ୍ଗାଳ ବାପର ତା ପୁଅକୁ ଉପହାର ବୋଲି ଭାବିନିଅ ।

ନିର୍ମଳ—ମତେ କ୍ଷମା କରନ୍ତୁ, ସାର୍ ! ମୁଁ···

ଇନ୍ଦ୍ରଜିତ—ଜାଣିଛି, ନିର୍ମଳ ! ଏ ମୁଦିଟା ହେଉଛି ଆମ ଶ୍ରେଷ୍ଠଶାସ୍ତ୍ର ବଂଶର ଇଜ୍ଜତ ଆଉ ଖାନଦାନର ସନ୍ତକ । ଆଜି ଯେବେ ମୁନ୍ନା ମୋର ବଞ୍ଚିଥା'ନ୍ତା, ତା'ହେଲେ ଏ ହୀରାମୁଦିଟା ତା'ରି ହାତରେ ପିନ୍ଧାଇଦେଇଥା'ନ୍ତି । ସେ ତ ଆଜି ନାହିଁ । ମୋ'ର ବା ଏ ମୁଦିଟା ଆଉ କଣ ହେବ ? ତମେ କଣ ମୋର ପୁଅ ନୁହଁ ? ନିଅ, ନିର୍ମଳ ! ନାହିଁ କରନା ।

( ନିର୍ମଳଙ୍କ ହାତ ଧରି ପିନ୍ଧାଇଦେଲେ ଏବଂ ଦୁହେଁ ଦୁହିଁଙ୍କୁ ଚାହିଁରହିଲେ ଅପଲକ ଦୃଷ୍ଟିରେ । ଇନ୍ଦ୍ରଜିତଙ୍କ ଅଜାଣତରେ ତାଙ୍କ ହାତଟା ଉପରକୁ ଉଠିଯାଇଥିଲା ଆଶୀର୍ବାଦସୂଚକ ଭଙ୍ଗୀରେ । ଏହି ସମୟରେ ଭିତରୁ ଜେଲ୍ ଓ୍ୱାର୍ଡର ଓ କହିଠିଲା ।

ଅନ୍ତରାଳରୁ—Sir, ଆପଣଙ୍କର ସମୟ ହୋଇଗଲା ।

ନିର୍ମଳ—(ପ୍ରକୃତିସ୍ଥ ହୋଇ) ଏଁ, ହଁ, ଚାଲ...

( କହି ମୁହଁଟାକୁ ଦେଖି ଦେଖି ଧୀରେ ଧୀରେ ଚାଲିଆସିଲେ । ତାଙ୍କ ଯିବା ବାଟକୁ କରୁଣ ଲୁହଭରା ଆଖିରେ ଚାହିଁରହିଥିଲେ ଇନ୍ଦ୍ରଜିତ । ମଞ୍ଚର ଆଲୋକ ଲିଭିବାଯାଏ ତାଙ୍କର ହାତଟା ଆଶୀର୍ବାଦସୂଚକ ଭଙ୍ଗୀରେ ରହିଥିଲା)

[ ନିର୍ମଳେନ୍ଦୁଙ୍କ ଘର । ଷ୍ଟେନୋ ଭିତରୁ ନୋଟ୍ ଖାତା ଦେଖି ଦେଖି ଆଉ ମୋହରବାବୁ ଟଙ୍କା ଗଣି ଗଣି ବାହାରୁ ଅସାବଧାନ ଅବସ୍ଥାରେ ଦୁହେଁ ପରସ୍ପର ସହିତ ଧକ୍କା ହୋଇଗଲେ । ମୋହରଙ୍କ ଚଳୁ ହଠି ]

ମୋହରର—ଆଚ୍ଛା, କେଉଁଠୁ ପାଇଛି କଲ ହେ ! ଏବେ କଣ ଅନ୍ଧ ହୋଇଗଲ କହେ ? ସମାନ ଏତେବଡ଼ ରଡ୍ ଲାଇଟ୍‌ରେ ଏକା ଧକ୍କା ଲାଗୁଛ ।

ଷ୍ଟେନୋ—ଧକ୍କା ମୁଁ ଲଗିଲି ? ନିଜେ ତ ଟ୍ରେଣ୍ଡ ଡିଜେଲ୍ ଇଞ୍ଜିନ୍ ଭଳି ମାଡ଼ିଆସୁଛ । କହୁଛ କ'ଣ ନା, ମୁଁ ଧକ୍କା ଲଗିଲି । ଶନିଦୃଷ୍ଟିଟା ତ ତୁମର ସବୁବେଳେ ମହାକାଳଙ୍କ ଅଙ୍ଗରେ ଅଠାଭଳିଆ ଲାଗିରହିଥିବ, ଆଉ ବାଟଘାଟ ଦିଶିବ କୋଉଠୁ ?

ମୋହରର—(କାଲ ହେତୁ ଶୁଣି ନ ପାରି) ମତେ କସ ଗାଳିଦେଉଛ କହେ ? ଜାଣିଛ ନା, ଆମ ସ୍ବଗ ! ଏକାଥରକେ କସ ବୋଇଲେ କସ ହୋଇଯିବ ! ହାଁ......

ଷ୍ଟେନୋ—ହଉ, ଥାଉ । ସ୍ୱଗଟାକୁ ଘରେ ଯାଇ ବୁଢ଼ୀ ଆଗରେ ଦେଖେଇବ ଯେ, ବୁଢ଼ୀ ଗୋଟାଏ ମେଡାଲ ଦେବା ବୁଝିଲ ! ପାରିବାର ମରଦ୍‌ଟାଏ ତ !

ମୋହରର—ଯାହା କହିବାର କଥା ବଡ଼ପାଟିରେ କହ ହେ ! ଏମିତ ଭଦ୍ରଲୋକ ଭଳି ଚୁପ୍ ଚୁପ୍ କଥା କସ ହେ !

ଷ୍ଟେନୋ—ହଁ, ଏଇନା ତମ ପାଇଁ ଗୋଟାଏ ଲାଉଡ୍‌ସ୍ପିକର ଲଗେଇବ ! ବୁଝିଲ ମୋହରରବାବୁ, ମୁହଁ ସମ୍ଭାଳି କଥା କହ । କହିଲେ କଣ ନା, ମୁଁ ଭଦ୍ରଲୋ । ଆଉ ଇଏ ଅଣ୍ଡିରପୁଅ ଉଭବ । ମୋ ନୃସିଂହ ଅବତାର ଦିନେ ଦେଖେଇଦେବ ଯେ, ମରଦପଣିଆ ଗୁଣ୍ଡିଯିବ । ଆରେ, ଜାଗାସ୍ଵାଙ୍ଗ ବୋଲି ଜାଣିନ, ନା ?

ମୋହରର—( ବୁଝି ନ ପାରି ) କସ ପାଇଁ ଏତେ ସ୍ୱଗ ହେ ! ତମେ ତ ଆପଣାର ଲୋକ । ନଅ, ଏ ପାଞ୍ଚଟା ଟଙ୍କା ରଖ ହେ, ତମ ପାଉଣା ।

ଷ୍ଟେନୋ—( ଟଙ୍କା ନେଇ ପକେଟରେ ରଖୁ ରଖୁ ) ରଖ ରଖ, ଖୁବ ଟଙ୍କା ଦେଖେଇହଉଛ ! କୋଉ ଗରିବର ତଣ୍ଟି ଚପି, ବେକରେ ବାଉଁଶ ମଡ଼େଇ ଏତକ ମାରିଦେଇଛ । କହିଲି କ'ଣ ନା, ପାଉଣା ନଅ । (ବଡ଼ ପାଟିରେ) ମଲେ ସିଧା ସିଧା ନର୍କକୁ ଯିବ, ବୁଝିଲ ! ବାଟରେ ମୋଟେ ଷ୍ଟପେଜ୍ ନାହିଁ ।

ମୋହରର—ହାଁ, ଏଡ଼େ କଥା କହିବାର ! ଆମେ ନର୍କକୁ ଯିବାର, ଆଉ ତୁମେ ଏକା ମଲେ କସ ସ୍ୱର୍ଗକୁ ଯିବ କହେ ? ତମ ଗୁମର ଆମକୁ ଭଲଭାବରେ ଜଣା ହେ ! ସରକାରୀ ଗ୍ରାହକରୁ କସ ପାଇଁ ତଡ଼ାଖାଇଲ, ସେ କଥା ଆମକୁ ଜଣା ହେ !

ଷ୍ଟେନୋ—( ରାଗିଯାଇ ) ଖର ଜାଣିଲାବାଲ ! ଆମକୁ 'ଡକ୍ତିଲାବାଲ ପୁଅ କେହି ନାହାନ୍ତି ମ, ମୋହରରବାବୁ ! ମୋର ଅସୁବିଧା ହେଲା, ମୁଁ ରଜାଇନ୍ କରିଦେଲି ।

ମୋହରର—ରିଜାଇନ୍ ! ରିଜାଇନ୍ କଣ ହେ ?

ଷ୍ଟେନୋ—ରିଜାଇନ୍ ନୁହେଁ, ରଜାଇନ୍ । ବୁଝିଲ ! ଇସ୍ତଫା ଦେଇଦେଲି ।

ମୋହରର – ହୁଁ, ଇସ୍ତଫା ଦେଇଦେଲି । ଖଣ୍ଡେ ଚାକିରି ପାଇଁ ବାରଦୁଆର ଦୌଡ଼ି ଦୌଡ଼ି, ତେଲ ମାରି ମାରି ଗୋଡ଼ପା ଖୁଣ୍ଡିଯିବାର । ଆଜ୍ଞେ ଇସ୍ତଫା ଦେଇଦେଲେ ! ଆମକୁ କଣ ହଲୁ ବଗୁଲା କହେ !

ଷ୍ଟେନୋ – ନାଇଁ, ସିଆଣିଆ ଷଣ୍ଢଟାଏ ! ବୁଝିଲ ମୋହରରବାବୁ ! ଆମେ ହେଲୁଁ ଖାଣ୍ଟି ଲୋକ । ଆଗ୍‌ମାର୍କ ବିଶୁଦ୍ଧ ଗବ୍ୟଘୃତ ।

ମୋହରର—ହଇକଏ ଷ୍ଟେନୋବାବୁ ! କେଡ଼େ ଆଣ୍ଠରେ କଥାଗୁଡ଼ା କହୁଛ ହେ ! ଆବା, ଏତେ ଗାଲୁ କହେ ! ସରକାରୀ ଚାକିରିରେ ଥିବାବେଳେ, ହାକିମ ରାଏ ଶୁଣାଇବା ଆଗରୁ ମହକିଲଠାରୁ ପାଞ୍ଚ ଦଶ ଟଙ୍କା ଲାଞ୍ଚ ନେଇ, ତାଙ୍କୁ ଆଗତୁରା ରାଏ କହିଦଉଥିଲ ବୋଲି ଧରାପଡ଼ିବାରୁ, ଚାକିରିରୁ ଚଡ଼ାଖାଇନ କହେ ?

ଷ୍ଟେନୋ—( ଗାଲୁମାରିବାକୁ ଚେଷ୍ଟା କରି ) ଉଁ, ମୁଁ ଧରାହେଲାବେଳେ ଯେମିତି ତମେ ସାକ୍ଷୀ ଥିଲ ! ମୋର ପଛେ ପଛେ ତ ଲୁଗ୍ରାଭଳି ଲାଗିଛ । ବୁଝିଲ, ଦଣ୍ଡପାଣି ରାବୁ ! ଏ ଚଡାକଟା ବେପାର ଗୁଡ଼ । ଏଇ ନାକ ଅଗରୁ ବାଳ ଶେଷଯାଏ, ଦେଢ଼ହାତ ଲମ୍ବର ସରୁ ଚଡା କାଟି, ମାଳ ଗନ୍ଥେଇ, ଏ ଠକାଠକ ବେପାର ଆଉ ଏ ଯୁଗରେ ଚଳିବନି, ବୁଝିଲ !

ମୋହରର—( ଖୁସିରେ ) ମୋ ଚଡାଟା କେତେ ସୁନ୍ଦର ମାନୁଛି ହେ ! ଆମର ତାଙ୍କେ ବୋଲୁଥିଲେ, ମୁଁ ଚଡାକାଟିଲେ ସମାନ ସୁନ୍ଦର ଦଶିବାର ।

( ନିଜ ମୁଣ୍ଡର ଚଡାରେ ହାତମାରିଲେ )

ଷ୍ଟେନୋ—ବୁଝିଲ, ଦଣ୍ଡପାଣି ବାବୁ ! କାଟ, ଭଲକରି ଚିନ୍ତା କାଟ । କେତେବେଳେ କୋଉ ମହକିଲ ଯେ ଟେବୁଲରେ ଗାମୁଛାପକେଇ ପୁଞ୍ଜେ ପାଞ୍ଚଟା ଉତ୍ତମ-ମଧ୍ୟମ ଥୋଇଦେବ……

( ଅଭିନୟ କରି ବାଧା ମାରିବାର ଦେଖାଇଲେ )

ମୋହରିର—ଆବା ! ମତେ କସ ମାରିବ କହେ ? ତମର ଏତେ ସାହସ ! ଆମକୁ କସ ବୋଲି ବଗୁରିଲ କହେ ? ଦେଖିବ ଏଇନେ ! ( ରାଗିଗଲେ )

ଷ୍ଟେନୋ—ଆରେ, ତମକୁ କିଏ ମାରିବା କଥା କହିଲା ?

ମୋହରିର—(ବାଧା ଦେଖେଇ) ଏମିତି କସ ହାତ ଦେଖେଇଲ ହେ ?

ଷ୍ଟେନୋ—ବୁଝିପାରିଲନି ?

ମୋହରିର—ନା ।

ଷ୍ଟେନୋ—ଆଉ କଣ ଏଡ଼େବଡ଼ ମୋହରିର ହୋଇଛ ? (ହାତ ଦେଖାଇ) ଏହା ଅର୍ଥ ହେଲା ରସଗୋଲା ।

ମୋହରିର—କସ ବୋଇଲ ? ରସଗୋଲା !

ଷ୍ଟେନୋ—ହଁ, ରସଗୋଲା । ଆମ ଗାଁରେ ( ବାଧା ଦେଖେଇ ) ଯାକୁ ରସଗୋଲା କହନ୍ତି । ବୁଝିଲ, ମୁଁ ତମକୁ ରସଗୋଲା ଖାଇବାକୁ ଦେବିବୋଲି କହୁଥିଲି ।

ମୋହରିର—ସତେ କହେ ? ଯେତେହେଲେ ଆପଣାର ଲୋକ ତ ! ହଇକିଏ ଷ୍ଟେନୋବାବୁ ! ଗୋଟେ କଥା ଜାଣିଛ ନା ? ବାବୁ ଆମର···(ଲଭ୍ କରୁଛନ୍ତି ବୋଲି କହିବାର ଇଚ୍ଛା; କିନ୍ତୁ ନଜେ ଗଦ୍ ଗଦ୍ ହୋଇ କହି ନ ପାରି ଅଭିନୟ କରି ଦେଖାଇଦେଲା)

ଷ୍ଟେନୋ - କ'ଣ ପେଗୁଙ୍କ ପରି ହୁଁ ହୁଁ ହଉଛ କିଏ ! ଖୋଲିକରି କହୁନ ।

ମୋହରିର—ବାବୁଙ୍କୁ ଆମର ଏକ ଲଭ୍ ବେମାରି ଧରିଛି ।

ଷ୍ଟେନୋ—ଏଇ କଥା ! ଏ ଯୁଗରେ ତା' କ'ଣ ଗୋଟେ ନୂଆ କଥା ! ଶତକଡ଼ା ଦେଢ଼ଶହ ଲୋକଙ୍କୁ ତ ସେ ବେମାରି ଧରୁଛି । ବୁଝିଲ ମୋହରିରବାବୁ !

ତମେ ଗୋଟାଏ old model ford ଗାଡ଼ି । ଆମ୍ବାସାଡ଼ାର ମଜ୍ଜା ତମେ କ'ଣ ଜାଣିବ ?

ମୋହରର—ଆମ୍ବସଟା ! ଆମ ଦେଶରେ ଭଲ ଆମ୍ବସଢ଼ା ମିଳେ ହେ, ଷ୍ଟେନୋ ବାବୁ ! ତମର ଲୋଡ଼ା କହେ ? ଦୁଇ ଗ୍ରସ କଲେ ମଗେଇଦେବ । ତମେ ଆମର ନଜର ଲୋକ କ ନା !

ଷ୍ଟେନୋ—(ଦୀର୍ଘ ନିଃଶ୍ୱାସ ଛାଡ଼ି) ବୁଝିଲ ଦଣ୍ଡପାଣି ବାବୁ ! ତମ ସାଙ୍ଗରେ କଥା ହେଇ ହେଇ ମୁଁ ବ କୋଉଦନ କାଲ ହେଇଯିବି । ହଉ ! ବାବୁ ତାଙ୍କର ଏବେ love କଲେ, ତମର ନାହଁଟା କଆଁ ଠକ୍ ଠକ୍ ହେଇ ଡେଉଁଛି ? ତମର ଯଦ ମନହଉଛି, love କରୁନା, କଏ ମନାକରୁଛି ?

ମୋହରର—ବେଳେ ବେଳେ ମନ ହୁଏ ଯେ···

ଷ୍ଟେନୋ—ଲଜ ମାଡ଼ୁ ନ, ତେଣେ ପଛେ ସ୍ୱର୍ଗଦ୍ୱାରକୁ ଯିବାପାଇଁ ଟିକଟ କଟା ସରଲଣି; କହିଲେ କ'ଣ ନା, love କରବାକୁ ମନ ହଉଛି । ହେଇଟି, ଘରେ ଯାଇ ବୁଢ଼ୀକି କହିଦେବ ଯେ···

ମୋହରର—ଆବା ଆବା, ବୁଢୀକି କସ କହିବ ହେ ! ତାଙ୍କେ ଏ କଥା ଶୁଣିଲେ ଆମକୁ ଆଉ ରଖିବେ ନା ! ହଇକଏ, ଷ୍ଟେନୋବାବୁ ! ତମ ହାତ ଧରୁଛି, ବୁଢ଼ୀକୁ ଅମର ଏ କଥା କହିବନ ହେ ! ତମ ପାଇଁ ଭଲ ଆମ୍ବସଢ଼ା ପାଞ୍ଚ କଲେ ମଗେଇଦେବ ହେ, ଆଖି ଛୁଉଁଛି ।

ଷ୍ଟେନୋ—(ଦୂରରୁ ମନୀଷାକୁ ଅସୁଥିବାର ଦେଖିପାର) ଚୁପ୍ ଚୁପ୍, ମୋହରରବାବୁ ! ତମ ଜାଲକୁ ଫେର ଗୋଟିଏ ମୀନ ଆସିଗଲା । ଛାଡ଼ପଛ, ନ ହେଲେ ଦାମ୍ପତ୍ୟ ସୁଖ ସାବ୍ୟସ୍ତ । ବୁଝିଲ, ଦ' ପଇସା ଭଲ ମିଳବ ।

ମୋହରର—(ମନୀଷାକୁ ଦେଖି ଚହ୍ଲିଦେଇ ଫେଁକନା ହସିଦେଲେ) ଆବା, ସେ ମକଦ୍ଦମା କସ କରବେ ହେ ! ସେ ପରା ଆମ ବାବୁଙ୍କର···

ଷ୍ଟେନୋ ସତେ ? ଚାଲ ଚାଲ, ଆମର ଏଠୁ ବଦାହେଇଯିବା ଭଲ । ମୋର ତେଣେ କେତେ ଟାଇପ୍ ବାକିପଡ଼ିଛି ।

( ଦୁହେ ଭରଭର ହୋଇ ବାହାରିଗଲେ । ଆସିଲା ମନୀଷା । ଘରର ଗୃହପଟକୁ ବୁଲି ବୁଲି ଦେଖୁଥିଲା । ଭିତରୁ ଆସିଲେ ନିର୍ମଳ । ମନୀଷା ତାଙ୍କୁ ଦେଖିପାରିନ । ନିର୍ମଳ ହସି ହସି ଧୀରେ ଧୀରେ ମନୀଷାର ଆଖିଦୁଇଟା ପଛପଟୁ ବୁଜି ଧରିଲେ )

ମନୀଷା—କିଏ ?

ନିର୍ମଳ—ଚମକିପଡ଼ିଲ, ନା ?

ମନୀଷା—ଭାରି ଦୁଷ୍ଟ ହେଲଣି ଏବେ । ଲାଜ ଲାଗୁନି ! ଏମିତି ଚୋରଙ୍କ ଭଳିଆ ଲୁଚି ଲୁଚି ମୋ permission ନ ନେଇ ମୋ ଆଖି ଦୁଇଟା ବନ୍ଦ କଲ କାହିଁକି ?

ନିର୍ମଳ—ଆଗରୁ ମୁଁ ଜମା ଦୁଷ୍ଟ ନ ଥିଲି, ମନୀଷା ! ଏମିତି ସୁନାପିଲା ଥିଲି ଯେ, ମାଛିକି ମ' ବୋଲି କହୁ ନ ଥିଲି । କିନ୍ତୁ ତମର ସାଙ୍ଗରେ ମିଶିଲା ପରଠାରୁ ସବୁ ଦୁଷ୍ଟାମୀ ମୁଁ ତମର ପାଖରୁ ଶିଖିବା ଆରମ୍ଭ କରିଛି ।

ମନୀଷା— ଇସ୍, କେଡ଼େ ଅଲାଜୁକ ମ !

ନିର୍ମଳ—ଏଁ, ମୁଁ ଏମିତି କି ଦୋଷ କଲି ଯେ···

ମନୀଷା—ଦୋଷଟା ନିଶ୍ଚୟ ଖୁବ୍ ଗୁରୁତର । ଆଉ ସେଥିପାଇଁ ତମେ କଠିନ ଦଣ୍ଡ ପାଇବା ଦରକାର ।

ନିର୍ମଳ—ଦଣ୍ଡଟା ତମେ ଦବ, ନା କିଣ ? ହଁ, ଜଜ୍‌ସାହେବଙ୍କ ଭଉଣୀ ଯେତେବେଳେ, ତୁମର ଦଣ୍ଡଦବାର ଅଧିକାର ତ ନିଶ୍ଚୟ ଅଛି । କିନ୍ତୁ ମନୀଷା ! ଦଣ୍ଡଟା ଟିକିଏ କୋହଳ ହେବା ଦରକାର । ଟିକେ ଦୁର୍ବଳଆ ଲୋକ କି ନା ! ( ଦୁହେଁ ହସିଉଠିଲେ )

ମନୀଷା—ଅଚ୍ଛା, ଓକିଲସାହେବ ! ଜଣେ ଭଦ୍ରମହିଳାଙ୍କ ବିନାନୁମତିରେ ଜଣେ ପୁରୁଷ ଯଦି ତାଙ୍କର ଆଖି ବନ୍ଦ କରିଦିଏ, ତେବେ ଆଇନରେ ସେଥିପାଇଁ କ'ଣ ଦଣ୍ଡବିଧାନ ଅଛି, କହିପାରିବେ ?

ନିର୍ମଳ—(ହସି) Oh, sure! ନିଶ୍ଚୟ କରିପାରିବି । ତେବେ ପରାମର୍ଶ feesଟା ଆଗ ଦାଖଲ କର । ଟଙ୍କା ନ ପାଇଲେ କ'ଣ ଓକିଲଙ୍କ ମୁଣ୍ଡରୁ ବୁଦ୍ଧି ବାହାରିବ ?

ମନୀଷା—ଇସ୍, ଯୋଉ ଓକିଲ ତ ! ଆଚ୍ଛା, ପରାମର୍ଶ feesଟା ପରେ ଦେଲେ ଚଳିବନି ?

ନିର୍ମଳ—ହଁ, ଅବଶ୍ୟ ଚଳିବ; କିନ୍ତୁ ଦେଲିବାଲା ମନେରଖି ଦେଲେହେଲା ।

(କହି ମନୀଷାର ପଣତକାନି ଧରିଲେ)

ମନୀଷା—ଆରେ ଆରେ' ଏ କ'ଣ କରୁଛ ? ଗୁଡ଼ ମ !

ନିର୍ମଳ—ଆଇନରେ କ'ଣ ଦଣ୍ଡବିଧାନ ଅଛି ଶୁଣିବ ପରା ? ଯେ ଭଦ୍ରଲୋକଙ୍କୁ ଯେ ଭଦ୍ରମହିଳା ତାଙ୍କ ପଣତକାନିରେ ଖୁବ୍ ଜୋର୍‌ରେ ବାନ୍ଧି, ଯାବଜ୍ଜୀବନ ପାଇଁ କଏଦୀ କରି ରଖିବେ, ବୁଝିଲ ! ଆଉ ମୋ ପରାମର୍ଶ ଫିସ୍‌ଟା ଯେତେ ଶୀଘ୍ର ପାରି ଦେଇଦବ ।

(କହି ପଣତକାନିଟା ନିଜ ଦେହରେ ଗୁଡ଼ାଇଦେଲେ)

ମନୀଷା—ଆରେ ! କିଏ ଯଦି ଦେଖିବ, ଶୁଣିବ, ତେବେ କ'ଣ ଭାବିବ, କହିଲ ?

ନିର୍ମଳ—(ହସି) ମୋ ଏକୁଟିଆ ଜୀବନର ସାଥୀସବୁ ଏଇ କାଠବାକ୍ସ, ଟେବୁଲ ଚେୟାର । ବାସ୍ । ସେମାନେ ଶୁଣନ୍ତୁ, ମନୀଷା, ଦୁଇଟି ବିଦଗ୍ଧପ୍ରାଣର ପ୍ରଣୟମଧୁର କାହାଣୀ । କ୍ଷତି କ'ଣ ?

ମନୀଷା—ନିର୍ମଳ, ଜୀବନର ସାଥୀରୂପେ ତମକୁ ପାଇବି, ଏତେବଡ଼ ସୌଭାଗ୍ୟ କ'ଣ ମୋର ହେବ ?

ନିର୍ମଳ—କାହିଁକି, ମନୀଷା ? ତମେ କଣ ଭାବୁଛ, ମୁଁ ତୁମ ସହିତ ଅଭିନୟ କରୁଛି ବୋଲି ?

ମନୀଷା—ନା, ନିର୍ମଳ ! ଭଲପାଇବାର ପୁଷ୍ପାଞ୍ଜଳି ଧରି ମୁଁ ଚାହିଁଛି, ତୁମର ଚରଣ ତଳେ ସମର୍ପଣ କରିବି । କିନ୍ତୁ ଆମର ଏ ସୁଖସ୍ୱପ୍ନ ଯଦି ହଠାତ୍ କେବେ ଭାଙ୍ଗିଯାଏ ?

ନିର୍ମଳ—ସେ ସ୍ୱପ୍ନ କେବେ ଭାଙ୍ଗିବନି, ମନୀଷା ! ଆମେ ହୁଏତ ଜନ୍ମଜନ୍ମାନ୍ତରର ସାଥୀ । କେହି ଆମ ଦୁହିଁଙ୍କୁ ଅଲଗା କରିପାରିବନି ।

ମନୀଷା—ଆଚ୍ଛା, ନିର୍ମଳ ! ତମେ Mr. Samanta ଙ୍କ ନିମନ୍ତ୍ରଣ ରକ୍ଷା କଲନି କାହିଁକି ? ମଉସା କିନ୍ତୁ ତମ କଥା ପଚାରୁଥିଲେ । ମାଉସୀ ବି ।

ନିର୍ମଳ—କାହିଁକି ଯାଇଥାନ୍ତି, ମନୀଷା ! ଯେଉଁମାନେ ମଣିଷର ମନ କେବେ ବୁଝିବାକୁ ଚେଷ୍ଟା କରିନାହାନ୍ତି, ଯେଉଁଠି ସ୍ନେହ ସହାନୁଭୂତି ପରିବର୍ତ୍ତେ ମିଳେ ଲାଞ୍ଛନା, ଅପମାନ, ସେଠିକି ଯାଇ ଆହତ ମନ ନେଇ ଫେରି ଆସିବାକୁ ମୁଁ ପସନ୍ଦ କଲିନି ।

ମନୀଷା—କାବେରୀ କିନ୍ତୁ ସେଦିନ ଯାହା ଗାଇଲା ନା, ଅନେକଦିନ ଧରି ଭୁଲିହେବନି । କି ସୁନ୍ଦର ତାର କଣ୍ଠ !

ନିର୍ମଳ—ମନୀଷା ! କାବେରୀର ଜନ୍ମ କେବଳ ନାଚିବାପାଇଁ, ଗାଇବାପାଇଁ । ତା'ଠାରୁ ଆଉ କିଛି ଆଶା କରିହୁଏନା ।

ମନୀଷା—ତମର ଆକ୍ସିଡେଣ୍ଟ କଥା ଶୁଣି ଖୁବ୍ ଦୁଃଖ ପ୍ରକାଶ କଲା ସେ ।

ନିର୍ମଳ—ମନୀଷା ! ତୁମେ ତା ସହିତ ମିଳାମିଶା କରିବନି ।

ମନୀଷା—ମୁଁ କିନ୍ତୁ ଶୁଣିଲି, ତାଙ୍କ ପରିବାର ସହିତ ତୁମର ଖୁବ୍ ଘନିଷ୍ଠ ସମ୍ପର୍କ ଥିଲା !

ନିର୍ମଳ—ସମ୍ପର୍କ ହୁଏତ ଥିଲା । ସେମାନେ କିନ୍ତୁ ମୋତେ ଚିହ୍ନିପାରିଲେନି । ଆଉ ସେଇ ଭୁଲ ବୁଝାମଣାର ଅନ୍ଧ ମୁହାଣୀ ଭିତରେ ସବୁ ସମ୍ପର୍କ ଚିରଦିନ ପାଇଁ ଶେଷ ପାଇଗଲା । ଆଉ ତା' ବୋଧହୁଏ ଈଶ୍ୱରଙ୍କର ଏକ ଆଶୀର୍ବାଦ । ପାଗଳ ଅଜା ମୋର ଆଖି ଖୋଲିଦେଇଛନ୍ତି, ମନୀଷା !

ମନୀଷା—ସେ କଣ ସତରେ ପାଗଳ, ନିର୍ମଳ ! ସେ ଲୋକଟାକୁ ବୁଝି ବି ବୁଝି ହୁଏନା । ଅନେକ ଚେଷ୍ଟା ମୁଁ କରିଛି; କିନ୍ତୁ ପାରେନି । ସେ ଲୋକଟା ସିନା ଜେଲ୍ ଚାଲିଗଲା; ହେଲେ ମୁନ୍ନାକୁ ଏମିତି ବନ୍ଧନରେ ବାନ୍ଧିଦେଇ ଯାଇଛି ଯେ, ସେ ପାଗଳ ଅଜା ବୋଲି ଦିନରାତି ଖାଲି ଝୁରିହେଉଛି ।

ନିର୍ମଳ—ସେ ଦେବତାଙ୍କୁ ଏ ସମାଜ ଚିହ୍ନି ପାରିବନି, ମନୀଷା ! ସେ ପାଗଳ ନୁହେଁ ।

ମନୀଷା—ସେ ତାହାହେଲେ ମାଉସୀଙ୍କୁ ମାରିବାକୁ କାହିଁକି ଯାଇଥିଲା ?

ନିର୍ମଳ—ଏ ଦୁନିଆରେ ତାଙ୍କର ନିଜର ହେଇ କେହି ନାହିଁ । ତଥାପି ତାଙ୍କ ଅଭିଶପ୍ତ ଜୀବନର ରୋମାଞ୍ଚକର କାହାଣୀ ଯେ ଶୁଣିବ, ତା ଆଖିରୁ ଲୁହ ଝରିବ ।

ମନୀଷା— ଶୁଣିଲି, ତମେ ତାଙ୍କ ପାଇଁ ଓକିଲାତି କରୁଛ ?

ନିର୍ମଳ—ହଁ, ମୋର ସମସ୍ତ ବିଦ୍ୟା ଆଉ ବୁଦ୍ଧିର ବିନିମୟରେ ମୁଁ ଯଦି ତାଙ୍କୁ ଅଭିଯୋଗମୁକ୍ତ କରିପାରିବି, ତେବେ ସେ ହେବ ମୋ ଓକିଲାତି ଜୀବନର ଚରମ ସାର୍ଥକତା ।

ମନୀଷା—(ଘଣ୍ଟା ଦେଖି) ମୁଁ ଆସୁଛି, ନିର୍ମଳ ! ଅନେକ ଡେରି ହେଲାଣି ।

ନିର୍ମଳ—ମନୀଷା, ଏତେ ଜଲ୍‌ଦି ଚାଲିଯିବ ? ତମ ହାତରେ ଆଉ କିଛି ଖୁଆଇଦବନି ?

ମନୀଷା —ଉଁ, ଦିନକୁ ଦିନ ତ ପିଲା ହେଇଯାଉଛ ! ଅଚ୍ଛା, ମୁଁ ଆସୁଛି । ଟା…ଟା…

(ଦୁହେଁ ଦୁହିଁଙ୍କୁ ମୁହୂର୍ତ୍ତ କେଇଟା ପାଇଁ ଚାହିଁ ରହିବାବେଳେ ଆସିଲା କାବେରୀ । କାବେରୀକୁ ଦେଖି ମନୀଷା ଟିକିଏ ହସିଦେଲା । ତା ପରେ)

ମନୀଷା—ମୁଁ ଆସୁଛି, ନିର୍ମଳ !

(ଚାଲିଗଲା । କାବେରୀ କିନ୍ତୁ ଟିକିଏ ଅନମନା ହେଇପଡ଼ିଥିଲା)

କାବେରୀ—ନିର୍ମଳ !

ନିର୍ମଳ—ତମେ ଏଠି କାହିଁକି ?

କାବେରୀ—କେମିତି ଅଛ, ନିର୍ମଳ ? ଆକ୍‌ସିଡେଣ୍ଟରେ ତମର, କିଛି କ୍ଷତି ହେଇନି ତ ?

ନିର୍ମଳ—ଦେଖିବାକୁ ଆସିଛ, ନା ? କିନ୍ତୁ ଅନେକ ଡେରି ହୋଇଗଲା, କାବେରୀ !

କାଦେମ୍ବି—ବିଶ୍ୱାସ କର, ନିର୍ମଳ ! ମୋ ଜୀବନର ସବୁ ସ୍ୱାଧୀନତା ମୁଁ ଆଜି ହରେଇ ବସିଛି । ଗ୍ରୁଡଫଟା ଯନ୍ତ୍ରଣାକୁ ଚାପିରଖି ଗୋଟାଏ ସନ୍ଧ୍ୟାତାରାଙ୍କ ସ୍ଥାନ ଦୀପାଳି ଭଳି ମୁଁ ଖାଲି ଜଳିଚାଲିଛି । ମୋ ସାଧନାର ମୂଲ୍ୟ କେହି ବୁଝିଲେନି, ନିର୍ମଳ !

ନିର୍ମଳ—ତମେ ଆସ, କାଦେମ୍ବି ! ଏ ଦରଦବୋଳା ସହାନୁଭୂତି ପରିବର୍ତ୍ତେ ତୁମେ କ'ଣ ଚାହଁ, ତା ମୁଁ ବେଶ୍ ଭଲଭାବରେ ଜାଣେ ।

କାଦେମ୍ବି—ମୁଁ କିଛି ଚାହେଁନି, ନିର୍ମଳ ! ଖାଲି ତମକୁ ଦେଖିବାକୁ ଆସିଥିଲି ।

ନିର୍ମଳ—ଚାଲିଯାଅ, କାଦେମ୍ବି ! ଏଇଟା ଗୋଟାଏ ନର୍ତ୍ତକୀର ବିଳାସକକ୍ଷ ନୁହେଁ, କି ତମ ନାଚର ତାରିଫ୍ କଲାବାଲା ଏଠି କେହି ନାହାନ୍ତି ।

କାଦେମ୍ବି—ନିର୍ମଳ ! ଆଘାତ ଉପରେ ଆଘାତ ଦେବାକୁ ତମକୁ ଖୁବ୍ ଭଲଲାଗେ, ନା ?

ନିର୍ମଳ—ଆଘାତଟାକୁ ଯେ ବରଣ କରିନିଏ, ତା'ର ତ ଦୁଃଖ କରିବାର କିଛି ନାହିଁ ।

କାଦେମ୍ବି—କିନ୍ତୁ କହିପାରିବ, ନିର୍ମଳ ! ମୋର ଦୋଷ କୋଉଠି ? ମୁଁ କ'ଣ ମୋ ମନର ପବିତ୍ରତା ନେଇ ସଙ୍ଗୀତ ସାଧନା କରିଚାଲିନି ? ମତେ କିନ୍ତୁ ତମେ ଭୁଲ ବୁଝିଲ ।

ନିର୍ମଳ—ଆଜି କିନ୍ତୁ ମୁଁ ତୁମକୁ ଠିକ୍ ବୁଝିପାରିଛି, କାଦେମ୍ବି ! ସ୍ୱଜନ ହୁଏ ତ ସେଦିନ ଠିକ୍ କହିଥିଲା । ସେ ପାଗଳ ଅନା ହୁଏତ ତମକୁ ସେଦିନ ଠିକ୍ ଚିହ୍ନିପାରିଥିଲା । ତମ ରକ୍ତକଣିକାରେ···

କାଦେମ୍ବି—ନିର୍ମଳ ! ! ତମର ଚିନ୍ତାଧାରା ଯେ ଏତେ ତଳକୁ ଖସିଯାଇପାରେ, ଏ ଧାରଣା ମୋର ନ ଥିଲା । ମୋତେ ଚିହ୍ନିବାରେ ତମର ଅନେକ ଭୁଲ ରହିଯାଇଛି । ତମେ କଣ ଭାବୁଛ, ମୁଁ ତୁମଠାରୁ କୌଣସି ପ୍ରତିଦାନ ଆଶା କରି ଧାଇଁଆସିଛି ବୋଲି ? ନା, ନିର୍ମଳ ! ତମେ ଥିଲ ମୋ ସଙ୍ଗୀତ ସାଧନାର ପ୍ରେରଣା । ତମ ତବଲାର ଲହର ମୋ ନୃତ୍ୟରେ ଆଣି-ଦେଉଥିଲା ଜୀବନ୍ୟାସର ସ୍ପର୍ଶ । ବାସ୍ । ତୁମ ସହିତ ଏତିକି ମାତ୍ର ସମ୍ପର୍କ ମୋର, ନିର୍ମଳ !

ନିର୍ମଳ—କାବେରୀ !

କାବେରୀ—ଗଙ୍ଗାର ପବିତ୍ରତା ନେଇ କାବେରୀର ଜନ୍ମ । ତା'ଠାରୁ ତୁମେ କେବେହେଲେ ଉଚ୍ଛୃଙ୍ଖଳତା ଆଶା କରିବନି ନିର୍ମଳ ! ମୋର ବିଶ୍ୱାସ, ତୁମେ ଦିନେ ନା ଦିନେ ତମର ଏ ଭୁଲ ବୁଝିପାରିବ ।

ନିର୍ମଳ—ଗୋଟାଏ ନାଚବାଲୀର ଚେତାବନୀ ମୋର ସବୁଦିନ ପାଇଁ ମନେରହିବ, କାବେରୀ ! ତମେ ଆସ ।

କାବେରୀ—ନିର୍ମଳ ! !

ନିର୍ମଳ—ଆସ, କାବେରୀ ! (କହି ମୁହଁ ଫେରାଇନେଲେ)

(କାବେରୀ ଧୀର ପଦକ୍ଷେପରେ ଚାଲିଗଲା । ତା ଯିବା ପରେ ପରେ ଉଦାସମନରେ ନିର୍ମଳ ଝରକାଦେଇ ବାହାରକୁ ଚାହିଁଲେ । ବାହାରେ ମଟର ଷ୍ଟାର୍ଟ ହେବାର ଶବ୍ଦ ଓ ତା ସଙ୍ଗେ ସଙ୍ଗେ ଏକ ନାରୀକଣ୍ଠର କରୁଣ ଚିତ୍କାର । ନିର୍ମଳ ଦ୍ରୁତ ପଦରେ ଦୌଡ଼ି ବାହାରକୁ ଚାଲିଗଲେ ।)

(ମଞ୍ଚର ଆଲୋକ ଲିଭିଗଲା)

[ମେଘାଲୟ । ଲକ୍ଷପତି ରଜନ ରାୟର ନବନିର୍ମିତ ପ୍ରାସାଦର ଗୋଟିଏ କକ୍ଷ । ପରଦା ଉଠିଲା ପରେ ଦେଖାଗଲା, ରଜନ ରାୟ ଖୁବ୍ ଜୋର୍‌ରେ ହସୁଥିଲେ । ଆଉ ଦୂରରେ ଠିଆ ହୋଇଥିଲା କାବେରୀ]

କାବେରୀ—(ଚିତ୍କାର କରି) ରଜନ !

ରଜନ—(ହସ ବନ୍ଦକରି) ଲକ୍ଷପତି ରଜନ ରାୟ ତା ଜୀବନରେ କୌଣସି ଅପମାନକୁ ହସି ହସି ସହିଯାଇନି, କାବେରୀ ! ସେଦିନ ମତେ ଅପମାନ ଦେବାର

ଦୁଃସାହସ କର, ତମେ ଯେଉଁ ଗୌରବ ଅର୍ଜନ କରିଥିଲ, ଆଜି ତା'ର ମୂଲ୍ୟ ତମକୁ ଦବାକୁ ପଡ଼ିବ । ଆଜି ତୁମେ ନାଚିବ, କାବେରୀ ! ମେଘାଲୟର ଏ ନିଭୃତ କକ୍ଷ ତମରି ନୂପୁର ନିକ୍ୱଣରେ ପ୍ରତିଧ୍ୱନିତ ହୋଇଉଠିବ ।

କାବେରୀ—ମୋର ଅସହାୟତାର ସୁଯୋଗ ନେଇ ତମର ମନକାମନା କେବେହେଲେ ପୂର୍ଣ୍ଣ ହେବନି, ବିଜନ ! ଗୋଟିଏ ତସ୍କର ଭଳି ରାସ୍ତା ଉପରୁ ଜୋର୍ କରି ମତେ ଉଠେଇଆଣି, ମୋ ଉପରେ ଏ ଜୁଲମ୍ କରିବାକୁ ଲଜ୍ଜା ଲାଗୁନି ?

ବିଜନ—(ହସିଉଠି) ଲଜ୍ଜା ! ସେଇଟା ତ ନାରୀର ଭୂଷଣ । ତମେ ଚାହିଁଥିଲେ, ବିଜନ ରାୟ ତମକୁ ଗୋଟାଏ ରାଜରାଣୀର ସମ୍ମାନ ଦେଇ ବଧୂ ରୂପରେ ପାଛୋଟି ଆଣିଥା'ନ୍ତା ତା'ର ଏଇ ନବନିର୍ମିତ ପ୍ରାସାଦ ମେଘାଲୟକୁ । ଏବେ ବି ସମୟ ଅଛି, କାବେରୀ ! ବିଜନ ରାୟର ସ୍ତ୍ରୀ ହେବାର ସୌଭାଗ୍ୟ କିଛି କମ୍ କଥା ନୁହେଁ ।

କାବେରୀ—ବିଜନ ! ଅନ୍ତତରେ ତୁମେ କାବେରୀର ପରିଚୟ ପାଇଛ । ତୁମ ଭଳି ଲକ୍ଷପତିଙ୍କୁ ଯେ ଗୋଡ଼ରେ ଗୋଇଠା ମାରି ଆଡ଼େଇଦେଇପାରିଲା, ତା'ର ମନବଳ କେତେ, ତା' ତୁମେ ବେଶ୍ ବୁଝିପାରୁଥିବ । କାବେରୀ ବଞ୍ଚି ଥାଉ ଥାଉ ତୁମର ସେ ଆଶା କେବେହେଲେ ପୂରଣ ହବନି ।

ବିଜନ—(ହସି) ତୁମର ଏ ପ୍ରଳାପ ଶୁଣି ହସ ଲାଗୁଛି, କାବେରୀ ! ମେଘାଲୟର ନିଭୃତ କକ୍ଷ ପରିଦର୍ଶନ କରିବାର ସୌଭାଗ୍ୟ ଖୁବ୍ କମ୍ ତରୁଣୀଙ୍କ ଭାଗ୍ୟରେ ଜୁଟିଛି । ଆଉ ଯେ ଆସିଛି, ସେ ନ ନାଚି ଫେରିଯାଇନି । (କହୁ ଧୀରେ ଧୀରେ କାବେରୀ ଆଡ଼କୁ ଅଗେଇଗଲେ) ତୁମେ ବି ନାଚିବ, କାବେରୀ ! ଆଉ ମୋ ନିର୍ଦ୍ଦେଶକୁ ଅବମାନନା କଲେ, ତୁମଭଳି ଗୋଟାଏ ନାଚବାଲୀକୁ କିଭଳି ନଚାଇବାକୁ ହୁଏ, ତା ମତେ ବେଶ୍ ଜଣା । ନାଚ !

( କହୁ ଆଗେଇଗଲେ )

କାବେରୀ—ଆଗେଇବାର ଦୁଃସାହସ କରନି, ବିଜନ ! ଆଉ ଯଦି ପାଦେ ବି ଆଗେଇଆସ .....

ବଜନ—(ହସି) ଚକ୍କାର କରି କରି ତୁମର ଏ ମୁଲାୟମ୍ ଗଳାଟା ଫାଟିଗଲେ ବି, ସେ ଶବ୍ଦ ମେଘାଳୟର ପଥରକାନ୍ଥ ଡେଇଁ ତା ଆରପଟକୁ ଯାଇପାରିବନି ।

କାବେରୀ—ବଜନ !!

ବଜନ—Yes, କାବେରୀ ! ନିର୍ମଳେନ୍ଦୁ ତୁମ ସହିତ ପ୍ରତାରଣା କରିଛି । ତମକୁ ଗୋଟାଏ ବାସିଫୁଲ ଭଳି ଗୋଡ଼ରେ ଆଡ଼େଇଦେଇଛି । ଆଉ ମୁଁ ଚାହେଁ, ତମକୁ ଦେବି ମୋ ଜୀବନର ସର୍ବଶ୍ରେଷ୍ଠ ଉପହାର ।

କାବେରୀ—ଉପହାର ? ତୁମେ କ'ଣ ଭାବୁଛ, ବଜନ ! ତୁମଭଳି ଗୋଟାଏ ଭୀରୁ ଆଉ କାପୁରୁଷଠାରୁ ମୁଁ ଉପହାର ଗ୍ରହଣ କରିବି ?

ବଜନ—କାବେରୀ ! !

କାବେରୀ—ମୁଁ ବି ତୁମକୁ ଆଜି ଉପହାର ଦେବି ବଜନ ! ଯାହା ଆଜିଯାଏ କୌଣସି ଝିଅ ତୁମକୁ ଦେବାକୁ ସାହସ କରି ନ ଥିବ । ମୋର ଏଇ ଚପ୍‌ପଲ୍‌ଟା ଦେଖୁଛ ?

ବଜନ—କାବେରୀ ! (ରାଗରେ ଆଖି ଦୁଇଟା ଜଳିଉଠିଲା) ବଜନ ବସ୍ତୁକୁ ଉତ୍ତ୍ୟକ୍ତ କଲେ, ପରିଣାମଟା ଭୟଙ୍କର ହୋଇଉଠିବ । ନାଚ, କାବେରୀ ! You have to dance. ନାଚ !

କାବେରୀ—ନା !

(ଠିକ୍ ଏହି ସମୟରେ ପଶିଆସିଲେ ନିର୍ମଳ)

ନିର୍ମଳ—ବଜନ !

କାବେରୀ—ନିର୍ମଳ ! ( ବୋଲି କହି ତା ନିକଟକୁ ଦୌଡ଼ିଗଲା )

ବଜନ—ତୁ ଏଠି କାହିଁକି, ନିର୍ମଳ ?

ନିର୍ମଳ—ଗୋଟାଏ ଘନିଷ୍ଠ ବନ୍ଧୁର ଅସଲ ରୂପଟାକୁ ଦେଖିବାକୁ ଚାଲିଆସିଲି ବଜନ ! ଆଉ ଆଜି ବୁଝୁଛି, ଗୋଟାଏ ସଇତାନ କିପରି ଭଦ୍ରତା ଆବରଣ ଭିତରେ ଆତ୍ମଗୋପନ କରିପାରେ ।

ବିଜନ—ତୁ ଚାଲି ଯା, ନିର୍ମଳ ! ମୋ ଚଲାପଥିରେ ବାଧାଦେବାର ଦୁଃସାହସ କଲେ ·····

ନିର୍ମଳ—ମିଛେ ଧମକ ! ନିର୍ମଳ ଚୌଧୁରୀ ତୋ ଭଳି ଏତେ ନୀଚ ଆଉ ସ୍ବାର୍ଥଲୋକ ନୁହେଁ, ବିଜନ ! ଗୋଟାଏ ଅସହାୟା ଯୁବତୀକୁ ଗୋଟାଏ ଇତର ଗୁଣ୍ଡା ଭଳି ରାସ୍ତା ଉପରୁ ଉଠାଇଆଣି, କମ୍ ବାହାଦୁରୀ ଦେଖାଇନ ବନ୍ଧୁ !

ବିଜନ— ଭଲରେ ଭଲରେ ଚାଲିଯା, ନିର୍ମଳ ! ନଚେତ୍···

କାବେରୀ—ଏଭଳି ଗୋଟାଏ ସଇତାନକୁ ରାସ୍ତାର ଗୁଲିକୁକୁରଭଳି ଗୁଳିକରି ମାରିଦେବା ଉଚିତ, ନିର୍ମଳ !

ବିଜନ—କାବେରୀ !

ନିର୍ମଳ—ମୁଁ ସେଦିନ ଠିକ୍ ଅନୁମାନ କରିଥିଲି ବିଜନ ! କାବେରୀର ନୃତ୍ୟ ତତେ ପାଗଲ କରିଛି । ତା'ର ରୂପାନଳରେ ତୁ ହୁଏତ ଜଳିଯାଉଛୁ । କିନ୍ତୁ ମନେରଖ୍ ବିଜନ ! ଝଙ୍କାର ଡାକାତ୍ ଦେଇ ପ୍ରେମ କରିହୁଏନା ।

ବିଜନ—ତୁ କ'ଣ ଚାହୁଁ, କାବେରୀକୁ କେନ୍ଦ୍ରକରି ଆମ ଉଭୟଙ୍କ ଭିତରେ ଗୋଟାଏ ପ୍ରତିଦ୍ୱନ୍ଦ୍ୱିତା ହେଇଯିବ ?

ନିର୍ମଳ—ନିର୍ମଳ ଚୌଧୁରୀ କୌଣସି ଯୁଦ୍ଧର ଡାକରାକୁ କେବେ ଡରିଯାଇନ । ଆଉ ତୋ ଭଳି ଗୋଟାଏ ବିଶ୍ୱାସଘାତକ କୁକୁରକୁ ଏକ୍ସପୋଜ୍ କରିବାକୁ ଯାଇ, ଯଦି ଦରକାର ପଡ଼େ, ତେବେ ଆଇନଙ୍କ ନିର୍ମଳ ଚୌଧୁରୀ ଆଇନଟାକୁ ନିଜ ହାତକୁ ନେବାକୁ, କେବେହେଲେ କୁଣ୍ଠାବୋଧ କରିବନି ।

ବିଜନ—(ଖୁବ୍ ରାଗିଯାଇ) ଧକ୍କା ଖାଇ ବାହାରିଯିବା ପୂର୍ବରୁ ନିଜର ଆତ୍ମସମ୍ମାନ ନେଇ ଫେରି ଯା, ନିର୍ମଳ !

ନିର୍ମଳ—(ହସି) ଆସ, କାବେରୀ !

ବିଜନ—ନା, ତାକୁ ସଙ୍ଗରେ ନେଇଯିବାର ଦୁଃସ୍ୱପ୍ନ କେବେହେଲେ ଦେଖିବୁନି, ନିର୍ମଳ ! ଲକ୍ଷପତି ବିଜନ ରାୟ ହାତରୁ କାବେରୀ ଏତେ ସହଜରେ ଚାଲିଯିବ ? Impossible !

ନିର୍ମଳ—ତୋ ଭଳି ଗୋଟାଏ ଦୁର୍ବଳମନା ଲକ୍ଷପତିକୁ ଠିକ୍‌ଠିକ କରିଦେବାକୁ ମତେ କେଇଟା ସେକେଣ୍ଡ ବି ଲାଗିବନି । ଏ ବାହା ଦୁଇଟାରେ କେତେ ତାକତ୍ ଅଛି, ତା' ତୁ ବେଶ୍ ଭଲଭାବରେ ଅନୁମାନ କରିପାରୁଥିବୁ । ଆସ, କାବେରୀ ! ନିର୍ଭୟରେ ତୁମେ ଘରକୁ ଫେରିଯାଅ । ଯାଅ !

(କାବେରୀ ଚାଲିଗଲା । ରଞ୍ଜନ କିଛି କରିପାରିଲାନି । ରାଗରେ ହାତ ତା'ର ମୁଠା ମୁଠା ହୋଇଗଲା)

ରଞ୍ଜନ—ନିର୍ମଳ ! I will set you right.

ନିର୍ମଳ—( ଠୋ ଠୋ ହୋଇ ହସିଉଠିଲେ )

—ମଞ୍ଚ ଅନ୍ଧାର—

## ଷଷ୍ଠ ଦୃଶ୍ୟ

[ Mr. Samantaଙ୍କ ଘରର ଅଳିନ୍ଦ । ଗମ୍ଭୀରଭାବରେ ପଦଚାରଣ କରୁଥିଲେ Mr. Samanta. ଗାୟତ୍ରୀ ବିବ୍ରତ । ଖୁବ୍ ଭାଙ୍ଗି ପଡ଼ିଥିଲେ ସେ । ]

ସାମନ୍ତ—ଗାୟତ୍ରୀ ! ସେ ଲୋକଟା ତମକୁ କାହିଁକି ମାରିବାକୁ ଚେଷ୍ଟା କରୁଥିଲା ? ତା ସହିତ ତମର ସମ୍ପର୍କ କ'ଣ ?

ଗାୟତ୍ରୀ—ସେଇ ପ୍ରଶ୍ନ ତ ମତେ ତମେ ଅନେକଥର ପଚାରିଛ । ଆଉ ମୁଁ ତାର ଗୋଟାଏ ଉତ୍ତର ଦେଇଛି । ଆଜି ମୋର ଏ ଦୁର୍ଦ୍ଦିନରେ ତମର କ'ଣ ମୋ ପ୍ରତି ଦୟା ହୁଏନି ? ପୁଣି ସେଇ ପ୍ରଶ୍ନ ! ତମେ କ'ଣ ମତେ ସନ୍ଦେହ କରୁଛ ?

ସାମନ୍ତ—ଏହା ଆମର ଖାନ୍‌ଦାନୀ ଆଉ ଇଜ୍ଜତର ପ୍ରଶ୍ନ, ଗାୟତ୍ରୀ ! ଆମ ପରିବାର ସହିତ ସେ ପାଗଳର ସମ୍ପର୍କ ଯଦି ରହସ୍ୟାବୃତ ହୋଇଥାଏ, ତାହାହେଲେ ମୋ ସନ୍ଦେହର କ'ଣ ଯଥାର୍ଥତା ନାହିଁ ?

ଗାୟତ୍ରୀ—ଜନ୍ମଦିନ ରାତିର ଅନ୍ତିମ ଲଗ୍ନରେ ତମେ ଯେତେବେଳେ ତମର ତରୁଣୀ ବାନ୍ଧବୀମାନଙ୍କ ସହିତ night clubରେ ball dance କରି ଘରକୁ ଫେରିଆସ, ସେତେବେଳେ ମୁଁ କ'ଣ ତମକୁ ସ୍ୱାଗତ କରେନି ? କେବେ କଣ ତମକୁ ସନ୍ଦେହ କରିଛି ?

ସାମନ୍ତ—ମୋର ଯେମିତି ମନେହୁଏ, ମୋ ବିଶ୍ୱାସରେ ତମେ ବିଷ ଭରିଦେଇଛ । ତମର ଚାଲିଚଳନ, କଥାବାର୍ତ୍ତା, ସବୁଥିରେ ଭରିରହିଛି ତୁମକୁ ସନ୍ଦେହ କରିବାର ଯଥେଷ୍ଟ ଖୋରାକ୍ ।

ଗାୟତ୍ରୀ—ତମେ ଏ କଥା ଆଜି କହିପାରୁଛ ? ଦୀର୍ଘ କୋଡ଼ିଏ ବର୍ଷ ଧରି ନିଃସ୍ୱାର୍ଥ ଭାବରେ ମୁଁ କ'ଣ ତୁମର ସେବା କରିନି ? ତମକୁ ସ୍ୱାମୀର ସମ୍ମାନ ଦେଇନି ? କେବେ କିଛି ତ୍ରୁଟି ଦେଖିଛ ?

ସାମନ୍ତ—ତାହାହେଲେ ସେ ପାଗଳର ପରିଚୟ କହିବାରେ ଏତେ କୁଣ୍ଠା କାହିଁକି ? ଜାଣିଛ, ଗାୟତ୍ରୀ ! ସେ ପାଗଳଟା ତମକୁ ଛୁରୀ ମାରିଦେଇ ପଳାଇବା ପରେ, ଆମର ଦରୱାନମାନେ ତାକୁ ଏମିତି ମାଡ଼ ଦେଇଛନ୍ତି ଯେ···

ଗାୟତ୍ରୀ—(ନିଜକୁ ରୋକିପାରିନାହାନ୍ତି) ନା ନା ! (ରୋକିନେଲେ)

ସାମନ୍ତ—ଏତେ ଦରଦ ! ଯାହା ସହିତ ତମର କୌଣସି ପରିଚୟ ନାହିଁ, ତା ପ୍ରତି ଏତେ ଦରଦ କାହିଁକି ? ତମର ଏ ଦୁର୍ବଳତା ଦେଖିଲେ ମନେହୁଏ, ତମେ ତାକୁ ଭଲଭାବରେ ଜାଣିଛ ।

ଗାୟତ୍ରୀ—ହଁ, ମୁଁ ତାକୁ ଜାଣିଛି । ଖୁବ୍ ଭଲଭାବରେ ଜାଣିଛି ।

ସାମନ୍ତ—ତା ସହିତ ତୁମର ସମ୍ପର୍କ କ'ଣ ?

ଗାୟତ୍ରୀ—ଖୁବ୍ ପବିତ୍ର ।

ସାମନ୍ତ—ଗାୟତ୍ରୀ !

ଗାୟତ୍ରୀ—ଆଉ କଣ ପଚାରିବ ? ( ଏହି ସମୟରେ ଭିତରୁ କାବେରୀ ଆସିଲା )

କାବେରୀ—ହଁ, ମୁଁ ପଚାରୁଛି, ବୋଉ ! ସେ ପାଗଳଟା କିଏ ?

ଗାୟତ୍ରୀ—କାବେରୀ ! ଶେଷରେ ତୁ ବି ··

ସାମନ୍ତ—ସମସ୍ତଙ୍କ ମନରେ ସନ୍ଦେହର କୁହେଳି ସୃଷ୍ଟିକରି ତୁମେ କେବେହେଲେ ଆତ୍ମଗୋପନ କରିପାରିବନି, ଗାୟତ୍ରୀ ! କାବେରୀ ଛୋଟ ପିଲା ନୁହେଁ, ସେ ବି ଦେଖୁଛି ।

ଗାୟତ୍ରୀ—ତୁମ ଉଭୟଙ୍କ ଆଖିରେ ପରଳ ମାଡ଼ିଯାଇଛି । ଗୋଟାଏ ସନ୍ଦେହୀ ମନ ନେଇ ଏ ଦୁନିଆଟାକୁ ତୁମେ ଦୁହେଁ ଦେଖିଚାଲିଛ । ଆଉ ସେଇଥିପାଇଁ ଗୋଟାଏ ଲୋକକୁ ମାରିବାକୁ ତମ ଦୁହିଙ୍କର ଏତେ ଆଗ୍ରହ !

କାବେରୀ—କିନ୍ତୁ ସେ ପାଗଳଟା ମତେ ଯାହା ଅପମାନ ଦେଇଛି, ତା ମୁଁ ଏ ଜୀବନରେ ଭୁଲିପାରିବନି, ବୋଉ ! ତୋ ପ୍ରତି ସେ ଯେଉଁ ତାଚ୍ଛଲ୍ୟ ବ୍ୟବହାର କରିଛି, ତା ଯଦି ତୁ ଶୁଣିଥାନ୍ତୁ, ତେବେ ଆଜି ହୁଏତ ଏ କଥା କହି ନ ଥାନ୍ତୁ । ଆମର କ'ଣ ମାନସମ୍ମାନ ବୋଲି କିଛି ନାହିଁ ?

ଗାୟତ୍ରୀ—ନିଜର ମାନସମ୍ମାନ ପ୍ରତି ଯଦି ତମର ଏତେ ଖାତିର ଅଛି, ତେବେ ତା'ର ପରିଚୟ ନ ଜାଣିବା ଭଲ, କାବେରୀ ! ସେ ଗୋଟାଏ ପାଗଳ । ଆଉ ସେଇ ହେଉଛି ତା'ର ଏକମାତ୍ର ପରିଚୟ ।

ସାମନ୍ତ—ନା, ଆଜି ତମକୁ ତା'ର ପରିଚୟ କହିବାକୁ ପଡ଼ିବ, ଗାୟତ୍ରୀ ! ଶପଥକରି କୁହ, ମୋ ଦେହଛୁଇଁ ଶପଥକରି କୁହ, ସେ ଲୋକଟା କିଏ ? କୁହ, ଗାୟତ୍ରୀ !

ଗାୟତ୍ରୀ—ତାହାହେଲେ ତୁମ ବାପଝିଅ ଦୁହିଙ୍କୁ ଏ ଜିଦ୍‌ର ମୂଲ୍ୟ ଦେବାକୁ ପଡ଼ିବ ! ପାରିବ ? ସେ ଲୋକର ପରିଚୟ ମୁଁ ତୁମକୁ କହିବି । କିନ୍ତୁ···କିନ୍ତୁ ତା ପରେ ସବୁଦିନ ପାଇଁ ତୁମେ ତୁମର ଗାୟତ୍ରୀକୁ ହରେଇ ବସିବ ।

ସାମନ୍ତ—ଗାୟତ୍ରୀ !

କାବେରୀ—ବୋଉ !

—ମଞ୍ଚ ଅନ୍ଧାର—

## ସପ୍ତମ ଦୃଶ୍ୟ

[ ଜିଲା ଜଜ୍‌ଙ୍କ ଅଦାଲତ । ଗାୟତ୍ରୀଙ୍କୁ ହତ୍ୟା କରିବାକୁ ଉଦ୍ୟମ କରୁଥିବା ଅପରାଧରେ ଆଜି ଇନ୍ଦ୍ରଜିତଙ୍କର ବୌରା ବିଚାର ଆରମ୍ଭ ହେବ । ଜଜ୍ ନିଜ ଆସନରେ ଆସୀନ । ପାଖରେ ପେସ୍କାର, ଚପରାସୀ । କୋର୍ଟ ରୁମ୍‌ର ସାଜସଜ୍ଜା । ଇନ୍ଦ୍ରଜିତଙ୍କ ଓକିଲ ନିର୍ମଳେନ୍ଦୁ ଚୌଧୁରୀ ନଥିପତ୍ର ସହ ଉପସ୍ଥିତ । ସରକାରୀ ଓକିଲ ମଧ୍ୟ ଉପସ୍ଥିତ ଥିଲେ । ଦର୍ଶକ ଆସନରେ **Mr. Samanta** ଓ ଅନେକ ଲୋକ । ଆସାମୀ ଇନ୍ଦ୍ରଜିତ କାଠଗଡ଼ାରେ ଠିଆ ହୋଇଥିଲେ । ପାଖରେ ପୋଲିସ ଗାର୍ଡ଼ ]

ଜଜ୍—(ଇନ୍ଦ୍ରଜିତଙ୍କୁ ଚାହିଁ) ତୁମ୍ଭ ବିରୁଦ୍ଧରେ ଅଭିଯୋଗ କରାଯାଇଛି ଯେ, ତୁମ୍ଭେ ଗତ ମାର୍ଚ୍ଚ ମାସ ଦଶ ତାରିଖ ଦିନ ରାତି ଏଗାରଟା ସମୟରେ, ଶ୍ରୀମତୀ ଗାୟତ୍ରୀ ସାମନ୍ତଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ, ତାଙ୍କ ଘରେ ଅନଧିକାର ପ୍ରବେଶ କରି, ତାଙ୍କୁ ତୀକ୍ଷ୍ଣ ଛୁରୀ ଦ୍ୱାରା ଗୁରୁତରଭାବେ ଆଘାତ କରିଥିଲ ଯାହା ଫଳରେ କି ସେ ସାଂଘାତିକଭାବେ ଆଘାତପ୍ରାପ୍ତ ହୋଇଥିଲେ । ଏଣୁ ଭାରତୀୟ ଦଣ୍ଡବିଧି ଆଇନର ତିନିଶ ସାତ ଦଫା ଅନୁସାରେ ତୁମକୁ ଅଭିଯୁକ୍ତ କରାଗଲା । ତୁମେ ଦୋଷୀ, ନା ନିର୍ଦ୍ଦୋଷ ?

ଇନ୍ଦ୍ରଜିତ—(ନୀରବ)

ନିର୍ମଳ—ଆପଣ ନୀରବ ରହିଲେ କାହିଁକି ? କୁହନ୍ତୁ, ଆପଣ ଦୋଷୀ, ନା ନିର୍ଦ୍ଦୋଷ ?

ଇନ୍ଦ୍ରଜିତ—ଆଇନଟାକୁ ଫାଙ୍କି ଦେଇ ଗାୟତ୍ରୀ ଯେତେବେଳେ ମନଖୁସିରେ ଗୋଟାଏ ରଙ୍ଗୀନ ପ୍ରଜାପତି ଭଳି, ଏ ଅନ୍ଧ ସମାଜ ଗୁଡ଼ିଏ ଉପରେ ଘୂରିବୁଲିଲା, ସେତେବେଳେ ତା'ର ଅସଲ୍ ରୂପଟାକୁ ଦେଖାଇଦେବାପାଇଁ ମୁଁ ତାକୁ ଛୁରୀ ଦ୍ୱାରା ଆଘାତ କରିଛି । ଆପଣ ବିଚାର କରନ୍ତୁ, ହଜୁର ! ମୁଁ ଦୋଷ କରିଛି, କି ନା ? କିନ୍ତୁ ମୋର ଗୋଟାଏ ଅବ୍‌ଶୋଷ ରହିଗଲା, ହଜୁର ! ଗାୟତ୍ରୀ ନ ମରି ବଞ୍ଚିରହିଲା ।

ଜଜ— ତମେ କ'ଣ ତାହାହେଲେ ତୁମର ଦୋଷ ସ୍ୱୀକାର କରୁଛ ?

ନିର୍ମଳ—ଆପଣ କ'ଣ ପାଗଳ ହେଲେ, ମିଷ୍ଟର ଶ୍ରେଷ୍ଠରାୟ ! ଆପଣ କ'ଣ ଦୋଷ ସ୍ୱୀକାର କରିଯିବେ ?

ଜଜ୍—ମିଷ୍ଟର୍ ଚୌଧୁରୀ ! ମୁଁ ଜାଣେ, ଆପଣ ମୁଦାଲା ପକ୍ଷର ଓକିଲ । କିନ୍ତୁ ବର୍ତ୍ତମାନ ତାଙ୍କୁ ଆପଣ ନିର୍ଦ୍ଦେଶ ଦେବାର ଅଧିକାର ନାହିଁ । ଆପଣ ତାଙ୍କ ସହିତ କୋର୍ଟ ରୁମ୍‌ରେ ମୋ ବିନା ଅନୁମତିରେ କଥାବାର୍ତ୍ତା ବି କରିପାରିବେନି । ଯାହା କିଛି instructin ଦବାର କଥା କିମ୍ବା ନବାର କଥା, ତା ଆପଣ କୋର୍ଟ ବାହାରେ ଦେଇପାରନ୍ତି କିମ୍ବା ନେଇପାରନ୍ତି ।

ନିର୍ମଳ—I am sorry, your honour !

ଜଜ୍—(ଇନ୍ଦ୍ରଜିତଙ୍କୁ ଚାହିଁ) କଣ, ମୋ ପ୍ରଶ୍ନର ଉତ୍ତର ଦେଲନି ଯେ ? କହ, ଦୋଷ ସ୍ୱୀକାର କରୁଛ ?

ଇନ୍ଦ୍ରଜିତ—ନା, ହଜୁର ! ମୁଁ ଆଜି ନ୍ୟାୟ ଚାହେଁ । ମୋ ନିଜର ମୁକ୍ତି ପାଇଁ ମୁଁ ଆଜି ବ୍ୟାକୁଳ ନୁହେଁ । କିନ୍ତୁ ଗୋଟାଏ କଳାନାଗୁଣୀର ବିପଦାନ୍ତ ସବୁ ମୁଁ ଚିରଦିନ ପାଇଁ ଝାଡ଼ିଦେବାକୁ ଚାହେଁ । ମୁଁ ଆଜିର ଏ ଶିକ୍ଷିତ ସମାଜକୁ ଶୁଣାଇଯିବି, ତା'ର କଳଙ୍କିତ ଜୀବନର ରହସ୍ୟାବୃତ କାହାଣୀ । ଆଗାମୀ

ଯୁଗର ବଂଶଧରମାନଙ୍କ ପ୍ରତି ଗୋଟାଏ ନିର୍ମମ ଚେତାବନୀ । ମୁଁ ବିଚାର ଚାହେଁ ।

ଜଜ୍—(ସରକାରୀ ଓକିଲଙ୍କୁ ଚାହିଁ) Well, Mr, Das, ଏଥର ଆପଣଙ୍କ କେସ୍ ଆରମ୍ଭ କରନ୍ତୁ । Open your case.

Mr. Das—May it please your honour ଏ ମକଦ୍ଦମା ବିଷୟରେ ମୁଁ କିଛି କହିବା ପୂର୍ବରୁ, ମୁଁ ଆସାମୀର ସଂକ୍ଷିପ୍ତ ପରିଚୟ ଦେବାକୁ ଚାହେଁ । Your honour, ଇଏ ହେଉଛି ସେଇ ଲୋକ, ଯେ କି ଗୋଟାଏ ନରହତ୍ୟା ଅପରାଧରେ କୋଡ଼ିଏବର୍ଷ ଜେଲ୍ ଭୋଗିଛି । ଗୋଟାଏ ନିଷ୍ଠୁର ହତ୍ୟାକାରୀ । A hardened criminal.

ନିର୍ମଳ—Mr. Das ! ଅବାନ୍ତର କଥା କହି ଅଦାଲତଙ୍କ ମନ ଉପରେ ଅଯଥା ପ୍ରଭାବ ପକାଇବାର ପ୍ରଚେଷ୍ଟା, ମୁଁ ଆପଣଙ୍କଠାରୁ ଆଶା କରି ନ ଥିଲି । Your honour, ମୋର ମହକିଲ ଅତୀତରେ ହତ୍ୟା କରିଥାଇପାରେ, ଜେଲ୍ ଯାଇଥାଇପାରେ; କିନ୍ତୁ ତା ବୋଲି କେବଳ ସେଇଥିପାଇଁ ଯେ ସେ ଏ ମକଦ୍ଦମାରେ ଦୋଷୀ ବୋଲି ଗଣ୍ୟ ହେବ, ଏଭଳି କୌଣସି ନଜିର ଆଇନରେ ନାହିଁ । ସେ ହତ୍ୟା କରି ଜେଲ୍ ଯାଇଥିବା କଥା ବର୍ତ୍ତମାନ stageରେ ଅବାନ୍ତର, irrelevant. I object to it your honour !

ମିଷ୍ଟର ଦାସ—କୌଣସି ଉଦ୍ଦେଶ୍ୟ ରଖି ମୁଁ ଏ କଥା କହି ନ ଥିଲି । Your honour, ମୁଁ କେବଳ ସୂଚାଇ ଦେବାକୁ ଚାହେଁ ଯେ···

ଜଜ୍—No, no, Mr. Das ! ଏ ମକଦ୍ଦମାରେ ଆସାମୀର ଅତୀତ ଆଦୌ ଆବଶ୍ୟକ ନୁହେଁ । Proceed. Well, Mr. Das ! ଗାୟତ୍ରୀ ଦେବୀଙ୍କୁ ହତ୍ୟା କରିବା ପାଇଁ ଆସାମୀ କାହିଁକି ଉଦ୍ୟମ କରୁଥିଲା, କ'ଣ ତାର ଉଦ୍ଦେଶ୍ୟ ଥିଲା, କହି ପାରିବେ ?

ମି: ଦାସ—ହୁଏତ ଅର୍ଥ କିମ୍ବା ଅଳଙ୍କାର ଲୋଭରେ···

ନିର୍ମଳ—ସରକାରୀ ଓକିଲଙ୍କଠାରୁ ଏ ପ୍ରକାର ମନ୍ତବ୍ୟ ମୁଁ ଆଶା କରି ନ ଥିଲି, Your honour, ମୋର ମନେହୁଏ, Mr Das ଏ ମକଦ୍ଦମାର କାଗଜପତ୍ର ଆଦୌ ପଢ଼ିନାହାନ୍ତି ।

ମିଃ ଦାସ—ମିଷ୍ଟର ଚୌଧୁରୀ ! ଅଦାଲତଙ୍କ ଉପସ୍ଥିତିରେ ଏ ପ୍ରକାର ଆକ୍ଷେପ ନିହାତି ଅସୁନ୍ଦର, ଅଶୋଭନୀୟ ।

ନିର୍ମଳ—ଏହା ବ୍ୟକ୍ତିଗତ ଆକ୍ଷେପ ନୁହେଁ, Mr. Das ! ମୁଁ ଆପଣଙ୍କୁ ଅନୁରୋଧ କରୁଛି, ଦୟାକରି ଅଦାଲତଙ୍କ ସାମନାରେ ପେଶ୍ କରନ୍ତୁ, କେଉଁଠି ଲେଖାହୋଇଛି ଯେ, ମୁଦାଲା ଅର୍ଥ କିମ୍ବା ଅଳଙ୍କାର ଲୋଭରେ ହତ୍ୟା କରିବାକୁ ଉଦ୍ୟମ କରୁଥିଲି ? ମୁଁ ଆପଣଙ୍କୁ ଚ୍ୟାଲେଞ୍ଜ୍ କରୁଛି, Please show the same.

ଜଜ୍—Yes, Mr. Das ! କେଉଁ ପ୍ରମାଣ ଉପରେ ନିର୍ଭର କରି ଆପଣ ଏ କଥା କହିଲେ, ଦୟାକରି ଦେଖାଇପାରିବେ ?

Mr. Das—Your honour. ସେପରି ନିର୍ଦ୍ଦିଷ୍ଟ କୌଣସି ପ୍ରମାଣ ନାହିଁ । ଏହା ମୋର ଅନୁମାନ ମାତ୍ର ।

ନିର୍ମଳ—ଅନୁମାନ ଉପରେ ନିର୍ଭର କରି ଗୋଟାଏ ଲୋକକୁ ଜେଲ୍ ଭିତରକୁ ଠେଲିଦେବେ, ନା ? ସନ୍ଦେହ ଯେ କେବେ ପ୍ରମାଣର ସ୍ଥାନ ନେଇପାରେ ନା, ଏକଥା ଆଇନସମ୍ମତ । Your honour, ସରକାରୀ ଓକିଲଙ୍କଠାରୁ ମୁଁ ନିରପେକ୍ଷତା ଆଶାକରେ ।

ଜଜ୍—Correct, Mr. Choudhury ! Well, Mr. Das ! ତାହାହେଲେ ଏ ହତ୍ୟା କରିବାକୁ ଉଦ୍ୟମ କରିବା ପଛରେ କୌଣସି ଦୁରଭିସନ୍ଧି ନାହିଁ ବା ନ ଥିଲା ବୋଲି ଧରି ନିଆଯାଇପାରେ । କାରଣ, ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ, ସେତେବେଳେ କେବଳ ଅନୁମାନ ଉପରେ ନିର୍ଭରକରି କ'ଣ କୌଣସି ସିଦ୍ଧାନ୍ତ ନିଆଯାଇପାରେ ?

ନର୍ମିଳ—Exactly, your honour !

ମି: ଦାସ—ତଥାପି your honour, ମୁଦାଲା ବିରୁଦ୍ଧରେ ଯଥେଷ୍ଟ ପ୍ରମାଣ ଅଛି ଏବଂ ମୋର ପ୍ରଥମ ସାକ୍ଷୀ ହେଉଛନ୍ତି ଶ୍ରୀମତୀ ଗାୟତ୍ରୀ ସାମନ୍ତ ।

( କହିବା ସଙ୍ଗେ ସଙ୍ଗେ ଚପରାସୀ ବାହାରକୁ ଯାଇ ଡାକିଲା )

ଚପରାସୀ—ଗାୟତ୍ରୀ ସାମନ୍ତ, ହାଜର୍ ହୋ…

( ଆସିଛନ୍ତି ଗାୟତ୍ରୀ ଦେବୀ । ସାକ୍ଷୀ ଡକ୍‌ରେ ଠିଆ ହେଲେ । ତା ପରେ ଚପରାସୀର କହିବା ଅନୁସାରେ ସେ କହିଲେ )

ଗାୟତ୍ରୀ—ଈଶ୍ୱର କରି କହୁଛି, ଯାହା କହିବି ସତ କହିବି । କିଛି ମିଛ କହିବି ନାହିଁ, କି କିଛି ଲୁଚେଇବି ନାହିଁ । ଭଗବାନ ମତେ ସତ କହିବାରେ ସାହାଯ୍ୟ କରନ୍ତୁ । ( Oath ନେଇସାରିଲା ପରେ )

ମି: ଦାସ—(ଗାୟତ୍ରୀଙ୍କୁ ପ୍ରଶ୍ନ କଲେ) ଏ ଆସାମୀଙ୍କୁ ଆପଣ ଜାଣନ୍ତି ?

ଗାୟତ୍ରୀ—ଜାଣେ ।

ମି: ଦାସ—ଘଟଣା କ'ଣ ହେଲା କୁହନ୍ତୁ ।

ଗାୟତ୍ରୀ—ଗତ ମାର୍ଚ୍ଚ ମାସ ଦଶ ତାରିଖ ଦିନ ମୁଁ ମୋର ସ୍ୱାମୀ, Mr. Samanta ଆମର ବିବାହବାର୍ଷିକୀ ପାଳନ କରିଥିଲୁଁ । ନିମନ୍ତ୍ରିତ ଅତିଥିମାନେ ଚାଲିଯିବା ପରେ, ମୁଁ ଏବଂ ମୋର ସ୍ୱାମୀ କଥାବାର୍ତ୍ତା ହେଉଥିବାବେଳେ…

ମି: ଦାସ—ସେତେବେଳେ ଆଉ କେହି ଉପସ୍ଥିତ ଥିଲେ ?

ଗାୟତ୍ରୀ—ନା, କେବଳ ଆମେ ଦୁହେଁ ।

ମି: ଦାସ—ତା'ପରେ ?

ଗାୟତ୍ରୀ—ତା'ପରେ ଏ ଲୋକ ଝରକା ଡେଇଁ ଘର ଭିତରକୁ ପଶିଆସିଲେ ।

ମି: ଦାସ—ତାଙ୍କ ହାତରେ କୌଣସି ହତିଆର ବା ଅସ୍ତ୍ର ଥିବା ଆପଣ ଲକ୍ଷ୍ୟ କରିଥିଲେ କି ?

ଗାୟତ୍ରୀ—ହଁ, ତାଙ୍କ ହାତରେ ଗୋଟାଏ ଛୁରୀ ଥିଲା ।

ମି: ଦାସ—ଏବଂ ସେ ସେଇ ଛୁରୀରେ ଆପଣଙ୍କୁ ମାରିଦେବାକୁ ଉଦ୍ୟମ କରି ଆଘାତ କରିଥିଲେ, ନା ?

ନିର୍ମଳ—Your honour, ଏ ଧରଣର leading ପ୍ରଶ୍ନ ସରକାରୀ ଓକିଲ ପଚାରି ପାରିବେନି । I object to it.

ଜଜ୍—ଆପଣ ଠିକ୍ କହୁଛନ୍ତି, Mr. Choudhury । Mr. Das, ଆପଣ ଏ ଧରଣର leading ପ୍ରଶ୍ନ ପଚାରିପାରିବେନି ।

ମି: ଦାସ—I am sorry, your honour. ଆଚ୍ଛା, ଗାୟତ୍ରୀ ଦେବୀ, ତା ପରେ କ'ଣ ହେଲା କୁହନ୍ତୁ ।

ଗାୟତ୍ରୀ—ତା ପରେ ସେ ମତେ ଛୁରୀ ଦ୍ୱାରା ଆଘାତ କଲେ ।

ମି: ଦାସ—ତା ପରେ ?

ଗାୟତ୍ରୀ—ତା ପରେ ମୁଁ ଆଉ କିଛି ଜାଣେନି । ମୁଁ ମୋର ଚେତା ହରେଇ-ବସିଲି । ତା ପରେ ଡାକ୍ତରଖାନାରେ ଯେତେବେଳେ ଚେତା ଫେରିପାଇଲି, ସେତେବେଳେ ମୋର ସ୍ୱାମୀଙ୍କଠାରୁ ଜାଣିବାକୁ ପାଇଲି ଯେ, ଏ ଲୋକଟା ମୋତେ ଆଘାତ କରି ଖସି ପଳାଇଗଲା । ବାସ୍ ।

ମି: ଦାସ:—That's all, your honour, ମୋର ଆଉ କିଛି ପଚାରିବାର ନାହିଁ । (ବସିପଡ଼ିଲେ)

ଜଜ୍—Yes, Mr. Choudhury । ଆପଣ ବର୍ତ୍ତମାନ ଜେରା କରିପାରନ୍ତି ।

( ନିର୍ମଳ ଉଠି ଠିଆହେଲେ । ଥରେ ଇନ୍ଦ୍ରଜିତ ଓ ଥରେ ଗାୟତ୍ରୀଙ୍କ ମୁହଁକୁ ଚାହିଁ )

ନିର୍ମଳ—ଏ ଆସାମୀ ସହିତ ଆପଣଙ୍କର କେତେଦିନର ପରିଚୟ, ଗାୟତ୍ରୀ ଦେବୀ ?

ଗାୟତ୍ରୀ—ଏଇ ଘଟଣା ସମୟରେ ମୁଁ ତାଙ୍କୁ ପ୍ରଥମେ ଜାଣିଲି ।

ନିର୍ମଳ—ଆଉ ତା ପୂର୍ବରୁ ?

ଗାୟତ୍ରୀ—ହଁ, ଏ ଘଟଣାର ପ୍ରାୟ କିଛିଦିନ ପୂର୍ବରୁ ସେ ଥରେ ମୋ ଘର ଭିତରକୁ ପଶିଆସିଥିଲେ ।

ନିର୍ମଳ—କାହିଁକି ?

ଗାୟତ୍ରୀ—ଜାଣେନା ।

ନିର୍ମଳ—ଆପଣ କଲିକତା ଦେଖିଛନ୍ତି ?

ଗାୟତ୍ରୀ—ହଁ । (ତା ପରେ ଭୁଲ୍ ବୁଝି) ନା ନା, ମୁଁ କଲିକତା ଦେଖିନି ।

ନିର୍ମଳ—(ହସି) Your honour, ସାକ୍ଷୀ ଯେ ଜାଣି ଜାଣି ମିଥ୍ୟା କହୁଛନ୍ତି, ଏଥିରେ ସନ୍ଦେହ ନାହିଁ । ସେ କଲିକତା ଦେଖିଛନ୍ତି, ପୁଣି ଦେଖିନାହାନ୍ତି । କୁହନ୍ତୁ ଗାୟତ୍ରୀ ଦେବୀ, ଆପଣ ପ୍ରଥମେ କଲିକତା ଦେଖିଛନ୍ତି ବୋଲି ହଁ କଲେ କାହିଁକି ?

ଗାୟତ୍ରୀ—ଭୁଲରେ କହିଦେଲି ।

ନିର୍ମଳ—ଭୁଲରେ, ନା ! ଆପଣ ଜୀବନରେ କେତେଥର ବିବାହ କରିଛନ୍ତି, ଗାୟତ୍ରୀ ଦେବୀ ?

ମି: ଦାସ—Your honour, ଏପ୍ରକାର କୁତ୍ସିତ କଥା ଆକ୍ଷେପମୂଳକ ପ୍ରଶ୍ନ, ଜଣେ ଭଦ୍ରମହିଳାଙ୍କୁ ପଚାରିବାର ମୁଁ ବିରୋଧ କରୁଛି । ମିଷ୍ଟର ଚୌଧୁରୀଙ୍କ ପାଖରେ ମୋର ସାକ୍ଷୀ ଏକାଧିକ ଥର ବିବାହ କରିଥିବାର କୌଣସି ତଥ୍ୟ ନ ଥାଇ ଏଭଳି ପ୍ରଶ୍ନ କରିବା ଆଇନବିରୁଦ୍ଧ ।

ନିର୍ମଳ—ପାଖରେ ଅକାଟ୍ୟ ତଥ୍ୟ ମହଜୁଦ୍ ନ ଥିଲେ, ନିର୍ମଳ ଚୌଧୁରୀ କେବେ ଏଭଳି ପ୍ରଶ୍ନ ପଚାରିବାକୁ ଦୁଃସାହସ କରି ନ ଥାନ୍ତା, Mr. Das ! ଠିକ୍

ସମୟରେ ମୁଁ ଅଦାଲତରେ ସମସ୍ତ ପ୍ରମାଣ ଉପସ୍ଥାପିତ କରିବି, Your honour !

ଜଜ୍—Yes, yes, go on ! ପଚାରନ୍ତୁ !

ନିର୍ମଳ—କୁହନ୍ତୁ, ଗାୟତ୍ରୀ ଦେବୀ ! ଜୀବନରେ କେତେଥର ଆପଣ ବିବାହ କରିଛନ୍ତି ?

ଗାୟତ୍ରୀ—ନିର୍ମଳ !

ନିର୍ମଳ—ମିଷ୍ଟର ନିର୍ମଳ ଚୌଧୁରୀ ବୋଲି କୁହନ୍ତୁ, ଗାୟତ୍ରୀ ଦେବୀ ! ନ୍ୟାୟାଳୟରେ ସ୍ନେହ ବା ମମତାର ସ୍ଥାନ ନାହିଁ । ମୋ ପ୍ରଶ୍ନର ଉତ୍ତର ମୁଁ ଚାହେଁ ।

ଗାୟତ୍ରୀ—ମୁଁ ଜୀବନରେ ଥରେ ମାତ୍ର ବିବାହ କରିଛି ।

ନିର୍ମଳ—ମିଥ୍ୟା କହୁଛନ୍ତି ଆପଣ ।

ମି: ଦାସ—I object to it, Your honour ! ମୋ ସାକ୍ଷୀଙ୍କ ଉପରେ କୌଣସି ପ୍ରକାର ଅବାଞ୍ଛିତ ମନ୍ତବ୍ୟ ବରଦାସ୍ତ କରାଯାଇ ନ ପାରେ ।

ନିର୍ମଳ—ତେବେ ଶୁଣନ୍ତୁ, Mr. Das ! ମୋ କଥାର ସତ୍ୟତା ମୁଁ ପ୍ରତିପାଦନ କରୁଛି । Well, ମିସେସ୍ ଗାୟତ୍ରୀ ଦେବୀ ! କଲିକତାର ସେ କୁଖ୍ୟାତ ଗଳିର ଗୁଣ୍ଡା ସର୍ଦ୍ଦାର ତାଜ୍ ମହମ୍ମଦକୁ ଜାଣନ୍ତି ?

ଗାୟତ୍ରୀ—ନା ।

ନିର୍ମଳ—ଗାୟତ୍ରୀ ଦେବୀ ! ଗୋଟାଏ ମିଛକୁ ଘୋଡ଼ାଇବାକୁ ଯାଇ ଆପଣ ହଜାରେ ମିଛର ଆଶ୍ରୟ ନେଲେ ବି ସତଟା କେବେ ଲୁଚିରହିବନି । ଅତୀତର ବିଖ୍ୟାତ ନାଚବାଲି ଗାୟତ୍ରୀ ବାଈ ଆଜି ମିସେସ୍ ଗାୟତ୍ରୀ ସାମନ୍ତ, ଏ କଥା ଆପଣ ଅସ୍ୱୀକାର କରିବେ ? କହନ୍ତୁ, ଗାୟତ୍ରୀ ଦେବୀ !

ଗାୟତ୍ରୀ—ମିଛ କଥା । ମୁଁ ବୁଝିପାରୁନି, ମତେ ଏସବୁ ପ୍ରଶ୍ନ କାହିଁକି ? ଜଣେ ସମ୍ଭ୍ରାନ୍ତ ଭଦ୍ରମହିଳାଙ୍କ ସହିତ କପରି ବ୍ୟବହାର କରିବାକୁ ହୁଏ, ତା ବୋଧହୁଏ ଓକିଲସାହେବ ଜାଣନ୍ତିନି ।

ନିର୍ମଳ—ଜାଣେ, ଖୁବ୍ ଭଲଭାବରେ ଜାଣେ, ଗାୟତ୍ରୀ ଦେବୀ ! ଆଉ ସେଇଥିପାଇଁ ତ ନିର୍ଭୀକ ମନର ଆତ୍ମବିଶ୍ୱାସ ନେଇ ଏଭଳି ପ୍ରଶ୍ନସବୁ ପଚାରୁଚାଲିଛି ।

ଜଜ୍—ମିଷ୍ଟର ଚୌଧୁରୀ ! ମୋର ମନେହୁଏ, ଆପଣ ଅବାନ୍ତର ପ୍ରଶ୍ନସବୁ ପଚାରୁଚାଲିଛନ୍ତି ।

ନିର୍ମଳ—Your honour, ଆଜି ନ୍ୟାୟାଳୟର କାଠଗଡ଼ା ଭିତରେ ଯେ ଗୋଟାଏ ଆସାମୀଭାବରେ ଠିଆ ହୋଇଛି, ସେ କିଏ ଜାଣନ୍ତି ? ସେ ହେଉଛନ୍ତି କଲିକତା ପ୍ରେସିଡେନ୍ସି କଲେଜର ଭୂତପୂର୍ବ ଇଂରାଜୀ ଅଧ୍ୟାପକ, ପ୍ରଫେସର ଇନ୍ଦ୍ରଜିତ ଶ୍ରେଷ୍ଠରାୟ । ବିଶ୍ୱବିଦ୍ୟାଳୟର କୃତୀ ଛାତ୍ର ଇନ୍ଦ୍ରଜିତ ଶ୍ରେଷ୍ଠରାୟ ।

ଜଜ୍—ପ୍ରଫେସର ଶ୍ରେଷ୍ଠରାୟ !

ନିର୍ମଳ—Yes, Your honour ! ମିସେସ୍ ଗାୟତ୍ରୀ ସାମନ୍ତ ହେଉଛନ୍ତି ତାଙ୍କର ବିବାହିତା ସ୍ତ୍ରୀ ।

ଗାୟତ୍ରୀ—ନା ମିଛକଥା ।

ନିର୍ମଳ—ଏବେ ବି କ'ଣ ଅସ୍ୱୀକାର କରୁଛନ୍ତି, ଗାୟତ୍ରୀ ଦେବୀ ? ବିବାହବେଦୀରେ ପବିତ୍ର ଅଗ୍ନିଶିଖାକୁ ଆଗରେ ରଖି, ପୁରୋହିତ କ'ଣ ଆପଣଙ୍କ ହାତକୁ ଏଇ ଆସାମୀଙ୍କ ହାତରେ ଛନ୍ଦିଦେଇ ନ ଥିଲେ ?

ଗାୟତ୍ରୀ—ନା ।

ନିର୍ମଳ—ଆଉ ସେଇ ପ୍ରଥମ ମିଳନର ପବିତ୍ର ଲଗ୍ନରେ କ'ଣ ଶଙ୍ଖମହୁରୀ ବାଜି ନ ଥିଲା ?

ଗାୟତ୍ରୀ—ନା ।

ନିର୍ମଳ—ବାସରପ୍ରଦୀପକୁ ସାକ୍ଷୀ ରଖି ପ୍ରଫେସର ଶ୍ରେଷ୍ଠରାୟ 'କ'ଣ ଆପଣଙ୍କ ଭଳି ଜଣେ ନାଚବାଲୀକୁ କୁଳବଧୂର ସମ୍ମାନ ଦେଇ ନ ଥିଲେ ' ?

ଗାୟତ୍ରୀ—ନା, ନା, ଏସବୁ ମିଛ କଥା, ମିଛ କଥା ।

ନିର୍ମଳ—ଆଉ ଆପଣଙ୍କ ଇଜ୍ଜତ୍ ବଞ୍ଚାଇବାକୁ ଯାଇ, ଆପଣଙ୍କର ସେ ପ୍ରିୟ ଡାବ୍‌ଲ୍ଇଷ୍ଟ୍ ଡାକ୍ ମହମ୍ମଦର କବଳରୁ ଆପଣଙ୍କୁ ମୁକ୍ତ କରିବାକୁ ଯାଇ, ସେ ଡାକ୍ ମହମ୍ମଦର ହତ୍ୟାକାରୀ ରୂପେ ଦୀର୍ଘ କୋଡ଼ିଏ ବର୍ଷ ଜେଲ୍ ବରଣକରି ନ ଥିଲେ ?

ମିଃ ଦାସ—ମୋର ମନେହୁଏ, ମିଷ୍ଟର ଚୌଧୁରୀ ପ୍ରଳାପ କରି ଚାଲିଛନ୍ତି ।

ନିର୍ମଳ—ମୋର ପ୍ରଳାପ ଖୁବ୍ ଯନ୍ତ୍ରଣା ଦେଉଛି, ନା Mr. Das ! କୁହନ୍ତୁ, ଗାୟତ୍ରୀ ଦେବୀ ! ନୀରବ ରହିଲେ କାହିଁକି ?

ଗାୟତ୍ରୀ—ମୁଁ ଏସବୁ କିଛି ଜାଣେନା । କିନ୍ତୁ ମନେରଖନ୍ତୁ ମିଷ୍ଟର ଚୌଧୁରୀ ! ଖୋଲା ଅଦାଲତରେ ଆପଣ ମୋ ପ୍ରତି ଯେଉଁଭଳି ବ୍ୟବହାର କଲେ, ଯେଉଁଭଳି କୁତ୍ସିତ ଆଉ ଅଭଦ୍ର ପ୍ରଶ୍ନ ପଚାରିଲେ, ସେଥିପାଇଁ ମୁଁ ଆପଣଙ୍କ ନାମରେ ମାନହାନି ମକଦ୍ଦମା କରିବି ।

ନିର୍ମଳ—ସେ ଦୁର୍ଦ୍ଦିନକୁ ନିର୍ମଳ ଚୌଧୁରୀ ସ୍ୱାଗତ କରିବ, ଗାୟତ୍ରୀ ଦେବୀ ! ମୋର ମାତ୍ର ଅଉ କେଇଟି ପ୍ରଶ୍ନର ଉତ୍ତର ମୁଁ ଚାହେଁ ।

ଗାୟତ୍ରୀ—ପଚାରନ୍ତୁ ।

ନିର୍ମଳ—ପ୍ରଫେସର୍ ଶ୍ରେଷ୍ଠରାୟ, I mean, ଆସାମୀକୁ ବିବାହ କଲା ପରେ ଆପଣ ଗୋଟିଏ ପୁତ୍ରସନ୍ତାନର ଜନନୀ ହୋଇଥିଲେ, ଏ କଥା କ'ଣ ଆପଣ ଅସ୍ୱୀକାର କରିବେ ?

ମିଃ ଦାସ—ଏ ପ୍ରଶ୍ନ ଅବାନ୍ତର ନୁହେଁ କି ? ସାକ୍ଷୀ ଯେତେବେଳେ ବିବାହ କରିବା କଥା ସ୍ୱୀକାର କରୁନାହାନ୍ତି, ସେତେବେଳେ ସନ୍ତାନର ଜନନୀ ହେବାର ପ୍ରଶ୍ନ ଉଠୁଛି କିପରି ?

ନିର୍ମଳ—କୁହନ୍ତୁ, ଗାୟତ୍ରୀ ଦେବୀ ! ମୁନ୍ନା କ'ଣ ଆପଣଙ୍କର ପୁଅ ନୁହେଁ ?

ଗାୟତ୍ରୀ —ମୁନ୍ନା !

ନିର୍ମଳ —ହଁ, ମୁନ୍ନା । ଯାହାକୁ ଦଶମାସକାଳ ଗର୍ଭରେ ଧରି ନିଜର ଶୋଣିତର ରକ୍ତ ଦେଇ ଜନ୍ମ ଦେଇଥିଲେ, ମୁଁ ସେଇ ମୁନ୍ନା କଥା ପଚାରୁଛି, ଗାୟତ୍ରୀ ଦେବୀ ! ଭଗବାନଙ୍କ ନାମରେ ଶପଥ ନେଇଛନ୍ତି । ଆଉ ମୁଁ ଆଜି ଆପଣଙ୍କୁ ସେଇ ମୁନ୍ନାର ଶପଥ ଦେଇ ପଚାରୁଛି, ସତ କହନ୍ତୁ । ମୁଁ ଯାହା କହିଗଲି ସବୁ କ'ଣ ମିଛ ? କୁହନ୍ତୁ ଗାୟତ୍ରୀ ଦେବୀ, ମୁଁ ଆଜି ମୁନ୍ନାର ଶପଥ ଦେଇ ପଚାରୁଛି ।

ଗାୟତ୍ରୀ— (ଭାଙ୍ଗିପଡ଼ିଲେ) ମୁନ୍ନା··· ! ମୁଁ ଆଜି ସବୁ କହିବି ନିର୍ମଳ, ମୁଁ ସବୁ କହିବି । ମୁଁ ଆଉ ଆଜି ସହିପାରୁନି, କି ନ କହି ରହି ବି ପାରୁନି ।

ନିର୍ମଳ—କୁହନ୍ତୁ ଗାୟତ୍ରୀ ଦେବୀ, ଗୋଟାଏ ନିର୍ଦ୍ଦୋଷ ଲୋକର ଜୀବନ ଆପଣଙ୍କ statement ଉପରେ ନିର୍ଭର କରୁଛି ।

ଗାୟତ୍ରୀ— ମୁଁ କହୁଛି ନିର୍ମଳ, ଦୀର୍ଘ କୋଡ଼ିଏ ବର୍ଷ ତଳର ସେ କାହାଣୀ— ପ୍ରଫେସର ଗ୍ରେଟରାୟ ହେଉଛନ୍ତି ମୋର ବିବାହିତ ସ୍ୱାମୀ ।

ସାମନ୍ତ—ଗାୟତ୍ରୀ ! !

ନିର୍ମଳ—ଧୈର୍ଯ୍ୟ ଧରନ୍ତୁ, Mr. Samanta !

ସାମନ୍ତ—No, no, she has gone mad.

ଜଜ୍— Order, order, Mr. Samanta ! ଏଇଟା ଅଦାଲତ ବୋଲି ଯେପରି ଆପଣଙ୍କର ମନେରହେ । ବିଚାର କାର୍ଯ୍ୟରେ ବାଧା ସୃଷ୍ଟି କଲେ, ଆଇନ ଆଖିରେ ତା ଏକ ଧର୍ତ୍ତବ୍ୟ ଅପରାଧ । Yes, ଗାୟତ୍ରୀ ଦେବୀ ! କୁହନ୍ତୁ ।

ଗାୟତ୍ରୀ— ମୁଁ ଥିଲି ଗୋଟାଏ ସାଧାରଣ ନାଚବାଲୀ । ତଥାପି ଆଜି ମତେ ବିଶ୍ୱାସ କରନ୍ତୁ । ମୋ ଚରିତ୍ରର ଦୃଢ଼ତା, ଆଉ ମନର ପବିତ୍ରତା ନେଇ ମୁଁ ନାଚି ଚାଲିଥିଲି । ମୋ ଜୀବନକୁ ଉଚ୍ଛୃଙ୍ଖଳତା ତିଳେ ହେଲେ ସ୍ପର୍ଶ କରି ନ ଥିଲା । ହଠାତ୍ ଦିନେ ଦେଖାହେଲା ପ୍ରଫେସର ଗ୍ରେଟରାୟଙ୍କ ସହିତ । ପ୍ରଥମ ଦେଖା ପରେ ଦୁହେଁ ଦୁହିଁଙ୍କି ଭଲପାଇବସିଲୁଁ ।

ନିର୍ମଳ—ତା ପରେ ସେ ଆପଣଙ୍କୁ ଧର୍ମିରଙ୍ଗାର୍ଥିକୁ ଉଦ୍ଧାର କରିଥିଲେ କୁଳବଧୂର ସମ୍ମାନ ଦେଇ, ଯାହା ପ୍ରତ୍ୟେକ ନାରୀର ଚିରବାଞ୍ଛିତ ।

ଗାୟତ୍ରୀ—ହଁ, କିନ୍ତୁ ଭାଗ୍ୟର ନିର୍ମମ ପରିହାସ । ମୋ ସୁଖଶାନ୍ତିଭରା ଜୀବନ-ଆକାଶରେ ଅଶୁଭ ଲଞ୍ଜାତାରା ଭଳି ଦେଖାଦେଲା ତାଙ୍କ ମହମ୍ମଦ । ଆଉ ସେ ଜାନୁଆର୍ ର କାମନାବହ୍ନିରେ ମୁଁ ଜଳିଯିବା ପୂର୍ବରୁ ମୋର ସ୍ୱାମୀ ତାକୁ ଖୁନ୍ କଲେ । ତା ପରେ ସେ ଚାଲିଗଲେ ଜେଲ୍ । ଦୀର୍ଘ କୋଡ଼ିଏ ବର୍ଷର କଏଦୀ ଜୀବନ ।

ନିର୍ମଳ—ତା ପରେ ?

ଗାୟତ୍ରୀ—ଲୁହ ଛଳ ଛଳ ଆଖିରେ ତାଙ୍କୁ ବିଦାୟ ଦେଇ ଦୁଇ ବର୍ଷର ଶିଶୁ ମୁନ୍ନାକୁ ଧରି ମୁଁ ଫେରିଆସିଲି । ଏକେଲା ଜୀବନର ଅନ୍ତର୍ଦାହ ନେଇ ତାଙ୍କର ବିରହରେ ମୁଁ ଯେତେବେଳେ ତିଳ ତିଳ ହୋଇ ଜଳୁଥିଲି, ଆଖିରୁ ଲୁହ ଢାଳୁଥିଲି, ସେତେବେଳେ ଏଇ ଶିକ୍ଷିତ ସମାଜର ବହୁ ସମ୍ମାନିତ ଲୋକ ମୋର ଦେହଟା ପ୍ରତି ଆକୃଷ୍ଟ ହୋଇ ଅଶ୍ଳୀଳ ଇଙ୍ଗିତ ଦେବାକୁ ଲାଗିଲେ । ଆଉ ସେଇ ସଇତାନ ଦଳର ଲୋଲୁପ ଦୃଷ୍ଟିରୁ ନିଜକୁ ବଞ୍ଚାଇ ରଖିବାର ଅନ୍ୟ ଉପାୟ ନ ଦେଖି ମୁନ୍ନାକୁ ଧରି କଲିକତା ଛାଡ଼ି ଓଡ଼ିଶାକୁ ଚାଲିଆସିଲି ।

ସାମନ୍ତ—ଗାୟତ୍ରୀ ! ତମେ ତାହାହେଲେ ସାରାଜୀବନ ଧରି ମୋ ସହିତ ଅଭିନୟ କରିଗଲ, ନା ? ମୋର ସରଳ ବିଶ୍ୱାସରେ ବିଷ ମିଶାଇ ତୁମେ ମତେ ବେଶ୍ ଠକିପାରିଛ, ଗାୟତ୍ରୀ ! ଛଳନାମୟୀ·· ପତିତା···

ଜଜ୍—Mr. Samanta !

( Mr. Samanta ଉଠି ବାହାରିଗଲେ ଆଉ ରହିବାର ଧୈର୍ଯ୍ୟ ତାଙ୍କର ନ ଥିଲା)

ନିର୍ମଳ—Mr. Samanta କ'ଣ ଆପଣଙ୍କର ବିବାହିତ ସ୍ୱାମୀ ?

ଗାୟତ୍ରୀ—ମଣିଷ ମାତ୍ରକେ ସ୍ୱାର୍ଥପର । ସେ ଦେବତା ହୋଇପାରେ ନା, ନିର୍ମଳ ଆଉ ମୁଁ ବି ସେଇ ସ୍ୱାର୍ଥର ଶିକାର ହୋଇଗଲି । ଗୋଟାଏ ଦୁର୍ବା

ମୁହୂର୍ତ୍ତରେ ମୋର ଦେଖାହୁଏ Mr. Samantaଙ୍କ ସହ । ଆଉ ତା ପରେ ପରେ ଆମେ ବିବାହ ବନ୍ଧନରେ ଆବଦ୍ଧ ହେଇପଡ଼ୁ । ପବିତ୍ର ବୈଦିକ ରୀତିରେ ଆମର ବିବାହ ହୋଇଗଲା; କିନ୍ତୁ ଜୀବନର ସେଇ ଗୋଟାଏ ଭୁଲ ମୁଁ କରିଛି, Mr. Samantaଙ୍କୁ ମିଛ କଥା କହିଛି । ସେ ମୋର ଅତୀତ ଜାଣିବାର ସୁଯୋଗ ପାଇ ନ ଥିଲେ । କାରଣ, ମୁଁ ତାଙ୍କୁ ଗୋଟାଏ କୁମାରୀ ବୋଲି ପରିଚୟ ଦେଇଥିଲି ।

ନିର୍ମଳ—Your honour, ବର୍ତ୍ତମାନ ମୋ କଥାର ସତ୍ୟତା ଆପଣ ବେଶ୍ ଉପଲବ୍ଧି କରିପାରୁଥିବେ । ରକ୍ତକଣିକାରେ ଉଚ୍ଛୃଙ୍ଖଳତାର ସ୍ୱାକ୍ଷର ବହନ କରି ଗୋଟାଏ ନାଚବାଲୀ କେବେହେଲେ ସୁଗୃହିଣୀ ହେଇପାରେ ନା, ପତିବ୍ରତା ହେଇପାରେ ନା । ସେମାନଙ୍କର ଜନ୍ମ ଖାଲି ନାଚିବା ପାଇଁ ।

ଗାୟତ୍ରୀ—ନିର୍ମଳ ! ମଣିଷ ମାତ୍ରେ ଭୁଲ୍ କରେ । ମୁଁ ବି ଭୁଲ କରିଛି । କିନ୍ତୁ ମୁଁ ଆଜି ଜଣ ଜଣ କରି ପଚାରୁଛି, ଆପଣମାନେ ଶପଥ କରି କହିପାରିବେ ଯେ, ଆପଣମାନେ କେହି କେବେ ଭୁଲ କରିନାହାନ୍ତି ବୋଲି ? ଆଉ ସେଇ ଗୋଟାଏ ଭୁଲର ପ୍ରାୟଶ୍ଚିତ୍ତ କରିବାକୁ ଯାଇ ସାରାଜୀବନ ମୁଁ ଜଳିଛି, ରକ୍ତ କାନ୍ଦିଛି । ତଥାପି ମୋ ଭୁଲର ମୁଁ ଯଥେଷ୍ଟ ପ୍ରାୟଶ୍ଚିତ୍ତ କରିଛି । ତମର ମା' ଯଦି ଆଜି ମୋର ଭଳି ଭୁଲ କରିଥାନ୍ତା, ତାକୁ କଣ ତମେ କ୍ଷମା କରନ୍ତନି ?

ନିର୍ମଳ—ଆପଣ ଆହୁରି ଜଳିବେ, ଗାୟତ୍ରୀ ଦେବୀ ! ଜଳି ଜଳି ଅଙ୍ଗାର ହେଇଗଲେ ବି ଆପଣଙ୍କ ପାଇଁ କାହା ଆଖିରୁ ଟୋପାଏ ହେଲେ ଲୁହ ଝରିବନି । ଯେ ନିଜର ସ୍ୱାମୀ ବଞ୍ଚି ଥାଉଁ ଥାଉଁ ଆଉ ଗୋଟାଏ ସ୍ୱାମୀ ଗ୍ରହଣ କରିପାରେ, ମା ହେଇ ଯେ ନିଜର ସନ୍ତାନକୁ ତଣ୍ଟି ଚିପି ମାରିଦେଇପାରେ, ସେଭଳି ଗୋଟାଏ କଳାନାଗୁଣୀକୁ ଜଳନ୍ତା ନିଆଁରେ ପକାଇଦେବା ଦରକାର ।

ଗାୟତ୍ରୀ—ମତେ ସେଇ ଜଳନ୍ତା ନିଇଁ ଉପରେ ଜାଳିଦେଇ ପାରିବୁ, ନିର୍ମଳ ! ତେବେ ଶୁଣ୍ ! ମୁନ୍ନା ମରିନି । ସେ ଏବେ ବି ବଞ୍ଚିଛି ।

ଇନ୍ଦ୍ରଜିତ—ଗାୟତ୍ରୀ !

ନିର୍ମଳ—ଗାୟତ୍ରୀ ଦେବୀ !

ଗାୟତ୍ରୀ—ହଁ, ନିର୍ମଳ ! ତୁ ହଉଚୁ ମୋର ସେଇ ମୁନ୍ନା । ମତେ ବିଶ୍ୱାସ କର୍, ନିର୍ମଳ ! ତୁ ହଉଚୁ ମୁନ୍ନା । (ଇନ୍ଦ୍ରଜିତଙ୍କୁ ଲକ୍ଷ୍ୟ କରି) ତମେ ମତେ ବିଶ୍ୱାସ କର; ଆଜି ଆଉ ମିଛ କହି ମୋର କ'ଣ ବା ଲଭ ! ଏଇ ନିର୍ମଳ ହେଉଚି ତମର ମୁନ୍ନା ।

ନିର୍ମଳ—ମୁଁ…ମୁଁ…

ଗାୟତ୍ରୀ—ହଁ, ତୁ । Mr. Samantaଙ୍କ ଆଗରେ ନିଜକୁ କୁମାରୀ ବୋଲି ପରିଚୟ ଦେଲି ପରେ, ତତେ ମୋର ପୁଅ ବୋଲି କହିବାର ସତ୍‌ସାହସ ମୁଁ ହରେଇବସିଲି । ଆଉ ସେଇଥିପାଇଁ ତତେ ଛାଡ଼ିଦେଇଥିଲି ଅପୂର୍ବ ଅବିନାଶ ଦାସଙ୍କ ଘର ବାରଣ୍ଡାରେ । ସେ ତତେ ତୋଲିନେଇଥିଲେ ନିଜ ଛାତି ଉପରକୁ । ପୁଅଭଳି ବଢ଼େଇ ମଣିଷ କରିଥିଲେ । ତଥାପି ମୋର ଦୃଷ୍ଟି ବରାବର ତୋ ଉପରେ ଥିଲା, ମୁନ୍ନା ! ଆଉ ଖାସ୍ ସେଇଥିପାଇଁ କାବେରୀ ସହିତ ତୋ ମିଳାମିଶାରେ ମୁଁ ନିଷ୍ଠୁର ହାତରେ ବାଧା ଦେଇଥିଲି । ସେ ତୋର ଭଉଣୀ, ମୁନ୍ନା !

ନିର୍ମଳ—ନା ନା, ଏହା ହେଇପାରେନା । ମିଛ କଥା ।

ଗାୟତ୍ରୀ—ବିଶ୍ୱାସ କରୁନୁ ? ତେବେ ନେ, ତୋ ରକ୍ତ ସାଙ୍ଗରେ ମୋ ରକ୍ତକୁ ମିଳେଇ ଦେଖ୍, ମୁନ୍ନା, ତା ମିଶୁଚି କି ନାହିଁ ?

( ନିଜ ମୁଣ୍ଡରେ ନିଜର କାଚକୁ ପିଟିଦେଲେ । କପାଳରୁ ରକ୍ତ ଝରି ପଡ଼ିଲା )

ନେ, ନେ, ନିର୍ମଳ । ମୋର ଏଇ ପବିତ୍ର ରକ୍ତରେ ଉଚ୍ଛୃଙ୍ଖଳତାର ଗୋଟାଏ ବି କଣିକା ନାହିଁ, ମୁନ୍ନା !

ନିର୍ମଳ—ବୋଉ !…ବାପା !…  ( ଉଭୟଙ୍କୁ ଗ୍ରହି )

ଗାୟତ୍ରୀ—ତମେ ତୁମର ମୁନ୍ନାକୁ ଚିହ୍ନି ପାରୁନ ? ନଅ, ତାକୁ ତମ ଉପରକୁ ତୋଳିନଅ । ଯା, ମୁନ୍ନା ! ତୋର ବାପାଙ୍କ ପାଖକୁ ଯା,···ଯା···

ଇନ୍ଦ୍ରଜିତ—( ଆନନ୍ଦାତିଶଯ୍ୟରେ ) ହଁ ହଁ, ମୁଁ ଆଜି ମୋ ମୁନ୍ନାକୁ ଚିହ୍ନି ପାରୁଛି, ଗାୟତ୍ରୀ ! ଆ, ଆ, ବାପା !

(ହାତ ବଢ଼ାଇଲେ)

(କହୁଲା ବେଳକୁ ଅତିଶଯ୍ୟ ଆନନ୍ଦରେ ହାର୍ଟଫେଲ୍ କରିଗଲେ, ଆଉ କାଠଗଡ଼ା ଭିତରେ ଟଳି ପଡ଼ିଲେ । )

ନିର୍ମଳ—(ଚିତ୍କାର କରିଉଠି) ବାପା !!

—ଯବନିକା ନଇଁ ଆସିଲା—